READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524





'ସାଇ ସଚ୍ଚରିତ'ର ଓଡ଼ିଆ ଅନୁବାଦ ପୁସ୍ତକ ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ


ବର୍ଷ-୨ ସଂଖ୍ୟା-୪୨ ୨୯ ଅକ୍ଟୋବର - ୦୪ ନଭେମ୍ବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-42 29th OCTOBER - 04th NOVEMBER, 2018 BHUBANESWAR ₹ 5/- (8 Pages)


# ସିବିଆଇରେ ସଙ୍କଟ : ଦୁଇ ସପ୍ତାହରେ ତଦନ୍ତ

**ନୂଆଦିଲ୍ଲୀ :** ପ୍ରଶ୍ନ ଘେରରେ ଏବେ ଦେଶର ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ। ଏହି ସଂସ୍ଥାର ଦୁଇ ଶୀର୍ଷ ଅଧିକାରୀଙ୍କ ଭିତରେ ବିବାଦ ଓ ଆରୋପ ପ୍ରତ୍ୟାରୋପ ଘଟଣା ଉଗ୍ରରୂପ ନେଇଛି। ଯେଉଁସବୁ ଘଟଣା ଘଟିଛି ତାହା ସିବିଆଇର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ସହିତ ବିଭାଗ ପାଇଁ ମେଞ୍ଚା ମେଞ୍ଚା କଳଙ୍କ ନେଇ ଆସିଛି। ତେବେ ଏହି ବିବାଦ ଆଜିର ନୁହେଁ। ଏହା ବହୁ ପୁରୁଣା। ଯାହା ସମ୍ପ୍ରତି ଚରମ ରୂପ ଧାରଣ କରିଛି। ଏହା ବିରୋଧୀଙ୍କୁ ମୋଦି ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଯଥେଷ୍ଟ ଖୋରାକ ଯୋଗାଇ ଦେଇଛି। କେନ୍ଦ୍ର ସରକାରର ସ୍ୱଚ୍ଛତା ଉପରେ ଏହା ମଧ୍ୟ ସନ୍ଦେହ ସୃଷ୍ଟି କଲାଣି। ବର୍ତ୍ତମାନ ସିବିଆଇର ଭାବମୂର୍ତ୍ତି ରକ୍ଷା କରିବା ପାଇଁ ପଦକ୍ଷେପ ଆରମ୍ଭ କରିଛନ୍ତି କେନ୍ଦ୍ର ସରକାର। ଯାହାକୁ ନେଇ ଦେଶରେ ରାଜନୀତି ତେଜିବାରେ ଲାଗିଛି। ବିରୋଧୀଙ୍କ ଯୁକ୍ତି ହେଲା ଆଲୋକ ବର୍ମା ବିବାଦୀୟ ରାଫେଲ ଡିଲ୍ ଉପରେ ଲଗାତର ପ୍ରଶ୍ନ ଉଠାଇ ଆସୁଥିଲେ। ତେଣୁ ପ୍ରତିହିଂସା ପରାୟଣ ହୋଇ କେନ୍ଦ୍ର ସରକାର ତାଙ୍କୁ ପଦରୁ ହଟାଇ ଦେଇଛନ୍ତି। ସିବିଆଇ ଏବେ ବିଜେପି ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନରେ ପରିଣତ ହୋଇଥିବା ଦର୍ଶାଇ ସରକାରଙ୍କ ରାତିଅଧିଆ କାର୍ଯ୍ୟାନୁଷ୍ଠାନକୁ ତୀବ୍ର ବିରୋଧ କରିଛି କଂଗ୍ରେସ। କଂଗ୍ରେସର ଅଭିଯୋଗ ହେଲା ବର୍ତ୍ତମାନର ସରକାର



ଅମଳରେ ଦେଶର ସାମ୍ବିଧାନିକ ସଂସ୍ଥା ତଥା ଏଜେନ୍ସି ଏବେ ସଙ୍କଟରେ। ଅନ୍ୟପଟେ ସରକାରଙ୍କ ଯୁକ୍ତି ହେଲା, ସିଭିସିଙ୍କ ସୁପାରିସ ଅନୁସାରେ ହିଁ ଯାହା ପଦକ୍ଷେପ ନିଆଯାଇଛି। କାରଣ ସିବିଆଇ ଆଇନ୍‌ର-୪୧ନଂ ଧାରା ଅନୁସାରେ ସିଭିସି ଏହି ତଦନ୍ତ କରିପାରିବେ। ସେହିପରି ଉଭୟ ବର୍ମା ଓ ଆସ୍ଥାନା ତଦନ୍ତରେ ନିର୍ଦ୍ଦୋଷ ପ୍ରମାଣିତ ହେଲେ ସେମାନେ ସେମାନଙ୍କ ପଦକୁ ଫେରିପାରିବେ। ସୂଚନାନୁସାରେ ଛୁଟିରେ ଥିବା ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ରହିଥିବା ଅଭିଯୋଗଗୁଡ଼ିକର ତଦନ୍ତ ଦୁଇ ସପ୍ତାହ ➤ ପୃ-୬

## 'ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଶ୍ୱବ୍ୟାପୀ ହେବ'




**ଭୁବନେଶ୍ୱର :** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ସହ ଦେଶ ବିଦେଶରେ ରହୁଥିବା ଓଡ଼ିଆଙ୍କ ପାଖରେ ଓଡ଼ିଆ ଭାଷାକୁ ପହଞ୍ଚାଇବା ଦିଗରେ ନୂଆ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ଓଡ଼ିଆ ଭାଷା ଭଣ୍ଡାରକୁ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିବା ଓଡ଼ିଆ ଭର୍ଚୁଆଲ୍ ଏକାଡେମୀକୁ ସମ୍ପୂର୍ଣ୍ଣ ନୂଆ ରୂପ ସହ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀର ନୂତନ ୱେବ୍ ପୋର୍ଟାଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଓଡ଼ିଆ ସାହିତ୍ୟର ଏହି ଭର୍ଚୁଆଲ୍ ଭଣ୍ଡାର ପୂର୍ବାପେକ୍ଷା ଆହୁରି ଉନ୍ନତ ହେବ। ଦୁର୍ଲଭ ଓଡ଼ିଆ ପୁସ୍ତକ, ଅଭିଧାନ, ପ୍ରାଚୀନ ପତ୍ରପତ୍ରିକା, ପୁରାତନ ସଙ୍ଗୀତ, ପ୍ରାଚୀନ ପୋଥି, ବିଶିଷ୍ଟ ବ୍ୟକ୍ତିଙ୍କ ଅଭିଭାଷଣ, ଶ୍ରୀଜଗନ୍ନାଥ ସଂସ୍କୃତି, ମନ୍ଦିର ଓ ସ୍ଥାପତ୍ୟ ଆଦିକୁ ଡିଜିଟାଇଜେସନ୍ ରୂପରେ ଓଡ଼ିଆ ଭାଷାପ୍ରେମୀ ଦେଖିପାରିବେ। ୱେବ୍ ପୋର୍ଟାଲ୍‌କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଭାଷା ଅତି ସମୃଦ୍ଧ। ଏହା ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପାଇଛି। ମଧ୍ୟଯୁଗ ଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଉଚ୍ଚମାନର ସାହିତ୍ୟ ସୃଷ୍ଟି ହୋଇଛି। ସେଗୁଡ଼ିକର ଡିଜିଟାଇଜେସନ୍, ସଂରକ୍ଷଣ ଓ ପ୍ରଚାରର ➤ ପୃ-୬

## ବିଜେଡିକୁ ଦାମ ଡର !



**ଭୁବନେଶ୍ୱର :** ସବୁବେଳେ ବିବାଦୀୟ ଓ ଚମକଦାର ବୟାନ ଦେଇ ଚର୍ଚ୍ଚାରେ ରହି ଆସୁଥିବା ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଏବେ ବିଜେଡି ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛନ୍ତି। ବିଜେଡିକୁ ଆଗରୁ ଏସବୁ ହଜମ ହେଉନଥିଲା, ଏବେ କିନ୍ତୁ ଏହା ହଇଜା ପରି ଦଳ ଭିତରେ ବ୍ୟାପୀଗଲାଣି। ଦଳରେ ଥିବାବେଳେ ଦାମ ବାବୁ ମିଡିଆରେ ଦେଉଥିବା ମନ୍ତବ୍ୟ ଅନେକ ନେତା ଅଫିସରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିଲା। ସେମାନେ ନା କହି ପାରୁଥିଲେ, ନା ସହିପାରୁଥିଲେ । ଶେଷରେ ମିଳିତ ଭାବେ ଦାମଙ୍କ ବିରୋଧରେ ଅଭିଯୋଗ ଆଣିଲେ ଯେ, ଦାମ କଂଗ୍ରେସ ଆଉ ଭାରତୀୟ ଜନତା ପାର୍ଟି ସହିତ ମିଶି ଦଳ ବିରୋଧି କାର୍ଯ୍ୟ କରୁଛନ୍ତି । ଏଭଳି ଅନେକ ଗୁଡିଏ ଅଭିଯୋଗ ପାଇବା ପରେ ବିଜେଡି ହାଇକମାଣ୍ଡ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ୧୨ ସେପ୍ଟେମ୍ବରରେ ଦଳରୁ ବହିଷ୍କାର କରିଥିଲେ। ଏହି ବହିଷ୍କାର ଉପର ମହଲାର ରଚନାତ୍ମକ ନାଟକ ବୋଲି ମଧ୍ୟ ଅନ୍ୟ ଦଳର ନେତାମାନେ କହୁଛନ୍ତି । ତେବେ ବିଜେଡି ନେତାଏ ଭାବୁଥିଲେ ଦଳରୁ ଦାମ ବିଦା ହେଲା ପରେ ମାନସିକ ସ୍ତରରେ ଭାରାକ୍ରାନ୍ତ ହୋଇ ସେ ନିଜ ତୁଣ୍ଡରେ ତୁଣ୍ଡି ପକାଇଦେବେ । ହେଲେ ସେଭଳି କିଛି ➤ ପୃ-୬

# ନିବେଶକଙ୍କୁ ସହଯୋଗର ଭରସା ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଇସ୍ପାତ ମନ୍ତ୍ରାଳୟ, ସିଆଇଆଇ ଏବଂ ମେକନର ସହଭାଗୀତାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବା ସହ କହିଥିଲେ ଯେ, ଓଡ଼ିଶା ହେଉଛି ଖଣିଜ ସମ୍ପଦଭରା ଏକ ରାଜ୍ୟ। ଭାରତର ସମଗ୍ର ଖଣିଜ ଉତ୍ପାଦନର ୧୪% ଓଡ଼ିଶାରୁ ହିଁ ମିଳିଥାଏ। ଏତଦ୍‌ବ୍ୟତୀତ ଆଇରନ ଉତ୍ପାଦନରେ ଦେଶର ୩/୪ ଭାଗ ଏଠାରୁ ହିଁ ମିଳିଥାଏ। ୩୦୦ ମିଲିୟନ ଟନ୍‌ର ଲକ୍ଷ୍ୟ ହାସଲ କରିବା ଦିଗରେ ଓଡ଼ିଶା ପ୍ରମୁଖ ଭୂମିକା ନିଭାଇବ। ରାଜ୍ୟ ସରକାର ଏଥିପାଇଁ ବୃହତ ନିବେଶକାରୀଙ୍କୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରୁଛି। ସେହିଭଳି ଷ୍ଟିଲ୍ ଉତ୍ପାଦନ ବୃଦ୍ଧି କରିବା ଲାଗି ଓଡ଼ିଶାରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଛି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ତେଣୁ ଓଡ଼ିଶାରେ ଇସ୍ପାତ ଶିଳ୍ପ ଯନ୍ତ୍ରାଂଶ ପ୍ଲାଣ୍ଟ୍ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି ବୋଲି ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବୀରେନ୍ଦ୍ର ସିଂହ ଏହା କହିଥିଲେ।




### ପାରାଦୀପରେ ବିମାନବନ୍ଦର ପ୍ରତିଷ୍ଠା ଯୋଜନା ହେଉଛି : ଧର୍ମେନ୍ଦ୍ର

### ଓଡ଼ିଶାରେ ପ୍ରତିଷ୍ଠା ହେବ ମେସିନ ଟୁଲ୍ ଶିଳ୍ପ ପାର୍କ : ଗୀତେ

ରାଜ୍ୟ ସରକାର ୫୦୦ ଏକର ଜମି ଯୋଗାଇଦେଲେ ଏହି ପ୍ଲାଣ୍ଟ୍ ଓଡ଼ିଶାରେ ପ୍ରତିଷ୍ଠା କରାଯିବ। ଏଥିସହ କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂହ କହିଲେ ଯେ, କନ୍‌କ୍ଲେଭରେ ଦେଶ ବିଦେଶର ବିଭିନ୍ନ କମ୍ପାନୀ ସହ କେନ୍ଦ୍ର ଇସ୍କାତ ମନ୍ତ୍ରାଳୟ ଓ ଭାରୀ ଶିଳ୍ପ ମନ୍ତ୍ରାଳୟ ତରଫରୁ ୩୮ଟି ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଏଥିରେ ମୋଟ ୩୯ ହଜାର ୪୦୦ କୋଟି ଟଙ୍କାର ପୁଞ୍ଜି ନିବେଶ ଲକ୍ଷ୍ୟ ରଖାଯାଇଛି। ଦେଶରେ ଇସ୍ପାତ ଶିଳ୍ପର ବିକାଶ ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ବର୍ତ୍ତମାନର ଉତ୍ପାଦନ ପରିମାଣକୁ ଆହୁରି ବଢ଼ାଇବା ଲାଗି ସରକାର ପଦକ୍ଷେପ ନେଉଛନ୍ତି। ଦେଶରେ ବର୍ତ୍ତମାନ ବାର୍ଷିକ ୧୩୪ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହେଉଛି। ଆହୁରି ୧୭୦ ନିୟୁତ ଟନ୍ ଉତ୍ପାଦନ କରିବାକୁ ➤ ପୃ-୬






## କୃଷିରଣ ଛାଡ କରନ୍ତୁ ରାଜ୍ୟ ସରକାର : ବିଜେପି



**ଭୁବନେଶ୍ୱର :** ପଶ୍ଚିମ ଓଡିଶାରେ ସ୍ୱଳ୍ପ ବୃଷ୍ଟିପାତ ଏବଂ ଜଳ ସେଚନର ଅଭାବ ଯୋଗୁଁ ଚାଷ ଜମି ଫାଟି ଆଁ କଲାଣି । ଏହାର ପ୍ରଭାବରେ ହଜାର ହଜାର ହେକ୍ଟର ଜମିର ଫସଲ ସଂପୂର୍ଣ୍ଣ ଭାବେ ନଷ୍ଟ ହୋଇଛି । ଗୋଟିଏ ପଟେ ଫସଲ ନଷ୍ଟ ଏବଂ ଅନ୍ୟପଟେ ଋଣଭାରରେ ପେଶି ହୋଇ ଗତ ୨ ଦିନ ଭିତରେ କ୍ରମାଗତ ଭାବେ ୪ ଜଣ ଚାଷୀ ଆତ୍ମହତ୍ୟା କରିସାରିଲେଣି । ପ୍ରତିଦିନ ଚାଷୀ ଆତ୍ମହତ୍ୟାର ରିପୋର୍ଟ ଗଣମାଧ୍ୟମରେ ପ୍ରକାଶିତ ହେଉଛି । ଏହା ସତ୍ତ୍ୱେ ରାଜ୍ୟସରକାର ଚାଷୀମାନଙ୍କ ପାଇଁ କୌଣସି ପଦକ୍ଷପେ ଗ୍ରହଣ ନକରି ଚୁପ୍ ବସିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ରାଜ୍ୟ ବିଜେପି ଉପସଭାପତି ସମୀର ମହାନ୍ତି କହିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ଜଳସେଚନର ବିଫଳତା ପାଇଁ ବିଲମୁଣ୍ଡରେ ପାଣି ପହଂଚି ପାରୁନି । ➤ ପୃ-୬

## ଓଡ଼ିଆଙ୍କୁ କୋଢ଼ିଆ କରିଦେଲେ ନବୀନ : ଖାରବେଳ

**ଜଗତସିଂହପୁର :** କୁଜଙ୍ଗ ଦେବୀ ମଣ୍ଡପ ପରିସର ମଧ୍ୟରେ ଶୁକ୍ରବାର ଉତ୍କଳ ଭାରତ ପକ୍ଷରୁ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଳ ସଭାପତି ତଥା ପୂର୍ବତନ ବାଲେଶ୍ୱର ସାଂସଦ ଖାରବେଳ ସ୍ୱାଇଁ ନିଜ ବକ୍ତବ୍ୟରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହିତ ଉତ୍କଳ ଭାରତ ହିଁ ଓଡ଼ିଆଙ୍କ ଭାଗ୍ୟରେ ପରିବର୍ତ୍ତନ



କରିପାରିବ ବୋଲି ଦାବି କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ତାଙ୍କ ଦଳକୁ ଭୋଟଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଛନ୍ତି। ସେ ତାଙ୍କର ଦୀର୍ଘ ବକ୍ତବ୍ୟରେ ରାଜ୍ୟ ସରକାରଙ୍କର ତୀବ୍ର ସମାଲୋଚନା କରିଥିଲେ। କହିଥିଲେ ଯେ,ନବୀନ ବାବୁ ଦୀର୍ଘ ୧୮ ବର୍ଷ ଶାସନ ମଧ୍ୟରେ ଓଡ଼ିଆଙ୍କୁ କୋଢ଼ିଆ କରିଦେଇଛନ୍ତି। କଟକରେ ତେଲେଙ୍ଗାପେଣ୍ଠ ଏବଂ ବାଲେଶ୍ୱରରେ ତେଲେଙ୍ଗା ବଜାର ଅଛି। ପ୍ରାୟ ୪୦ ➤ ପୃ-୬

## ବକ୍ରବାଣୀ



ଯାହା ଦେଖିଥିଲେ ନିଜେ ଏକା ଯାଇକି
ବାକି ମାମୁଁ ବୁଲେଇବେ ଏବେ ନେଇକି
ବୁଲେଇ ବୁଲେଇ ଆଣି ଘରେ ଛାଡିବେ
ଦେଖିକି ଭଣଜା ଟୁଇଟରେ ମାତିବେ
ଜଗତେ ହେବେ ସେ ହିରୋ ଏକ ନମ୍ବର
ଖୋଲିବେ ତାଙ୍କର ଗୋଟେ ନୂଆ ଚ୍ୟାମ୍ବର
ଲଙ୍ଗୁଳା ମୂର୍ତ୍ତିକୁ ନେଇ ବହି ଲେଖିବେ
ପାଠୁଆ ପିଲାଏ ପଢ଼ି ସବୁ ଶିଖିବେ
ସତେ ଯେ କି ନୂଆ କଥା କାନ ଶୁଣିଲା
ଭୁଲ ମାଗି ଲଣ୍ଡା ଶେଷେ ବନ୍ଧା ହୋଇଲା ।

—— ଟୁଟୁ

# କୋରୀକୁ ଭୁଲିଗଲା କାଳିଆ

## ଏବେ ଅସହାୟ ଅବସ୍ଥା

**ବ୍ରହ୍ମପୁର, (ଡି. ସାବତ) :** ଏପଟେ ପାର୍ବଣ ମୁଖର ସାରା ବ୍ରହ୍ମପୁର । କେତେ ସାଜସଜ୍ଜା ସାରା ସହର । ଘରେ ଘରେ ନାନାଦି ପିଠା ପଣା ଆଉ ନୂଆ ଜାମା ଲୁଗା ପାଇଁ ବଜାରରେ ଭିଡ । କେଉଁଠି ସତରଙ୍ଗୀ ଆଲୋକରେ ସଜ୍ଜିତ ମେଢ ଝଲଶି ଉଠୁଛି, ତ କେଉଁଠି ସାତପଟୁଆର ସାଙ୍ଗେ ନେଇ ଭଷାଣି ଯାତ୍ରା ମାଇଲ ମାଇଲ ବାଟ ମାଡି ଚାଲିଛି। ସେପଟେ ତିତ୍‌ଲି ବିପର୍ଯ୍ୟୟର ତାଲିକା ନେଇ ତହସିଲରୁ ଗାଁ ଆଉ ସାହି ପର୍ଯ୍ୟନ୍ତ ନେତା ଅଫିସରଙ୍କ ଭିଡ ପ୍ରବଳ। ବନ୍ୟା ବିପ୍ୱାତର ପରବର୍ତ୍ତି ପରିଣତି ଦେଖିବାକୁ ଗାଁରେ ପ୍ରମୁଖ ରାଜନୈତିକ ଦଳଗୁଡିକର ସୁଅ ଛୁଟୁଛି। କାହାର



କେତେ ଗଲା, କେତେ ରହିଲା ସୁବିଧା-ଅସୁବିଧା ଆଦି କ୍ଷୟ କ୍ଷତିର ହିସାବ ନିକାଶରେ ଲାଗିପଡିଛନ୍ତି ସଭିଏ । ହେଲେ କୋରୀ ପାଇଁ ଏସବୁ ସମ୍ପୂର୍ଣ୍ଣ ମୂଲ୍ୟହୀନ । ତିତ୍‌ଲି ତାଣ୍ଡବ ଠାରୁ ଭୟଙ୍କର ତା' ବିପତ୍ତି । ଦୁର୍ବିପାକଠୁ ଅହୁରି ଦୟନୀୟ ତା ଅବସ୍ଥାକୁ ନା କେହି ଦେଖିପାରୁଛନ୍ତି, ନା ସେ ନିଜ ଦୁଃର୍ଦ୍ଦଶା କାହାକୁ ଜଣାଇପାରୁଛି। ତା'ପାଇଁ ଶାସନ ବ୍ୟବସ୍ଥା ଯେମିତି ସ୍ଥାଣୁ ପାଲଟି ଯାଇଛନ୍ତି । ମାନବିକତାର ମୂଲ୍ୟବୋଧ ତା'ପାଇଁ ଶୂନ୍ୟ ହୋଇଯାଇଛି ।

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅଧିନସ୍ଥ ପାଟପୁର ଗ୍ରାମର ଗୌରଚଣ୍ଡୀସାହିରେ ୯୦ ବର୍ଷୀୟ ବୃଦ୍ଧା କୋରୀ ମହାନ୍ତିର ଘର । ଅଧାପନ୍ତରିଆ ଇନ୍ଦିରା ଆବାସ ଖଣ୍ଡିକର ବାରଣ୍ଡାରେ ଦାଣ୍ଡ ଆଡକୁ ମୁଣ୍ଡକରି ବିକଳରେ ଚାହିଁ ରହିଛି । ରାସ୍ତାରେ ଯାଉଥିବା ➤ ପୃ-୬




EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** – ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**ବୃଷ** – ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି। ବ୍ୟବସାୟରେ ଉନ୍ନତି ଦେଖାଦେବ।

**ମିଥୁନ** – ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି।

**କର୍କଟ** – ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।

**ସିଂହ** – ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

**କନ୍ୟା** – ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

**ତୁଳା** – ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ସପ୍ତାହଟି ଭଲରେ କଟିବ।


**ବିଛା** – ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ସତର୍କତା ଅବଲମ୍ବନ କରିବା ଜରୁରୀ।

**ଧନୁ** – ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

**ମକର** – ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିସ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

**କୁମ୍ଭ** – ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ତେଣୁ ଜଗିରଖି ଚଳିବାକୁ ହେବ।

**ମୀନ** – ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ମୋଦୀଙ୍କୁ ସିଓଲ ଶାନ୍ତି ପୁରସ୍କାର

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୨୦୧୮ ସିଓଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯିବା ଲାଗି ସିଓଲ ଶାନ୍ତି ପୁରସ୍କାର କମିଟି ନିଷ୍ପତ୍ତି ନେଇଛି। ଅନ୍ତର୍ଜାତୀୟ ସହଯୋଗ ଓ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମୋଦୀଙ୍କ ଯୋଗଦାନ, ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ ଦେଇ ମାନବୀୟ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଦୁର୍ନୀତି ନିରୋଧୀ ତଥା ସାମାଜିକ ସଂହତି ପ୍ରୟାସ ଜରିଆରେ ଗଣତନ୍ତ୍ରର ବିକାଶକୁ ଆଗେଇ ନେବା ଦିଗରେ ସମର୍ପିତ ପ୍ରୟାସ ଲାଗି ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ। ଭାରତୀୟ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଗୁଡ଼ିକର ଅଭିବୃଦ୍ଧି କ୍ଷେତ୍ରରେ ଯୋଗଦାନ ଏବଂ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ସାମାଜିକ ଓ ଅର୍ଥନୈତିକ ତାରତମ୍ୟ ହ୍ରାସ କରିବା ଲାଗି 'ମୋଦୀ ଅର୍ଥନୀତି'ର ପ୍ରଚଳନ ଲାଗି ବିବେଚନା କରିଛି। ଦୁର୍ନୀତି ନିରୋଧୀ ପଦକ୍ଷେପ ଏବଂ ବିମୁଦ୍ରୀକରଣ ଜରିଆରେ ସରକାରକୁ ସ୍ୱଚ୍ଛ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପକୁ ସମିତି ଉଚ୍ଚ ପ୍ରଶଂସା କରିଛି। 'ମୋଦୀ ନୀତିସମୂହ' ଏବଂ 'ଆକ୍ଟ ଇଷ୍ଟ୍ ନୀତି' ଜରିଆରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରଗୁଡ଼ିକ ସହ ସକ୍ରିୟ ବୈଦେଶିକ ନୀତି ଜରିଆରେ କ୍ଷେତ୍ରୀୟ ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଯୋଗଦାନକୁ ମଧ୍ୟ ପୁରସ୍କାର ସମିତି ପ୍ରଶଂସା କରିଛି। ଏହି ପୁରସ୍କାରରେ ସମ୍ମାନିତ ହେବାରେ ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ଚତୁର୍ଦ୍ଦଶ ବିଶିଷ୍ଟ ବ୍ୟକ୍ତି। ଏହି ସମ୍ମାନଜନକ ପୁରସ୍କାର ଏବଂ କୋରିଆ ସାଧାରଣତନ୍ତ୍ର ସହିତ ଭାରତର ନିବିଡ଼ ସହଯୋଗ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିବା ସହିତ ଏହି ପୁରସ୍କାରକୁ ସାଦରେ ଗ୍ରହଣ କରିଛନ୍ତି। ଆପୋସ ଭାବେ ନିର୍ଦ୍ଧାରିତ ଉପଯୁକ୍ତ ସମୟରେ ସିଓଲ ଶାନ୍ତି ପୁରସ୍କାର ଫାଉଣ୍ଡେସନ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯିବ। ସୂଚନା ଅନୁସାରେ ୧୯୯୦ରେ ଦକ୍ଷିଣ କୋରିଆର ସିଓଲରେ



ଅନୁଷ୍ଠିତ ଚତୁର୍ବିଂଶ ଅଲିମ୍ପିକ କ୍ରୀଡ଼ାର ସଫଳତା ସ୍ମୃତିରେ ସିଓଲ ଶାନ୍ତି ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ଏହି କ୍ରୀଡ଼ା ମହାକୁମ୍ଭରେ ସାରା ବିଶ୍ୱରୁ ୧୬୦ଟି ରାଷ୍ଟ୍ର ଅଂଶଗ୍ରହଣ କରିଥିଲେ। ଏହି ପୁରସ୍କାରର ଉଦ୍ଦେଶ୍ୟ ସୌହାର୍ଦ୍ଦ୍ୟ ଏବଂ ବନ୍ଧୁତା ତଥା ବିଶ୍ୱବ୍ୟାପୀ ଏକ ଶାନ୍ତିପୂର୍ଣ୍ଣ ଏବଂ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ପ୍ରତିଷ୍ଠା କରିବା। କୋରିଆ ଉପଦ୍ୱୀପ ଏବଂ ଅବଶିଷ୍ଟ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ କୋରିଆର ଲୋକମାନଙ୍କ ଆଗ୍ରହକୁ ପ୍ରତିଫଳିତ କରିବା ଲାଗି ଏହି ପୁରସ୍କାର ପ୍ରତିଷ୍ଠା କରାଯାଇଥିଲା। ପ୍ରତି ଦୁଇ ବର୍ଷରେ ଥରେ ସିଓଲ ଶାନ୍ତି ପୁରସ୍କାର ସେହି ବ୍ୟକ୍ତିବିଶେଷ ମାନଙ୍କୁ ଦିଆଯାଇ ଆସୁଛି ଯେଉଁମାନେ ମାନବୀୟ ସଦଭାବନା, ରାଷ୍ଟ୍ରଗୁଡ଼ିକ ମଧ୍ୟରେ ବନ୍ଧୁତା ଏବଂ ବିଶ୍ୱଶାନ୍ତି ଦିଗରେ ଯୋଗଦାନ କରିଆସୁଛନ୍ତି। ପୂର୍ବରୁ ବିଶ୍ୱସ୍ତରର ବହୁ ବିଶିଷ୍ଟ ବ୍ୟକ୍ତି ଯଥା ମିଳିତ ଜାତିସଂଘର ପୂର୍ବତନ ମହାସଚିବ କୋଫି ଆନ୍ନନ, ଜର୍ମାନ ଚାନସେଲର ଆଞ୍ଜେଲା ମର୍କେଲ ଏବଂ ଡକ୍ଟର୍ସ ୱିଦଆଉଟ ବର୍ଡର୍ସ ଓ ଅକ୍ସଫାମ ଭଳି ବିଶିଷ୍ଟ ଅନ୍ତର୍ଜାତୀୟ ରିଲିଫ ସଂସ୍ଥାକୁ ଏହି ପୁରସ୍କାର ଦିଆଯାଇଛି। ସାରା ବିଶ୍ୱରୁ ୧୩ଶହରୁ ଉର୍ଦ୍ଧ୍ୱ ନାମାଙ୍କନକାରୀଙ୍କ ଉପଲବ୍ଧିକୁ ବିବେଚନା କରିବା ପରେ ପୁରସ୍କାର ସମିତି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଚୟନ କରିବା ସହିତ, ୨୦୧୮ ସିଓଲ ଶାନ୍ତି ପୁରସ୍କାର ପାଇଁ 'ଶ୍ରେଷ୍ଠତମ ପ୍ରାର୍ଥୀ' ଭାବେ ଘୋଷଣା କରିଛି।

## ଜେୟୁଡି ଉପରୁ କଟକଣା ହଟାଇଲା ପାକିସ୍ତାନ

**ଇସ୍‌ଲାମାବାଦ :** ମୁମ୍ବାଇ ହମ୍‌ଲାର ମାଷ୍ଟରମାଇଣ୍ଡ ହାଫିଜ୍ ସୈଦ୍‌ର ସଂଗଠନ ଜମାତ୍-ଉଦ୍-ଦାୱା (ଜେୟୁଡି) ଆଉ ପାକିସ୍ତାନରେ ଆତଙ୍କୀ ସଂଗଠନ ନୁହେଁ। ଜେୟୁଡି ଓ ଫଲାହ-ଇଇନ୍-ସାନିୟତ୍ ଫାଉଣ୍ଡେସନ୍ (ଏଫ୍‌ଆଇଏଫ୍) ପାକିସ୍ତାନର ବ୍ୟାନ୍ ତାଲିକାରୁ ବାଦ୍ ପଡ଼ିଛି। ଏହି ଦୁଇଟି ସଂଗଠନ ଆଉ ବ୍ୟାନ୍ ତାଲିକାରେ ନାହିଁ ବୋଲି ପାକିସ୍ତାନୀ କୋର୍ଟଙ୍କୁ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି ବୋଲି ପାକ୍ ଗଣମାଧ୍ୟମରେ ପ୍ରକାଶ ପାଇଛି। ଅନ୍ତର୍ଜାତୀୟ ଚାପ ଓ ପାକିସ୍ତାନକୁ ସାମରିକ ଓ ଆର୍ଥିକ ସହାୟତା ବନ୍ଦ କରିବା ଲାଗି ଆମେରିକାର ଧମକ ପରିପ୍ରେକ୍ଷୀରେ ପୂର୍ବତନ ରାଷ୍ଟ୍ରପତି ମାମ୍‌ନୁନ୍ ହୁସେନ୍ ୨୦୧୮ ଫେବୃଆରୀରେ ଏକ ଅଧାଦେଶରେ ସ୍ୱାକ୍ଷର କରିଥିଲେ। ଏହି ଅଧାଦେଶ ଦ୍ୱାରା ପାକିସ୍ତାନର ଆତଙ୍କବାଦ ନିରୋଧ ଆଇନରେ ସଂଶୋଧନ ହୋଇଥିଲା। ଜାତିସଂଘ ସୁରକ୍ଷା ପରିଷଦ ପକ୍ଷରୁ ଯେଉଁସବୁ ସଂଗଠନକୁ ଆତଙ୍କୀ ସଂଗଠନ ଘୋଷଣା କରାଯାଇଥିଲା, ସେହି ଅନୁଯାୟୀ ପାକିସ୍ତାନ ପଦକ୍ଷେପ ଗ୍ରହଣ କରିଥିଲା।

# ଦେଶରେ ରାଜନୈତିକ ହିଂସାକୁ ପ୍ରଶ୍ରୟ ଦିଆଯିବନି : ଟ୍ରମ୍ପ

**ୱାଶିଂଟନ :** ଡାକରେ ବୋମା ପଠାଇଦେଲେ ଡ଼ରିବି ନାହିଁ, ବରଂ ଦୁଇଗୁଣ ସାହସରେ ଅଜଣା ଆତଙ୍କବାଦୀକୁ ମୁକାବିଲା କରିବି ବୋଲି ଏଭଳି ମନ୍ତବ୍ୟ ଦେଇଛନ୍ତି ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବୁଧବାର ଅଜଣା ସ୍ଥାନରୁ ହିଲାରୀ କ୍ଲିଣ୍ଟନ ଓ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ନିକଟକୁ ପାର୍ସଲ ବୋମା ପଠାଯାଇଥିଲା। ବୋମା ନିଷ୍କ୍ରିୟକାରୀ ଦଳ ସେମାନଙ୍କ ଘରେ ପହଞ୍ଚି ବିସ୍ଫୋରକ ଡିଭାଇସ୍ ଅକାମୀ କରିଥିଲେ। ଯଦିଓ କୌଣସି ଆତଙ୍କବାଦୀ ସଂଗଠନ ଏଥିପାଇଁ ନିଜକୁ ଦାୟୀ କରିନାହାନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍ ଏହାକୁ ରାଷ୍ଟ୍ରୀୟ ଏକତା ପ୍ରତି ବିପଦ ବୋଲି କହିଛନ୍ତି। ଦୋଷୀକୁ ଗିରଫ କରି ଉପଯୁକ୍ତ ଦଣ୍ଡ ଦିଆଯିବ କହି ସେ ଦେଶବାସୀଙ୍କୁ ସାହସର ସହିତ ବଞ୍ଚିବା ପାଇଁ ଆହ୍ୱାନ କରିଥିଲେ। ଭୟ ବିଜଡ଼ିତ ଜୀବନଯାପନ ଅପେକ୍ଷା ସାହସର ସହିତ ମୁକାବିଲା କରିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଦେଶରେ କୌଣସି ପ୍ରକାର ରାଜନୈତିକ ହିଂସାକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆମେରିକାର ଗଣତନ୍ତ୍ରକୁ କେହି କ୍ଷତି ପହଞ୍ଚାଇବାକୁ ଚେଷ୍ଟାକଲେ, ତା'ର ଉଚିତ ଜବାବ ଦିଆଯିବ ବୋଲି ଟ୍ରମ୍ପ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କୌଣସି ରାଜନୈତିକ ଗୋଷ୍ଠୀ ଦେଶରେ ଆତଙ୍କର ବାତାବରଣ ସୃଷ୍ଟିକରି ରାଷ୍ଟ୍ରପତି ନିର୍ବାଚନ ଭଣ୍ଡୁର ଯୋଜନା କରୁଥିବା ନେଇ ଟ୍ରମ୍ପ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। ଦେଶରେ ରାଜନୈତିକ ବିଭେଦ ସୃଷ୍ଟି ପାଇଁ ସେ ଡେମୋକ୍ରାଟ୍ ଓ ଗଣମାଧ୍ୟମକୁ ଦାୟୀ କରିଛନ୍ତି। ଗୁରୁବାର



ସକାଳେ ଟ୍ରମ୍ପ୍ ଟୁଇଟ୍ କରିଥିଲେ ଯେ ସମାଜରେ ହିଂସା ବୃଦ୍ଧି ପାଉଥିବାର ମୁଖ୍ୟ କାରଣ ଗଣମାଧ୍ୟମର ବିଭ୍ରାନ୍ତିମୂଳକ ଖବର ପ୍ରସାରଣ। ତାଙ୍କ ମତରେ ଆଜିର ଗଣମାଧ୍ୟମ ତା'ର ପ୍ରକୃତ ଆଭିମୁଖ୍ୟ ଠାରୁ ବହୁତ ଦୂରକୁ ଚାଲିଯାଇଛି। ସବୁଠାରୁ କୌତୂହଳର ବିଷୟ, ଗୁରୁବାର ସେ କୌଣସି ବ୍ୟକ୍ତି ବା ସଂଗଠନର ନାମ ନ ନେଇ ପ୍ରଚାର କାର୍ଯ୍ୟ ଚାଲୁ ରଖିଥିଲେ। ଅପରପକ୍ଷରେ ବିରୋଧୀ ଦଳ ଟ୍ରମ୍ପ୍‌ଙ୍କୁ 'ପାଗଳ' ବୋଲି ଅଭିଯୋଗ କରିଛି। ଟ୍ରମ୍ପ୍ କେତେବେଳେ କ'ଣ କହୁଛନ୍ତି ଓ କରୁଛନ୍ତି, ସେ ନିଜେ ମଧ୍ୟ ଜାଣନ୍ତି ନାହିଁ ବୋଲି ବିରୋଧୀ ଦଳ ଅଭିଯୋଗ କରିଛି। ସମାଜର ପ୍ରତିଷ୍ଠିତ ବ୍ୟକ୍ତି କିମ୍ବା ଗଣମାଧ୍ୟମ ବିରୋଧରେ ବାଚାଳାମୀ କରିବା ଟ୍ରମ୍ପ୍‌ଙ୍କ ସ୍ୱଭାବ ବୋଲି ଡେମୋକ୍ରାଟ୍ କହିଛି। ଆତଙ୍କର ବାତାବରଣ ମଧ୍ୟରେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ସମ୍ଭବ ନୁହେଁ ବୋଲି ରିପବ୍ଲିକାନ୍ ରାଷ୍ଟ୍ରପତି ପ୍ରାର୍ଥୀ ମତବ୍ୟକ୍ତ କରିଛନ୍ତି। ଆସନ୍ତା ନିର୍ବାଚନରେ ଟ୍ରମ୍ପ୍‌ଙ୍କ ବିରୋଧରେ ୩ରୁ ୪ ଜଣ ବ୍ୟକ୍ତି ଲଢ଼ିବାର ସମ୍ଭାବନା ରହିଛି। ଆମେରିକାର ଜଣାଶୁଣା ଐତିହାସିକ ଡୋରିସ କିର୍ନସ୍‌ଙ୍କ ମତରେ ଟ୍ରମ୍ପ୍ ନେତୃତ୍ୱର ସୁଯୋଗ ହରାଉଛନ୍ତି। ପ୍ରତିଦ୍ୱନ୍ଦ୍ୱୀଙ୍କୁ ଡରାଇ ଧମକାଇ ନିର୍ବାଚନରେ ଜିତିବା ଟ୍ରମ୍ପ୍‌ଙ୍କ ହୀନ ଉଦ୍ଦେଶ୍ୟ। ଟ୍ରମ୍ପ୍ ଆମେରିକାର ସାମାଜିକ, ରାଜନୈତିକ ଓ ଜାତୀୟ ସଂହତିକୁ ଭାଗ ଭାଗ କରିବାକୁ ଉଦ୍ୟମ କରୁଛନ୍ତି। ଆମେରିକାବାସୀ କେନେଡୀଙ୍କୁ ଗୁଳିକାଣ୍ଡ ଓ ମାର୍ଟିନ୍ ଲୁଥର୍ କିଙ୍ଗ୍ ଜୁନିଅରଙ୍କ ଦୁର୍ଦ୍ଦଶା ଦେଖିଛନ୍ତି। ତେଣୁ ଆମେରିକାର ଭବିଷ୍ୟତ ଟ୍ରମ୍ପ୍‌ଙ୍କ ଇସାରାରେ ନାଚିବ ନାହିଁ। ସୂଚନାଯୋଗ୍ୟ ଗୁରୁବାର ଆମେରିକାର ୱିସ୍‌କନସିନ୍‌ରେ ନିର୍ବାଚନ ଶୋଭାଯାତ୍ରା ଆରମ୍ଭ କରିବାକୁ ଯାଇ ଟ୍ରମ୍ପ୍ ଅଜଣା ବୋମା ପ୍ରେରକଙ୍କୁ ଟାର୍ଗେଟ୍ କରିଥିଲେ। ସେ କହିଥିଲେ, ଦେଶର ସମ୍ପତ୍ତିକୁ ନଷ୍ଟ କରିବା ଅନୁଚିତ। ନିରୀହ ଦେଶବାସୀଙ୍କ ରକ୍ତରେ ଖେଳିବା ଉଚିତ ନୁହେଁ। ରାଜନୈତିକ ବିଭେଦତାକୁ ଭୁଲି ରାଜନେତାମାନେ ଜାତୀୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ଉଚିତ। ଦେଶରେ ଶାନ୍ତି ଓ ସଦ୍ଭାବ ପ୍ରତିଷ୍ଠା କ୍ଷେତ୍ରରେ ଗଣମାଧ୍ୟମଗୁଡ଼ିକ ଆଗେଇଆସିବା ଉଚିତ ବୋଲି ଟ୍ରମ୍ପ୍ ପରାମର୍ଶ ଦେଇଥିଲେ।

## ଭାରତ ହେବ ତୃତୀୟ ବୃହତ୍ତମ ବିମାନ ବଜାର


**ମୁମ୍ବାଇ :** ବର୍ଦ୍ଧିତ ଯାତ୍ରୀମାନଙ୍କ ସଂଖ୍ୟା ଦୃଷ୍ଟିରୁ ଗତ ଚାରିବର୍ଷରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ ପ୍ରତିଶତ ଦରରେ ବଢୁଥିବା ଭାରତୀୟ ବିମାନ ବଜାର ଆସନ୍ତା ୨୦୨୪ ସୁଦ୍ଧା ବ୍ରିଟେନ୍‌କୁ ପଛରେ ପକାଇ ତୃତୀୟ ବୃହତ୍ତମ ବିମାନ ବଜାର ରୂପେ ପରିଚିତି ହାସଲ କରିବ ବୋଲି ବୈଷୟିକ ଏୟାର୍‌ଲାଇନ୍ ବ୍ୟବସାୟ କମ୍ପାନୀ ଅନ୍ତର୍ଜାତୀୟ ବିମାନ ପରିବହନ ସଙ୍ଘ (ଆଇଏଟିଏ ବା ଆୟଟା) ପୂର୍ବାନୁମାନ କରିଛି। ଆସନ୍ତା ୨୦ ବର୍ଷର ପୂର୍ବାନୁମାନ ରିପୋର୍ଟରେ ଆୟଟା ଏ ସମ୍ପର୍କରେ ଉଲ୍ଲେଖ କରିଛି। ଆସନ୍ତା ୨୦ବର୍ଷ ଅର୍ଥାତ୍ ୨୦୩୭ ସୁଦ୍ଧା ବିଶ୍ୱରେ ମୋଟ ୫୭.୨ କୋଟି ନୂତନ ଯାତ୍ରୀଙ୍କ ମଧ୍ୟରୁ ଭାରତରୁ ୪୧.୪ କୋଟି ଯାତ୍ରୀ ସାମିଲ ହେବେ।ବର୍ତ୍ତମାନ ସମୟରେ ଭାରତ ବିଶ୍ୱର ସପ୍ତମ ବୃହତ୍ତମ ବିମାନ ବଜାର ବୋଲି ରିପୋର୍ଟରେ କୁହାଯାଇଛି। ବର୍ତ୍ତମାନ ପ୍ରଥମ ବା ଶୀର୍ଷ ସ୍ଥାନରେ ଆମେରିକା, ଦ୍ୱିତୀୟରେ ଚୀନ୍ ଏବଂ ବ୍ରିଟେନ୍ ତୃତୀୟ ସ୍ଥାନରେ ରହିଛି। ଏହାପରେ କ୍ରମଶଃ ସ୍ପେନ୍, ଜାପାନ, ଜର୍ମାନୀ, ଭାରତ ଆଦି ଦେଶର ନମ୍ବର ରହିଛି। ୨୦୨୦ ସୁଦ୍ଧା ଭାରତ, ଜର୍ମାନୀ ଏବଂ ଜାପାନକୁ ତଥା ୨୦୩୦ ସୁଦ୍ଧା ସ୍ପେନ୍‌କୁ ପଛରେ ପକାଇବ। ଏହାପରେ ୨୦୨୪ ଶେଷ ସୁଦ୍ଧା ବ୍ରିଟେନ୍‌କୁ ପଛରେ ପକାଇ ତୃତୀୟ ସ୍ଥାନ ହାସଲ କରିବ ବୋଲି ଆୟଟା ପ୍ରକାଶ କରିଛି। ରିପୋର୍ଟ ମୁତାବକ, ଶୀର୍ଷ ଦୁଇଟି ସ୍ଥାନରେ ଆମେରିକା ଏବଂ ଚୀନ୍ କଏମ୍ ରହିବେ, କିନ୍ତୁ ଆସନ୍ତା ଦଶନ୍ଧିର ମଧ୍ୟ ସୁଦ୍ଧା ଆମେରିକାକୁ ପଛରେ ଛାଡ଼ି ଚୀନ୍ ପ୍ରଥମ ସ୍ଥାନ ଅଧିକାର କରିବ। ଏଥିରେ ୨୦୩୭ ସୁଦ୍ଧା ପ୍ରଥମ ତିନିଟି ସ୍ଥାନରେ କ୍ରମଶଃ ଚୀନ୍, ଆମେରିକା ଏବଂ ଭାରତ ରହିବେ ବୋଲି ପ୍ରକାଶ କରାଯାଇଛି।

## 'ଦୁର୍ବଳ ମେଣ୍ଟ ସରକାର ଭାରତର ଗଣତନ୍ତ୍ରକୁ ବିପଦ'

**ନୂଆଦିଲ୍ଲୀ :** ଆସନ୍ତା ୧୦ ବର୍ଷ ପାଇଁ ଭାରତକୁ ସ୍ଥିର, ଶକ୍ତିଶାଳୀ ଓ ଦକ୍ଷ ସରକାର ଆବଶ୍ୟକ ପଡୁଛି ବୋଲି ଜାତୀୟ ନିରାପତ୍ତା ପରାମର୍ଶଦାତା ଅଜିତ୍ ଡୋଭାଲ୍ ମତବ୍ୟକ୍ତ କରିଛନ୍ତି। ଦେଶର ବିକାଶ କ୍ଷେତ୍ରରେ ସରକାରଙ୍କ ଲୋକପ୍ରିୟ ଜନ କଲ୍ୟାଣମୂଳକ ଯୋଜନା ବାଧକ ସାଜୁଛି ବୋଲି କହିବାକୁ ଡୋଭାଲ ପଛାଇ ନାହାନ୍ତି। ରାଜଧାନୀ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନିରାପତ୍ତା ପରାମର୍ଶଦାତା ଡୋଭାଲ କହିଛନ୍ତି, ଦୁର୍ବଳ ମେଣ୍ଟ ସରକାର ଭାରତର ଗଣତନ୍ତ୍ରକୁ ବିପଦ। ଦେଶର ଜାତୀୟ ସ୍ୱାର୍ଥ ରକ୍ଷା ଦିଗରେ ସ୍ଥିର ସରକାରର ଆବଶ୍ୟକତା ରହିଛି। ଦୁର୍ବଳ ସରକାର ଯୋଗୁଁ ସଂସଦରେ ବହୁତ ବିଲ୍ ପଡ଼ିରହୁଛି। କ୍ଷମତାସୀନ ମେଣ୍ଟ ସରକାର ପାଇଁ ତୁଷ୍ଟୀକରଣ ରାଜନୀତି ମାରାତ୍ମକ। ଭାରତକୁ ବିଶ୍ୱର ପରାକ୍ରମଶାଳୀ ରାଷ୍ଟ୍ର ରୂପେ ପ୍ରତିଷ୍ଠା କରିବାକୁ ହେଲେ ଭାରତବାସୀଙ୍କୁ ସ୍ଥିର ସରକାର ପ୍ରତିଷ୍ଠା ଉପରେ କେନ୍ଦ୍ରୀଭୂତ ହେବାକୁ ପଡ଼ିବ। କିନ୍ତୁ ଭାରତର ସମ୍ବିଧାନରେ ବହୁ ଦଳୀୟ ଗଣତନ୍ତ୍ର ବ୍ୟବସ୍ଥା ଥିବାରୁ ଏହା ସମ୍ଭବ ନୁହେଁ। ଦେଶର ରାଜନୀତି ଓ ଅର୍ଥନୀତି ସମାନ୍ତରାଳ ଗତିରେ ଚାଲୁଥିବାରୁ ଡୋଭାଲ ସ୍ଥିର ସରକାର ହିଁ ଦୃଢ଼ ଅର୍ଥନୀତି ପ୍ରତିଷ୍ଠା କରିପାରିବ ବୋଲି ମତ ପ୍ରଦାନ କରିଛନ୍ତି। ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ସମୟ ସମୟରେ ଦେଶବାସୀଙ୍କୁ କିଛି କ୍ଷଣ ପାଇଁ କଷ୍ଟ ଭୋଗିବାକୁ ସେ ପରାମର୍ଶ ଦେଇଛନ୍ତି। ଅଭିଭାଷଣ ଛଳରେ ସେ ଚୀନ୍‌ର ଆଲିବାବା କମ୍ପାନୀର ଉଦାହରଣ ଦେଇଥିଲେ। ତାଙ୍କ ମତରେ ଚୀନ୍ ସରକାର ଆଲିବାବା ଓ ଅନ୍ୟାନ୍ୟ ବହୁଦେଶୀୟ କମ୍ପାନୀକୁ ସହଯୋଗ କରୁଥିବାରୁ ଚୀନ୍‌ର ଅର୍ଥନୀତି କ୍ରମେ ଦୃଢ଼ ହେବାକୁ ଯାଉଛି। ସେହିପରି ଭାରତ ସରକାରଙ୍କ ସହଯୋଗରେ ଭାରତୀୟ କମ୍ପାନୀ ବିଦେଶରେ ସୁଦୃଢ଼ ରୂପେ ଠିଆହୋଇ ଦେଶର ଅର୍ଥନୀତିକୁ ସମୃଦ୍ଧ କରିବ। ବିଶେଷକରି ଭାରତର ଘରୋଇ କମ୍ପାନୀ ଉପରେ ସରକାରଙ୍କ ଅଭୟକୁ ଡୋଭାଲ ସମର୍ଥନ କରିଛନ୍ତି। ଭାରତର ଅର୍ଥନୀତିକୁ ଶକ୍ତିଶାଳୀ ରୂପେ ଗଢ଼ି ତୋଳିବା ପାଇଁ ଘରୋଇ କମ୍ପାନୀର ଅବଦାନ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ବାଦ୍ ଦେଇ ଭାରତକୁ ବିକଶିତ କରିବା ସମ୍ଭବ ନୁହେଁ ବୋଲି ମତ ପ୍ରଦାନ କରି ଡୋଭାଲ କହିଥିଲେ, 'ଆମ୍ଭେମାନେ ଲୋକପ୍ରତିନିଧିଙ୍କ ଦ୍ୱାରା ଶାସିତ ହେଉନାହୁଁ। ସେମାନଙ୍କ ଦ୍ୱାରା ପ୍ରଣୀତ ଆଇନ ଅନୁସାରେ ଶାସିତ ହେଉଛୁ। ତେଣୁ ଦେଶର ଆଇନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।'

# ଦୈନିକ ୨୦୦ ଟନ୍ ପିଆଜ ନୂଆଦିଲ୍ଲୀକୁ ଯୋଗାଇବ ନାଫେଡ୍

**ନୂଆଦିଲ୍ଲୀ :** ସମଗ୍ର ଦେଶରେ ପିଆଜ ଆମଦାନୀ କ୍ରମଶଃ କମୁଥିବା ବେଳେ ଏହାର ପ୍ରଭାବ ଖୋଜ ଦେଶର ରାଜଧାନୀ ଦିଲ୍ଲୀରେ ପଡିଛି। ଦିଲ୍ଲୀରେ ପିଆଜ ଦର ଦିନକୁ ଦିନ ବଢ଼ିଚାଲିଛି। ଏହି ବର୍ଦ୍ଧିତ ଦାମ୍ ଉପରେ ଅଙ୍କୁଶ ଲଗାଇବା ପାଇଁ ନ୍ୟାସ୍‌ନାଲ୍ ଏଗ୍ରୀକଲ୍‌ଚରାଲ୍ କୋଅପରେଟିଭ୍ ମାର୍କେଟିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ନାଫେଡ୍) ନିଜ ବଫର୍ ଷ୍ଟକ୍‌ରୁ ପାଇକାରୀ ମଣ୍ଡିଗୁଡ଼ିକୁ ପ୍ରତ୍ୟହ ୨୦୦ ଟନ୍ ଲେଖାଏଁ ପିଆଜ ଯୋଗାଣ କରିବା ଆରମ୍ଭ କରିଦେଇଛି।। ପୂର୍ବରୁ ଏହି ସଂଘ ପ୍ରତ୍ୟହ ୭୫ରୁ ୧୦୦ ଟନ୍‌ର ପିଆଜ ଯୋଗାଣ କରୁଥିଲା ବୋଲି ଏ ସମ୍ପର୍କରେ ନାଫେଡ୍‌ର ଏମ୍‌ଡି ସନ୍ଦୀପ କୁମାର ଚଢ଼ା ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଦିଲ୍ଲୀରେ ପିଆଜର ଖୁଚୁରା ମୂଲ୍ୟ କିଲୋପ୍ରତି ୩୦-୪୦ ଟଙ୍କାରେ ପହଞ୍ଚିଥିବା ବେଳେ ଉତ୍ପାଦକ ରାଜ୍ୟଗୁଡ଼ିକରୁ ସୀମିତ ଯୋଗାଣ କାରଣରୁ ଏଭଳି ପରିସ୍ଥିତି ଉତ୍ପନ୍ନ ହୋଇଛି। ଏମ୍‌ଡି ଶ୍ରୀ ଚଢ଼ା କହିଛନ୍ତି ଯେ ଗତ ୧୦ ଦିନ ଧରି ବଫର୍ ଷ୍ଟକ୍‌ରୁ



୭୫ରୁ ୧୦୦ ଟନ୍‌ର ପିଆଜ ଯୋଗାଣ କରାଯାଉଥିବାବେଳେ ବର୍ତ୍ତମାନ ଏହି ମାତ୍ରାରେ ବୃଦ୍ଧି କରିବା ନେଇ ନିଷ୍ପତ୍ତି ନିଆଯାଇଛି। ପାଇକାରୀ ବଜାରରୁ ଅତି କମ୍‌ରେ ୨୦୦ ଟନ୍ ପିଆଜ ପ୍ରତ୍ୟହ ସପ୍ଲାଏ କରାଯିବ। ଏଥିସହ ପାଇକାରୀ ବଜାର ବ୍ୟତୀତ ମଦର ଡାଇରୀର ସମସ୍ତ ୪୦୦ ସଫଳ ଷ୍ଟୋର୍‌କୁ ନେଫେଡ୍ ତରଫରୁ ସପ୍ଲାୟ କରାଯିବ ବୋଲି ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ପିଆଜର ସମସ୍ତ କିସମ ଉପରେ କିଲୋପ୍ରତି ୨ ଟଙ୍କା ଲେଖାଏଁ ହ୍ରାସ କରିବା ନେଇ ଶୁକ୍ରବାର ସରକାରୀସ୍ତରରେ ମଦର ଡାଇରୀକୁ କୁହାଯାଇଥିଲା। ଏହା ଉପରେ ସହମତି ପ୍ରକାଶ କରି ମଦର ଡାଇରୀ ଦିଲ୍ଲୀରେ ନିଜର ସମସ୍ତ ଦୋକାନରେ ବିନା ପ୍ୟାକିଙ୍ଗ୍ ବା ଖୋଲାରେ ଉପଲବ୍ଧ ପିଆଜର ମୂଲ୍ୟକୁ ୨୫.୯୦ ଟଙ୍କାରୁ ହ୍ରାସ କରି ୨୩.୯୦ ଟଙ୍କା ଏବଂ ପ୍ୟାକିଙ୍ଗ୍‌ରେ ଉପଲବ୍ଧ ପିଆଜକୁ ୨୭.୯୦ ଟଙ୍କାରୁ ହ୍ରାସ କରି ୨୫.୯୦ ଟଙ୍କା କରିଦେଇଥିଲା। ସପ୍ଲାୟ ବଢ଼ିବାରୁ ଦିଲ୍ଲୀର ପାଇକାରୀ ଏବଂ ଖୁଚୁରା ବଜାରରେ ପିଆଜର ବର୍ଦ୍ଧିତ ଦରକୁ ରୋକିବାରେ ସାହାଯ୍ୟ ମିଳିବ ବୋଲି ସେ କହିଛନ୍ତି। ଏହାଛଡ଼ା ପ୍ରାଇସ୍ ଷ୍ଟାବିଲାଇଜେସନ୍ ଫଣ୍ଡ (ପିଏସ୍‌ଏଫ୍) ଅନ୍ତର୍ଗତ ନିର୍ମିତ ବଫର୍ ଷ୍ଟକ୍‌ରେ ପିଆଜର ପର୍ଯ୍ୟାପ୍ତ ମାତ୍ରା ରହିଛି। ଡିସେମ୍ବରର ପ୍ରଥମ ସପ୍ତାହ ସୁଦ୍ଧା ବଫର ଷ୍ଟକ୍‌ରୁ ଖୋଲିଥିବା ବଜାରରେ ପିଆଜର ଯୋଗାଣ କରାଯିବ ଏବଂ ସେତେବେଳ ପର୍ଯ୍ୟନ୍ତ ଖରିଫ୍‌ର ନୂତନ ଫସଲ ଉତ୍ପାଦନ ଦ୍ରୁତ ଗତିରେ ଚାଲିବ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି।

# ବନ୍ଦ ହେବ ବିଏସ୍-୪ ଗାଡି ପଞ୍ଜୀକରଣ

**ନୂଆଦିଲ୍ଲୀ :** ଦେଶରେ ଦିନକୁ ଦିନ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରଦୂଷଣ ବୃଦ୍ଧିକୁ ନେଇ ସୁପ୍ରିମ୍‌କୋର୍ଟ ଚିନ୍ତାପ୍ରକଟ କରିଛନ୍ତି। ଅପରପକ୍ଷେ ଗାଡ଼ି ନିର୍ମାତାମାନେ ନିଜର ଫାଇଦା ଆଶାରେ ନିର୍ଦ୍ଧାରିତ ଷ୍ଟାଣ୍ଡାର୍ଡ ବ୍ୟବହାର ପାଇଁ ଅନିଚ୍ଛାପ୍ରକାଶ କରୁଛନ୍ତି। ଏହି ଅଚଳାବସ୍ଥା ଦୂର କରିବା ପାଇଁ ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ ଏପ୍ରିଲ୍ ପହିଲାରୁ ଯେମିତି ଭାରତରେ ବିଏସ୍-୬ (ଭାରତ ଷ୍ଟାଣ୍ଡାର୍ଡ ୬) ଇଞ୍ଜିନ ବିଶିଷ୍ଟ ଗାଡ଼ି ପ୍ରଚଳିତ ହେବ ସେଥିନେଇ ପଦକ୍ଷେପ ନେବାକୁ କୋର୍ଟ କହିଛନ୍ତି। ୨୦୧୭ରେ ସୁପ୍ରିମ୍‌କୋର୍ଟ ଦେଇଥିବା ନର୍ଦ୍ଦେଶ ଅନୁସାରେ ଦେଶରେ ବିଏସ୍-୪ ଗାଡ଼ି ବିକ୍ରି ଏବଂ ପଞ୍ଜୀକରଣ ହେଉଛି। ସଦ୍ୟ ନିର୍ଦ୍ଦେଶ ଦ୍ୱାରା ୨୦୨୦ ଏପ୍ରିଲ୍ ପହିଲାରୁ ଆଉ ବିଏସ୍ ଷ୍ଟାଣ୍ଡାର୍ଡ-୪ ଗାଡ଼ି ବିକ୍ରି ବା ପଞ୍ଜୀକରଣ ହେବ ନାହିଁ। ଜଷ୍ଟିସ୍ ମଦନ ବି ଲାକୁର, ଜଷ୍ଟିସ୍ ଅବ୍‌ଦୁଲ୍ ନାଜୀର ଓ ଜଷ୍ଟିସ୍ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତକାଲି ଏ ନେଇ ଏକ ୨୦ ପୃଷ୍ଠା ବିଶିଷ୍ଟ ରାୟ ଦେଇଛନ୍ତି। ଏଥିରେ କୁହାଯାଇଛି, ଦେଶରେ ପ୍ରଦୂଷଣ ସ୍ତର ସଙ୍କଟଜନକ ଅବସ୍ଥାରେ ପହଞ୍ଚିଛି। ଏଣୁ ଦେଶରେ କମ୍ ପ୍ରଦୂଷଣ ସୃଷ୍ଟିକାରୀ ଇଞ୍ଜିନ୍ ଥିବା ଗାଡ଼ି ପ୍ରଚଳନ କରିବାକୁ ହେବ। ୨୦୧୬ରେ କେନ୍ଦ୍ର ସରକାର ୨୦୨୦ ସୁଦ୍ଧା ଦେଶରେ ବିଏସ୍-୫ ଇଞ୍ଜିନ୍ ବିଶିଷ୍ଟ ଗାଡ଼ି ପ୍ରଚଳନ କରିବା ପାଇଁ ଲକ୍ଷ୍ୟ ରଖିଥିଲେ। କିନ୍ତୁ ତାହା କିଛି ଗାଡ଼ି ନିର୍ମାତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଘୁଞ୍ଚିବାରେ ଲାଗିଥିଲା।



କୋର୍ଟ କହିଛନ୍ତି, ସାରା ଦେଶରେ ପ୍ରଦୂଷଣ ବଢୁଛି। ଏହି କାରଣରୁ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି। ବାରମ୍ବାର କହିବା ପରେ ମଧ୍ୟ ସରକାର ନୂଆ ଷ୍ଟାଣ୍ଡାର୍ଡ ଲାଗୁ କରୁନାହାନ୍ତି। କିଛି ଲୋଭୀ ଅଟୋ ମୋବାଇଲ୍ କମ୍ପାନୀ ନିଜର ଷ୍ଟାଣ୍ଡାର୍ଡ ବଢ଼ାଇବାକୁ ରାଜି ହେଉ ନାହାନ୍ତି। ଏଣୁ ବିନା କୌଣସି ସାଲିସରେ ସରକାର ୨୦୨୦ ଏପ୍ରିଲ୍ ପହିଲାରୁ ଏହି ପ୍ରକାର ଗାଡ଼ିର କାରବାର ବନ୍ଦ ପାଇଁ ଯତ୍ନବାନ ହୁଅନ୍ତୁ। ଏବେ ଦେଶରେ ବିଏସ୍-୪ ଷ୍ଟାଣ୍ଡାର୍ଡର ଗାଡ଼ି ଚାଲୁଛି। ଏହି ଷ୍ଟାଣ୍ଡାର୍ଡ଼ ପାଇଁ ମଧ୍ୟ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଜରୁରୀ ହୋଇଥିଲା। ରାତାରାତି ପୁରୁଣା ଷ୍ଟାଣ୍ଡାର୍ଡ଼ ଗାଡ଼ିସବୁର ବିକ୍ରିକୁ ବାଜ୍ୟାପ୍ତ କରାଯାଇଥିଲା। ଫଳରେ ଲୋକଙ୍କୁ ଶସ୍ତାରେ ମଧ୍ୟ ଗାଡ଼ି ମିଳିଥିଲା। ଏବେ ଯେଉଁ ଚତୁର୍ଥ ଜେନେରେସନ୍‌ର ଗାଡ଼ି ମିଳୁଛି ତାହା ମଧ୍ୟ ପରିବେଶ ଉପଯୋଗୀ ନୁହେଁ ବୋଲି ଆଶାବ୍ୟକ୍ତ କରି କୋର୍ଟ ଏଭଳି କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି।




# 'ବାଘ ଆତଙ୍କଠୁ ବଳିଗଲାଣି ପୋଲିସ ପ୍ରଶାସନର ଆତଙ୍କ'



**ଭୁବନେଶ୍ୱର :** ସାତକୋଶିଆରେ ବାଘ ଆତଙ୍କଠାରୁ ବଳିଗଲାଣି ପୋଲିସ ପ୍ରଶାସନର ଆତଙ୍କରାଜ। ବାଘ ଭୟରେ ଲୋକେ ଆତଙ୍କିତ। ଏପଟେ ଜନ ଆନ୍ଦୋଳନକୁ ଦମନ କରିବା ନାଁରେ ପୋଲିସ ବି ସାଧାରଣ ଲୋକମାନଙ୍କୁ ଗିରଫ କରି ଏକପ୍ରକାର ଜନଜୀବନକୁ ଅସ୍ତବ୍ୟସ୍ତ କରିସାରିଲାଣି ବୋଲି ବିଜେପି ପକ୍ଷ୍ୟରୁ ଅଭିଯୋଗ କରାଯାଇଛି। ରେଡିଓ କୋଲାର କାମ ବାସ୍ତବରେ କାମ କରୁନଥିବାବେଳେ ଜଙ୍ଗଲ ବିଭାଗ ଲୋକମାନଙ୍କୁ ବାରମ୍ବାର ମିଛ କଥା କହିଆସୁଛି ଏବଂ ଟ୍ରାଙ୍କୁଲାଇଜର ମଧ୍ୟ ବାରମ୍ବାର ବିଫଳ ହେବାରେ ଲାଗିଛି ବୋଲି ଦଳ ପକ୍ଷ୍ୟରୁ କହୁଯାଇଛି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନିରେ ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଭାଗିରଥୀ ପ୍ରଧାନ କହିଛନ୍ତି ଯେ ଏବେ ସୁଦ୍ଧା ସାତକୋଶିଆ ଅଞ୍ଚଳକୁ ଆସିଥିବା ସୁନ୍ଦରୀ ବାଘ ୨ଟି ଜୀବନ ନେଇସାରିଲାଣି। ସେହିପରି ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ସାମ୍ବାଦିକ ମଧ୍ୟ ବାଘ ଆକ୍ରମଣରୁ ବର୍ତ୍ତିଲେନି। ଏପରି ପରିସ୍ଥିତିରେ ଜଙ୍ଗଲ ବିଭାଗ କିପରି ବାଘକୁ ତୁରନ୍ତ ଧରିବେ ଏବଂ ଉପଯୁକ୍ତ ଏକ୍ସପର୍ଟ ଟିମ ଆଣିବା ବଦଳରେ କେବଳ ହାତଗଣତି ଜଙ୍ଗଲ ବିଭାଗର କର୍ମଚାରୀ ଏବଂ ପୋଲିସକୁ ଧରି ବାଘକୁ ଖୋଜୁଛନ୍ତି। ବାଘ ଭୟରେ ଲୋକମାନେ ନିଜ ଚାଷ ଜମିକୁ ଯାଇ ପାରୁନଥିବାବେଳେ ଏପଟେ ପ୍ରତିବାଦ କଲେ ପୋଲିସ ମିଥ୍ୟା ମୋକଦ୍ଦମାରେ ଛନ୍ଦି ଜେଲ ପଠାଇ ଦେଉଛି। ଶ୍ରୀ ପ୍ରଧାନ କହିଛନ୍ତି ପ୍ରଥମେ ୧୨ ସେପ୍ଟେମ୍ବରରେ ସୁନ୍ଦରୀ ବାଘୁଣି ପ୍ରଥମ କୌଳାସ ଶାଳ ନାମକ ଜଣେ ବ୍ୟକ୍ତିଙ୍କୁ ମାରିଦେଇଥିଲା। ସେତେବେଳେ ଜନସାଧାରଣଙ୍କୁ ଅନୁଗୁଳ ଏସପି , ଡିଏଫଓ ନିଜେ ଲିଖିତ ପ୍ରତିଶୃତି ଦେଇଥିଲେ ସେହି ସେପ୍ଟେମ୍ବର ୧୬ ତାରିଖ ସୁଦ୍ଧା ବାଘୁଣି ଧରା ହେବ। ହେଲେ ଆଜକୁ ସେହି ପ୍ରତିଶୃତିକୁ ୧ ମାସରୁ ଅଧିକ ସମୟ ହୋଇଗଲାଣି । ଯଦି ସେହି ସମୟରେ ବାଘକୁ ଧରିବା ପାଇଁ ପ୍ରଶାସନ ତତ୍ପର ହୋଇଥାନ୍ତା ତାହେଲେ ଏବେ ଅକ୍ଟୋବର ୨୧ରେ ତ୍ରିନାଥ ସାହୁଙ୍କ ଜିବନ ଯାଇନଥାନ୍ତା। ରାଜ୍ୟ ସରକାର ତୁରନ୍ତ ଆହୁରି ବିଶେଷଜ୍ଞ ଟିମ ଆଣି ସଠିକଭାବେ ଟ୍ରାଙ୍କୁଲାଇଜିଙ୍ଗ କରି ବାଘକୁ ସ୍ଥାନାନ୍ତରଣ କରନ୍ତୁ ଏବଂ ସାଧାରଣ ଜନତାଙ୍କ ନାଁରେ ଚଳାଇଥିବା ମିଥ୍ୟା ମୋକଦ୍ଦମାକୁ ଉଠାନ୍ତୁ ନହେଲେ ଆଗାମି ଦିନରେ ବ୍ୟାପକ ଜନଆନ୍ଦୋଳନ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ସମୀର ମହାନ୍ତି, ସାଧାରଣ ସାମ୍ପାଦକ ଭୃଗୁ ବକ୍ସିପାତ୍ର ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଏବଂ ମୁଖପାତ୍ର ଗୋଲକ ମହାପାତ୍ର ଉପସ୍ଥିତ ଥିଲେ।

# ଅଭିଭାବକଙ୍କ ପାଖରେ ପହଞ୍ଚିବ ସ୍କୁଲ ପିଲାଙ୍କ ଉପସ୍ଥାନ ରିପୋର୍ଟ

**ଭୁବନେଶ୍ୱର :** ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡିକରେ ପିଲାଙ୍କ ସୁରକ୍ଷା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀରେ ଦୈନିକ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କିମ୍ବା ଅନୁପସ୍ଥିତ ସମ୍ପର୍କରେ ଅଭିଭାବକଙ୍କୁ ମୋବାଇଲ ମେସେଜ୍ ଯୋଗେ ଅବଗତ କରାଯିବ। ଫଳରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ଗତିବିଧି ଉପରେ ମଧ୍ୟ ଅବଗତ ହୋଇପାରିବେ। ତେବେ ଦୈନିକ କେଉଁ କ୍ଲାସ ପିଲାମାନେ କରୁଛନ୍ତି ଏବଂ କେତେବେଳେ ବହାରକୁ ଯାଉଛନ୍ତି ସେ ସମ୍ପର୍କରେ ମଧ ଅଭିଭାବକମାନେ ଜାଣିପାରିବେ। ଦୈନିକ କେତେ ପିଲା ସ୍କୁଲକୁ ଆସୁଛନ୍ତି ସେ ସମ୍ପର୍କରେ ମଧ୍ୟ ସ୍କୁଲ କର୍ତ୍ତୃପକ୍ଷ ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ। ପ୍ରକାଶ ଥାଉ କି, ଅନେକ ସମୟରେ ସ୍କୁଲ ଯାଉଥିବା କହି ପିଲାମାନେ ଅନ୍ୟତ୍ର ପଳାଇଥାନ୍ତି। ଏପରିକି ଘର ପାଖରୁ ଦୂରରେ ଥିବା ସ୍କୁଲକୁ ଅଭିଭାବକମାନେ ଯାଇ ନିଜ ପିଲାର ଖବର ରଖିବା ମଧ୍ୟ କଷ୍ଟକର ହୋଇଥାଏ। ଏ ସମ୍ପର୍କରେ ଜଣେ ସ୍କୁଲର ପ୍ରଧାନଶିକ୍ଷକ କହିଛନ୍ତି ଯେ, ଏହାଦ୍ୱାରା ପିଲାଙ୍କ ମନରେ ଭୟ ରହିବ ଏବଂ ସ୍କୁଲ ନାଁରେ ବାହାରେ ବୁଲିବାର ଭୟ ରହିବ। ଏ ସମ୍ପର୍କରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରାଜ୍ୟର ସମସ୍ତ ସ୍କୁଲରେ ଦୈନିକ ପିଲାଙ୍କ ଉପସ୍ଥାନ ନିଆଯାଉଛି। ମାତ୍ର କେଉଁ କାରଣରୁ ପିଲାମାନେ ଶ୍ରେଣୀରେ ଅନୁପସ୍ଥିତ ରହିଥାନ୍ତି ସେ ସମ୍ପର୍କରେ ଜଣାପଡ଼ି ନଥାଏ। ଏପରି ବ୍ୟବସ୍ଥା ଦ୍ୱାରା ଅଭିଭାବକମାନେ ମଧ ପିଲାର ଶ୍ରେଣୀରେ ଉପସ୍ଥିତ କିମ୍ବା ଅନୁପସ୍ଥିତ ସମ୍ପର୍କରେ ଅବଗତ ହେବା ସହ କେଉଁ କାରଣରୁ ପିଲା ସ୍କୁଲ ଆସି ନାହିଁ ସେ ସମ୍ପର୍କରେ ସିଧାସଳଖ ସ୍କୁଲ ପ୍ରଧାନ ଶିକ୍ଷକ କିମ୍ବା ଶ୍ରେଣୀ ଶିକ୍ଷକଙ୍କ ସହିତ କଥାବାର୍ତ୍ତା ହୋଇପାରିବେ। ଏହାବ୍ୟତୀତ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ଲାଗାତାର ୩ଦିନ ଶ୍ରେଣୀରେ ଅନୁପସ୍ଥିତ ରହିଲେ କିମ୍ବା ମାସକୁ ୬୦ପ୍ରତିଶତରୁ କମ୍ ଅନୁପସ୍ଥିତ ରହିଲେ ସମ୍ପୃକ୍ତ ପିଲାଙ୍କର ଅଭିଭାବକଙ୍କ ସହ ପ୍ରଧାନଶିକ୍ଷକ ଯୋଗାଯୋଗ କରିବେ। ଅନୁପସ୍ଥିତ ରହିବାର କାରଣ ଅଭିଭାବକମାନେ ଲିଖିତ ଭାବେ ସ୍କୁଲରେ ଦାଖଲ କରିବେ। ଏପରି ବ୍ୟବସ୍ଥା ଲାଗି ବିଭାଗ ପକ୍ଷରୁ ଯୋଜନା ହୋଇଥିବା ବେଳେ ଜାନୁଆରୀଙ୍କୁ ଏହା କାର୍ଯ୍ୟକାରୀ ହେବାର ରହିଛି।

# ବାତ୍ୟା ଓ ବନ୍ୟା ମୁକାବିଲାରେ ରାଜ୍ୟ ସରକାର ବିଫଳ

**ଭୁବନେଶ୍ୱର :** ଭୟଙ୍କର ଝଡବାତ୍ୟା 'ତିତ୍‌ଲି' ସମୟରେ ଓଡ଼ିଶା ସରକାର ଗୋଟିଏ ହେଲେ ଜୀବନ ହାନି ନ ଘଟାଇବାକୁ ଯେଉଁଭଳି ଭାବରେ ଗଣମାଧ୍ୟମରେ କେବଳ ପ୍ରଚାର କରିଚାଲିଲେ ଏବଂ ବାତ୍ୟା ପରବର୍ତୀ ସମୟରେ ନିଜ ଦାୟିତ୍ୱ ଭୁଲିଗଲେ, ସେଥିପାଇଁ ବର୍ଷା ଓ ବନ୍ୟା ବିପ୍ରାତରେ ୭୦ରୁ ଅଧିକ ଜୀବନ ହାନି ଘଟିଲା। ଏଥିପାଇଁ ନବୀନ ପଟ୍ଟନାୟକ ସରକାରଙ୍କ ଦାୟିତ୍ୱହୀନତା ସମ୍ପୂର୍ଣ୍ଣ ଦାୟୀ। ବାତ୍ୟା ଓ ବର୍ଷାରେ ୭୦ରୁ ଅଧିକ ପ୍ରାଣ ହରାଇଥିବା ଏବଂ ଏବେ ମଧ୍ୟ ମୃତଦେହ ଠାବ କରାଯାଉଥିବା ସତ୍ତ୍ୱେ ଓଡ଼ିଶା ସରକାର ମୃତ୍ୟୁସଂଖ୍ୟା ମାତ୍ର ୬୧ ବୋଲି ଦର୍ଶାଉଛନ୍ତି। ରାଜ୍ୟ ସରକାର ଭାରତୀୟ ପାଣିପାଗ ବିଭାଗର ପୂର୍ବ ସତର୍କ ସୂଚନାକୁ ଗୁରୁତ୍ୱର ସହିତ ଗ୍ରହଣକରି ତାହାର ଆଧାରରେ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ସ୍ଥାନୀୟ ସ୍ତରରେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିଥିଲେ ଏଭଳି ମୃତାହତ ଘଟଣାକୁ ରୋକାଯାଇପାରିଥାନ୍ତା ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ତଥା ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଜିତେନ୍ଦ୍ର ସିଂ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏଠାରେ ସାମ୍ବାଦିକମାନଙ୍କ ନିକଟରେ ପ୍ରକାଶ କରି ଶ୍ରୀ ସିଂ କହିଛନ୍ତି, ବାତ୍ୟା ପ୍ରାରମ୍ଭରୁ ଓଡ଼ିଶା ସରକାରଙ୍କ ଅଫିସର ଏବଂ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି)ଙ୍କ କାର୍ଯ୍ୟାଳୟ ଏହାକୁ ଯେଉଁଭଳି ଗୁରୁତ୍ୱ ଦେବାକଥା, ତାହା କଲେନାହିଁ। ସମୁଦାୟ ପ୍ରଶାସନ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ଜିଲା ଗଞ୍ଜାମ ଉପରେ ଦୃଷ୍ଟିନିବଦ୍ଧ କଲା। ବାତ୍ୟା 'ତିତ୍‌ଲି' ସ୍ଥଳଭାଗକୁ ପ୍ରବେଶ କରିବା ଦିନ ଏସଆରସିଙ୍କ ପକ୍ଷରୁ ଦିଆଯାଇଥିବା ପ୍ରେସ ବିବୃତିରୁ ଏହି ଅଭିଯୋଗ ସତ ପ୍ରମାଣିତ ହୋଇଛି। କଂଗ୍ରେସ କହିଛି, ତିତ୍‌ଲି ସ୍ଥଳଭାଗ ଛୁଇଁବା ପୂର୍ବଦିନ ଏବଂ ଛୁଇଁବା ପରଦିନ ଏସଆରସିଙ୍କ ପକ୍ଷରୁ ପ୍ରକାଶିତ ପ୍ରେସ ବିବୃତିରେ କେତେଲୋକ ପ୍ରଭାବିତ ହୋଇଛନ୍ତି, କେତେ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି, କେତେ ଗ୍ରାମ ପଂଚାୟତ, ଗ୍ରାମ ଆଦି କ୍ଷତିଗ୍ରସ୍ତ ହୋଇଛି, କେତେ ଅଫିସରଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି, କେତେ ଅସୁସ୍ଥ ଲୋକ ଓ ମହିଳାଙ୍କୁ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି, ସେ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଉକ୍ତ ରିପୋର୍ଟରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଗଜପତି ଜିଲା ସମ୍ପର୍କରେ କୌଣସି ବିସ୍ତୃତ ତଥ୍ୟ ଉଲ୍ଲେଖ ନଥିଲା। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ ଭାବରେ ଦର୍ଶାଯାଇଥିଲା ଯେ, ପଲାସା ନିକଟରେ ଭୂଭାଗ ସ୍ପର୍ଶ କରିବାପରେ ତିତ୍‌ଲି ତାହାର ଦିଗ ପରିବର୍ତନ କରି ଉତର-ପୂର୍ବ ଦିଗରେ ଗତିକରିବା




ସହିତ ଓଡ଼ିଶାର ଅଧିକ ଅଂଚଳ ଉପରଦେଇ ଯିବ। ତାହାର ପ୍ରଭାବରେ ଗଞ୍ଜାମ, ଗଜପତି, ରାୟଗଡା, ପୁରୀ, ଫୁଲବାଣୀ ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଏହା ଚେତାବନୀ ଦେଇଥିଲା। ତେଣୁ ବାତ୍ୟା ପରବର୍ତୀ ସମୟରେ ଅତିପ୍ରବଳ ବର୍ଷା ହେବା ଆଶା କରାଯାଉନଥିଲା ବୋଲି ସରକାର ଯାହା ପ୍ରମାଣିତ କରିବାକୁ ଚାହୁଁଛନ୍ତି, ତାହା ଡାହା ମିଛ ବୋଲି ପ୍ରମାଣିତ ହେଉଛି। ଓଡ଼ିଶା ପ୍ରଭାରୀ କହିଛନ୍ତି, ବାତ୍ୟା ତିତ୍‌ଲି ଭୂଭାଗ ସ୍ପର୍ଶ କରିବା ପୂର୍ବରୁ ଗଜପତି ଜିଲାର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ବାରଘର ଗ୍ରାମକୁ ଜିଲା ପ୍ରଶାସନର କେହି ଯାଇନଥିଲେ କିମ୍ବା ଲୋକଙ୍କୁ ନିରାପଦ ସ୍ଥାନକୁ ନେବା ସକାଶେ ଉଦ୍ୟମ କରିନଥିଲେ। ଉକ୍ତ ଗ୍ରାମରେ ଭୂସ୍ଖଳନ ଘଟି ୧୮ଜଣଙ୍କର ପ୍ରାଣହାନି ଘଟିଛି। ତେଣୁ ରାଜ୍ୟ ସରକାର ଯାହା କହୁଛନ୍ତି, ତାହା ସମ୍ପୂର୍ଣ୍ଣ ମିଛ। କୌଣସି ସରକାରୀ ଅଧିକାରୀ ସେମାନଙ୍କ ନିକଟରେ ପହଂଚି ନଥିବା ଗ୍ରାମବାସୀ ମଧ୍ୟ କହିଛନ୍ତି। ଓଡ଼ିଶା ସରକାର ପାଣିପାଗ ବିଭାଗର ସତର୍କ ସୂଚନାକୁ ଅନୁସରଣ କରି ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତ କରିଥିଲେ, ବହୁ ମୂଲ୍ୟବାନ ଜୀବନ ସୁରକ୍ଷିତ ରହିପାରିଥାନ୍ତା। ସେ କହିଛନ୍ତି, ରାଜ୍ୟ ସରକାର 'ଜିରୋ କାଜୁଆଲିଟି' ବା ଶୂନ୍ ମୃତ୍ୟୁ ପ୍ରଚାରକୁ ନେଇ ଏଭଳି ପାଗଳ ଥିଲେ ଯେ ଏହା ପ୍ରାୟ ୪ ଦିନ ପର୍ଯ୍ୟନ୍ତ ବାତ୍ୟା ଓ ବର୍ଷାଜନିତ ମୃତ୍ୟୁ ସଂଖ୍ୟା ସାଧାରଣରେ ପ୍ରକାଶ କଲେନାହିଁ, ଯାହା ସରକାରୀ ଆଇନର ବିରୁଦ୍ଧାଚରଣ କରୁଛି। ଗଣମାଧ୍ୟମ ରିପୋର୍ଟ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ସରକାରୀ ସଂସ୍ଥାଗୁଡିକ ରିଲିଫ ପରିଚାଳନା ଏବଂ ବିପର୍ଯ୍ୟୟ ପରବର୍ତୀ ସମୟରେ ତୁରନ୍ତ ପୁନର୍ଗଠନ କାର୍ଯ୍ୟ ହାତକୁ ନେବାରେ ଶୋଚନୀୟ ଭାବେ ବିଫଳ ହୋଇଛନ୍ତି। ବିପର୍ଯ୍ୟୟର ଦୁଇଦିନ ପରେ ଉଦ୍ଧାରକାରୀ ଦଳ ଗଜପତି ଜିଲାର ବାରଘର ଗ୍ରାମରେ ପହଂଚିଥିଲେ। ଶ୍ରୀ ସିଂ କହିଛନ୍ତି, ଡାହା ମିଛ କହିବା ଏବଂ ଚାଲାକି ଘୋଷଣା କରିବାରେ ନବୀନ ବାବୁ ଓସ୍ତାଦ୍। ବାରଘର ଗ୍ରାମରେ ୧୮ଜଣଙ୍କର ପ୍ରାଣହାନି ଘଟିଥିବାବେଳେ ରାଜ୍ୟ ସରକାର ଉକ୍ତ ଗ୍ରାମ ଦୁର୍ଗମ ଅଂଚଳରେ ଅବସ୍ଥିତ ଥିବା ଏବଂ ସେଠାକୁ ଗମନାଗମନ ସୁବିଧା ନଥିବା ଦର୍ଶାଇ ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କରିବା ଉଦ୍ୟମ କରୁଛନ୍ତି। ରାଜ୍ୟବାସୀଙ୍କୁ ସ୍ମରଣ କରାଇଦେଇ ସେ କହିଛନ୍ତି ଯେ, ୨୦୧୬ରେ ନଗଡାରେ ପୁଷ୍ଟିହୀନତା ଜନିତ ମୃତ୍ୟୁ ଘଟଣା ପରେ ନବୀନ ବାବୁ କହିଥିଲେ- ରାଜ୍ୟ ସରକାର ଦୁର୍ଗମ ଅଂଚଳରେ ବାସ କରୁଥିବା ଜନସାଧାରଣଙ୍କ ନିମନ୍ତେ ସବୁଦିନିଆ ରାସ୍ତା ନିର୍ମାଣ କରିବେ। ସେଥିପାଇଁ ସରକାର ୧୫୦ଟି ଗାଁକୁ ମଧ୍ୟ ଚିହ୍ନଟ କରିଥିଲେ। ଏହା ଦୁଇବର୍ଷରୁ ଅଧିକ ସମୟର କଥା। ନବୀନ ପଟ୍ଟନାୟକ ତାଙ୍କ କଥାକୁ କାର୍ଯ୍ୟରେ ପରିଣତ କରିଥିଲେ, ୧୮ଜଣ ଆଦିବାସୀଙ୍କ ଜୀବନ ସୁରକ୍ଷିତ ରହିପାରିଥାନ୍ତା। ତାହାସହିତ ବିପର୍ଯ୍ୟୟ ପ୍ରଭାବିତ ଅଂଚଳରେ ରିଲିଫ ଏବଂ ପୁନର୍ବାସ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ତାହାକୁ ସେ ଦୃଢ ସମାଲୋଚନା କରିଛନ୍ତି।

# ଅଚିହ୍ନା ରୋଗୀଙ୍କ ପାଇଁ ଏସ୍‌ସିବିରେ ଖୋଲିବ ୫ ସ୍ୱତନ୍ତ୍ର ୱାର୍ଡ

**କଟକ :** ରାଜ୍ୟର ସର୍ବବୃହତ ଚିକିତ୍ସାଳୟ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ(ଏସ୍‌ସିବି)ରେ ଦୁସ୍ଥ ତଥା ଅଚିହ୍ନା ରୋଗୀଙ୍କ ଚିକିତ୍ସା ନିମନ୍ତେ ଶଲ୍ୟ, ଅସ୍ଥିଶଲ୍ୟ, ଭେଷଜ, ସ୍ତ୍ରୀ ଓ ପ୍ରସୁତି, ଶିଶୁ ବିଭାଗରେ ଖୋଲାଯିବ ସ୍ୱତନ୍ତ୍ର ୱାର୍ଡ। ଉପରୋକ୍ତ ୫ଟି ନୂତନ ୱାର୍ଡ ଖୋଲିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପତ୍ର ଲେଖିଛନ୍ତି ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏଠାରେ ରୋଗୀଙ୍କ ଚିକତ୍ସା ପାଇଁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବ। ସ୍ୱତନ୍ତ୍ର ୱାର୍ଡରେ ପୁରୁଷ ଓ ମହିଳାଙ୍କ ଚିକିତ୍ସା ପାଇଁ ରହିବ ଅଲଗା ଅଲଗା ବ୍ୟବସ୍ଥା। ଦୁଃସ୍ଥ ଓ ଅଚିହ୍ନା ରୋଗୀଙ୍କ ଦାୟିତ୍ୱ ନେବେ ଏସ୍‌ସିବିରେ କାର୍ଯ୍ୟ କରୁଥିବା ସ୍ୱସ୍ଥାସେବୀ ସଂସ୍ଥାମାନଙ୍କର ନିଯୁକ୍ତ କର୍ମକର୍ତ୍ତା। ଏପରିକି ୱାର୍ଡଗୁଡ଼ିକରେ ଚିକିତ୍ସିତ ହେଉଥିବ ରୋଗୀମାନଙ୍କୁ ସଠିକ ଚିକିତ୍ସା କରାଯାଉଛି କି ନାହିଁ, ତାହାର ତଦାରଖ କରିବାକୁ ସ୍ୱତନ୍ତ୍ର ସିସିଟିଭି ଲଗାଯିବ ବୋଲି ମେଡିକାଲର ଜରୁରୀକାଳୀନ ଅଧିକାରୀ ଡାକ୍ତର ଭୁବନାନନ୍ଦ ମହାରଣା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅଚିହ୍ନା ରୋଗୀଙ୍କ ଚିକିତ୍ସା ପାଇଁ ଖୋଲାଯାଇଥିବା ବିଭାଗରେ ଲଗାଯାଇଥିବା ସିସିଟିଭି ଦ୍ୱାରା ବିଭାଗୀୟ କର୍ତ୍ତୃପକ୍ଷ ରୋଗୀମାନଙ୍କ ଚିକିତ୍ସା ଉପରେ ନଜର ରଖିବେ। ଏସ୍‌ସିବିରେ ବିଭିନ୍ନ ଏନ୍‌ଜିଓ ପକ୍ଷରୁ ଅଚିହ୍ନା ରୋଗୀମାନଙ୍କର ଦେଖାରଖା କରିବା ପାଇଁ ରହିଥିବା ଆଟେଣ୍ଡାଣ୍ଟ ନିଯୁକ୍ତ ହୋଇଥିଲେ ମଧ ସେମାନେ ସଠିକ୍‌ଭାବେ କାର୍ଯ୍ୟକରୁନଥିବା ଜଣାପଡିଛି।

# ବାଉଁଶ ଶିଳ୍ପର ବିକାଶ ପାଇଁ ୧୨.୫୬ କୋଟି ଟଙ୍କା

## ଆସିବ ସ୍ୱତନ୍ତ୍ର ବାଉଁଶ ନୀତି

**ଭୁବନେଶ୍ୱର :** ଘରୋଇ ଜମିରେ ବାଉଁଶ ଚାଷକୁ ପ୍ରୋତ୍ସାହନ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ। ରାଜ୍ୟରେ ବାଉଁଶ ଚାଷ ଏବଂ ବାଉଁଶ ଶିଳ୍ପର ବିକାଶ ନିମନ୍ତେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୧୨.୫୬ କୋଟି ଟଙ୍କାର କାର୍ଯ୍ୟ ଯୋଜନା ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭ କରିଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜାତୀୟ ବାଉଁଶ ମିଶନର ପ୍ରଥମ ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟିରେ ଏହି ଅନୁମୋଦନ ମିଳିଛି। ଏହି ମିଶନର କାର୍ଯ୍ୟଯୋଜନା ଅନୁଧ୍ୟାନ କରି ମୁଖ୍ୟ ଶାସନ ସଚିବ ଘରୋଇ ଜମିରେ ବାଉଁଶ ଚାଷକୁ ପ୍ରସାହିତ କରିବା ନିମନ୍ତେ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନୂତନ ଚାଷ କୌଶଳ ବିଷୟରେ ଚାଷୀଙ୍କୁ ଜଣାଇ ବାଉଁଶ ସହ ଅନ୍ୟ ଫସଲର ମିଶ୍ରିତ ଚାଷକୁ ପ୍ରୋତ୍ସାହିତ କରିବା ନିମନ୍ତେ ମଧ ଶ୍ରୀ ପାଢୀ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ କାଠ ତିଆରି ଆସବାବପତ୍ର ବେଆଇନ ତିଆରିକୁ ବନ୍ଦ କରି ଏଦିଗରେ ନିଯୁକ୍ତି ସୁଯୋଗ ସମ୍ବଳିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟ ଶାସନ ସଚିବ। ଏଥିପାଇଁ ପରିବେଶ ଅନୁକୂଳ ଜ୍ଞାନ କୌଶଳ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟରେ ୨୦୦୭-୦୮ ରୁ ୨୦୧୬-୧୭ ମସିହା ପର୍ଯ୍ୟନ୍ତ ବାଉଁଶ ମିଶନର ପୂର୍ବ ନୀତି ଅନୁଯାୟୀ ପ୍ରକଳ୍ପ କାର୍ଯ୍ୟନ୍ୱୟନ କରାଯାଇଥିବା ବାଉଁଶ ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ସୁରେନ୍ଦ୍ର ପ୍ରସାଦ ମହାପାତ୍ର ସୂଚନା ଦେଇଥିଲେ। ଏହା ମାଧ୍ୟମରେ ରାଜ୍ୟରେ ବାଉଁଶ ଜଙ୍ଗଲର ପରିମାଣ ୧୯ ହଜାର ବର୍ଗ କିଲୋମିଟରରୁ ବଢ଼ି ୧୨ ହଜାର ବର୍ଗ କିଲୋମିଟରରେ ପହଞ୍ଚିଛି। ବର୍ତ୍ତମାନ ୬୬ ଟି ସାଧାରଣ ଉଦ୍ୟୋଗ ନର୍ସରୀ, ୪୧ଟି କିଷାନ ନର୍ସରୀ ଏବଂ ୪୭ଟି ମହିଳା ନର୍ସରୀ ବାଉଁଶ ଚାଷର ବିକାଶ ପାଇଁ କାମ କରୁଥିବା ସୂଚନା ଦେଇଥିଲେ ପ୍ରକଳ୍ପ ନିର୍ଦ୍ଦେଶକ। ଏହାର ବିକ୍ରି ପାଇଁ ଖୋର୍ଦ୍ଧା, ମୟୁରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ଜୟପୁର, ସମ୍ବଲପୁର ଏବଂ ଫୁଲବାଣୀ ଆଦି ସ୍ଥାନରେ ୭ଟି ବାଉଁଶ ବଜାର ମଧ ଖୋଲାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରୁ ରାଜ୍ୟରେ ନୂତନ ଜାତୀୟ ବାଉଁଶ ନୀତି ଅନୁଯାୟୀ କାର୍ଯ୍ୟକ୍ରମ ହାତକୁ ନେବାକୁ ବୈଠକରେ ସ୍ଥିର ହୋଇଥିଲା। ତଦନୁଯାୟୀ ବାର୍ଷିକ ଯୋଜନା ଏହି ବୈଠକରେ ଅନୁମୋଦିତ ହୋଇଥିଲା। ଏହାର କାର୍ଯ୍ୟାନ୍ୱୟନ ପାଇଁ ଜାତୀୟ ବାଉଁଶ ମିଶନ ୬୦ ଭାଗ ଏବଂ ରାଜ୍ୟ ସରକାର ୪୦ ଭାଗ ପାଣ୍ଠି ଯୋଗାଇ ଦେବେ। ଚଳିତ ଆର୍ଥିକ ବର୍ଷରୁ ନୂତନ ବାଉଁଶ ଚାଷ ପାଇଁ ସହାୟତା ରାଶିକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି।

# ଘରୋଇ ସ୍କୁଲ ବିରୋଧରେ କଡ଼ା ଆଭିମୁଖ୍ୟ, ଗରିବ ଛାତ୍ରଛାତ୍ରୀଙ୍କୁ ୨୫% ସିଟ୍ ନମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ରାଜ୍ୟରେ ଘରୋଇ ସ୍କୁଲ ବିରୋଧରେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି। ନିୟମ ଅନୁଯାୟୀ ୨୫ ପ୍ରତିଶତ ସିଟରେ ଗରିବ ପିଲାଙ୍କୁ ପଢ଼ିବାର ସୁଯୋଗ ନଦେଲେ ଘରୋଇ ସ୍କୁଲ ବିରୋଧରେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ। ଏନେଇ ରାଜ୍ୟର ସମସ୍ତ ବ୍ଲକ ଶିକ୍ଷାଅଧିକାରୀ ସମସ୍ତ ଘରୋଇ ସ୍କୁଲ ପରିଦର୍ଶନ କରି ତଥ୍ୟ ହାସଲ କରିବେ। ସେହିଭଳି ରାଜ୍ୟରେ କେଉଁ ଘରୋଇ ସ୍କୁଲ କେତେ ଜମି ନେଇଛି ତା'ର ଯାଞ୍ଚ କରାଯିବ। ଏହି ପ୍ରକ୍ରିୟା ଆସନ୍ତା ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବ। ଶିକ୍ଷା ଅଧିକାର ଆଇନ୍-୨୦୦୯ ଅନୁଯାୟୀ ଘରୋଇ ସ୍କୁଲର ଶିକ୍ଷା ଦାନ ବ୍ୟବସ୍ଥା, ଭିତ୍ତିଭୂମି, ରୋଷେଇଘର, ଖେଳପଡ଼ିଆ, ଅଭିଜ୍ଞ ଶିକ୍ଷକ ଆଦି ଶୈକ୍ଷିକ ପରିବେଶ ସମ୍ପର୍କରେ ୨୦୧୬- ୧୭ ଶିକ୍ଷାବର୍ଷ ପାଇଁ ଯାଞ୍ଚ କରାଯିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ୮୦% ସ୍କୁଲରେ ତାଲିମପ୍ରାପ୍ତ ଶିକ୍ଷକ ନଥିବା ଯାଞ୍ଚ ସମୟରେ ଧରାପଡ଼ିଥିଲା। ରାଜଧାନୀରେ ଥିବା ସମସ୍ତ ଘରୋଇ ସ୍କୁଲ ଗୁଡ଼ିକର ଜମି ଓ ନାମଲେଖା ସମୟରେ କେତେ ଫି' ଆଦାୟ ହେଉଛି ତା'ର ଯାଞ୍ଚ କରାଯିବ। ଏହାକୁ ନଜର ଦେଇ ଏନଓସି ମିଳିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହାବ୍ୟତୀତ ଗତବର୍ଷ ଏନ୍‌ଓସି ପାଇନଥିବା ପ୍ରମୁଖ ସ୍କୁଲ ଉପରେ ସ୍ୱତନ୍ତ୍ର ନଜର ଦିଆଯିବା ସହ ଅଚାନକ ସ୍କୁଲର ଭିତ୍ତିଭୂମି ଯାଞ୍ଚ କରାଯିବ ବୋଲି ଶୁଣିବାକୁ ମିଳୁଛି। ଯଦି କୌଣସି ଘରୋଇ ସ୍କୁଲ ବିରୋଧରେ କିଛି ଅନିୟମିତତା ପ୍ରମାଣିତ ହୁଏ ତେବେ ସଂପୃକ୍ତ ସ୍କୁଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରିକି ଗରିବ ପିଲାଙ୍କ ପାଇଁ ଯେଉଁ ସିଟ୍ ସଂରକ୍ଷଣ ରହିଛି ସେ ନେଇ ସରକାର ଯେଉଁ ନିୟମ ଧାର୍ଯ୍ୟ କରିଛନ୍ତି ସେପରି ପିଲା ମିଳୁନାହାନ୍ତି ବୋଲି କିଛି ଘରୋଇ ସ୍କୁଲ କର୍ତ୍ତୃପକ୍ଷ ସଫେଇ ଦେଉଥିବା ବେଳେ ସେସବୁକୁ ଆଉ ଚଳିତବର୍ଷ ବରଦାସ୍ତ କରାଯିବ ନାହିଁ ଏବଂ କଡ଼ା କାର୍ଯ୍ୟନୁଷ୍ଠାନ ନିଆଯିବ। ଚଳିତବର୍ଷ ରାଜ୍ୟର ପ୍ରାୟ ୩୫ପ୍ରତିଶତ ସ୍କୁଲରେ ଗରିବ ପିଲାଙ୍କ ଲାଗି ଉର୍ଦ୍ଦିଷ୍ଟ ୨୫ପ୍ରତିଶତ ସିଟ୍‌ରେ ଗରିବ ପିଲାଙ୍କୁ ନାମ ନଲେଖାଇ ସମ୍ପୃକ୍ତ ସିଟ୍ ଲାଗି କିଛି ଅଭିଭାବକଙ୍କ ଠାରୁ ଅଧିକ ଫି' ନେଇ ସେମାନଙ୍କ ପିଲାଙ୍କୁ ସୁଯୋଗ ମିଳିଛି। ଏପରିକି ଖୋଦ୍ ରାଜଧାନୀରେ ମଧ କିଛି ପ୍ରତିଷ୍ଠିତ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ତଞ୍ଚକତା କରି ସଂରକ୍ଷିତ ୨୫ପ୍ରତିଶତ ସିଟ୍‌ରେ ଗରିବ ପିଲାଙ୍କୁ ପଢ଼ିବାର ସୁଯୋଗ ଦେଇନାହାନ୍ତି। ତେବେ ୨୫ପ୍ରତିଶତ ସିଟ୍ ଲାଗି କୌଣସି ସ୍ୱତନ୍ତ୍ର ଆବେଦନପତ୍ର ଆସିନଥିବାରୁ ସମ୍ପୃକ୍ତ ସିଟ୍ ଖାଲି ପଡ଼ିଛି ବୋଲି ସଫେଇ ଦେଇଥିବା ବେଳେ କିଛି ଗରିବ ପିଲାଙ୍କୁ ପଢ଼ିବାକୁ ସିଧାସଳଖ ମନା କରାଯାଇଛି ବୋଲି କିଛି ଅଭିଭାବକ ଅଭିଯୋଗ କରିଛନ୍ତି।


# କେନ୍ଦ୍ରାପଡ଼ା ପୌର ପରିଷଦ, କେନ୍ଦ୍ରାପଡ଼ା

**ଓଡ଼ିଶାର ସର୍ବପୁରାତନ ତଥା ଐତିହାସିକ ପୌରାଞ୍ଚଳ ଆପଣମାନଙ୍କୁ ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ଅଭିନନ୍ଦନ ଜଣାଉଅଛି। କେନ୍ଦ୍ରାପଡ଼ା ସହରକୁ ଏକ ଆଦର୍ଶ ସହରରେ ପରିଣତ କରିବା ପାଇଁ ପୌରପାଳିକା ତରଫରୁ ନିମ୍ନଲିଖିତ କାର୍ଯ୍ୟ ଗୁଡିକର ଉନ୍ନତି ନିମନ୍ତେ ଆପଣଙ୍କ ସହଯୋଗ କାମନା କରୁଅଛୁ।**


**ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଆମର ସଫଳତା ଓ ଲକ୍ଷ୍ୟ**

୧. ୪୦ ଲକ୍ଷ ଟଙ୍କା ବ୍ୟୟରେ ହଜାରିବଗିଚାସ୍ଥିତ ରାତ୍ର ଆଶ୍ରୟସ୍ଥଳୀର ଉଦ୍‌ଘାଟନ।
୨. ୨୦ ଲକ୍ଷ ଟଙ୍କା ବ୍ୟୟରେ ୪୭ ଗୋଟି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଅଛି ଏବଂ ୨୦ଲକ୍ଷ ଟଙ୍କା ବିନିମୟରେ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି।
୩. ୩୫ଲକ୍ଷ ଟଙ୍କା ବ୍ୟୟରେ ୨ଗୋଟି ନୂତନ ପାର୍କର ଭିତ୍ତିପ୍ରସ୍ଥର ସ୍ଥାପନ।
୪. ୭୧ଲକ୍ଷ ଟଙ୍କା ବ୍ୟୟରେ ଉଦୟନଗରଠାରେ ମାର୍କେଟ କଂପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।
୫. ୩କୋଟି ଟଙ୍କା ବ୍ୟୟରେ କେନ୍ଦ୍ରାପଡ଼ାର ବିଭିନ୍ନ ୱାର୍ଡରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ।
୬. କେନ୍ଦ୍ରାପଡ଼ା ପୌରପାଳିକାରେ ଇଣ୍ଟରନାଲ୍ ଡ୍ରେନେଜ୍ ସିଷ୍ଟମର ଯୋଜନା ରହିଅଛି।
୭. ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୮୭ଜଣ ହିତାଧିକାରୀଙ୍କର ଗୃହକାର୍ଯ୍ୟ ଚାଲୁଅଛି ଏବଂ ଅଧିକ ୯୨ଜଣ ହିତାଧିକାରୀ ଚୟନ ହୋଇଅଛି।
୮. ୨କୋଟି ୭୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମହାଭୋଇ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଟେଣ୍ଡର ଆହ୍ୱାନ ଜାରି ରହିଛି। ଏହାର ଭିତ୍ତପ୍ରସ୍ଥର ସ୍ଥାପନ।
୯. ସରକାରଙ୍କ ଦ୍ୱାରା EESL କମ୍ପାନୀ ଜରିଆରେ କେନ୍ଦ୍ରାପଡ଼ା ପୌରପାଳିକା ଅନ୍ତର୍ଗତ ଷ୍ଟ୍ରିଟ୍ ଲାଇଟଗୁଡିକ LED ବଲ୍‌ବ ଦ୍ୱାରା ଉଜ୍ଜ୍ୱଳ ଆଲୋକର ଶୁଭାରମ୍ଭ।
୧୦. କେନ୍ଦ୍ରାପଡ଼ା ସହର ଉପକଣ୍ଠ ତିନିମୁହାଣୀ, ପୁରୁଣା ମଟର ଷ୍ଟାଣ୍ଡ, ମେଡିକାଲ ଓ ଇଚ୍ଛାପୁରଠାରେ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିସରରେ Highmast Light ଲଗାଯାଇଅଛି।
୧୧. ପ୍ରତ୍ୟେକ ୱାର୍ଡରେ 'ଉନ୍ନତି' ଯୋଜନାରେ ୨୫ଲକ୍ଷ ଟଙ୍କା ବ୍ୟୟ କରାଯାଇ ପ୍ରତ୍ୟେକ ୱାର୍ଡରେ ରାସ୍ତା, ଡ୍ରେନ୍ ଓ କମ୍ୟୁନିଟି ସେଣ୍ଟରର ଶୁଭାରମ୍ଭ।
୧୨. ବିଜୁ ଯୁବ ବାହିନୀ ଗଠନ କରାଯାଇ ଯୁବଗୋଷ୍ଠୀଙ୍କୁ ନିୟୋଜନ।
୧୩. କେନ୍ଦ୍ରାପଡ଼ା କେନାଲ ଲକ୍ ଠାରୁ ସାନ୍ତସାହି ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ ଶେଷ ହୋଇଛି।
୧୪. ଉର୍ଦ୍ଧ୍ୱ ଲାଇବ୍ରେରୀ ପାଖରେ ଚିକେନ୍ ମାର୍କେଟ ଖୋଲାଯାଇଛି।
୧୫. ପୌରାଞ୍ଚଳକୁ ଖୁବ୍ ଶୀଘ୍ର ODF ଭାବେ ଘୋଷଣା କରାଯିବ।

**ଶ୍ରୀଯୁକ୍ତ ଦେବପ୍ରସାଦ ବଳ**
**ନିର୍ବାହୀ ଅଧିକାରୀ**

**ଶ୍ରୀଯୁକ୍ତ ସଞ୍ଜୟ କୁମାର ମିଶ୍ର,** ଓ.ପ୍ର.ସେ (ଏସ୍.ବି.)
**ପ୍ରଶାସକ**
**ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା**

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୯ ଅକ୍ଟୋବର - ୦୪ ନଭେମ୍ବର, ୨୦୧୮

# ଅସହାୟ ଜନତା

**ତୈ**ଳଦର ବୃଦ୍ଧିକୁ ନେଇ କେନ୍ଦ୍ର-ରାଜ୍ୟ ଲଢ଼େଇ ଭିତରେ ହନ୍ତସନ୍ତ ହେଉଛନ୍ତି ସାଧାରଣ ଜନତା। ଡିଜେଲ, ପେଟ୍ରୋଲ ଦର ବୃଦ୍ଧି ଆଳରେ ଗାଡ଼ି, ମଟର ଭଡା ବୃଦ୍ଧି ପାଉଛି। ହେଲେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଅଟୋରିକ୍ସାରେ ଯାତ୍ରା କରୁଥିବା ଯାତ୍ରୀମାନେ। ରାଜଧାନୀର ରାଜରାସ୍ତାରେ ଗଡୁଥିବା ଅଟୋରିକ୍ସା ପ୍ରତି ସରକାରଙ୍କ କୋହଳ ମନୋଭାବ ହେତୁ ଏମାନେ କାହାରିକୁ ମାନିବା ଅବସ୍ଥାରେ ନାହାନ୍ତି। ନା' ଅଟୋରିକ୍ସାରେ ମିଟର ଲାଗିପାରୁଛି ନା' ଭଡା ଧାର୍ଯ୍ୟ ହୋଇପାରୁଛି। ଯେଉଁଥିପାଇଁ ଅଟୋଚାଳକମାନେ ଅତ୍ୟନ୍ତ ବେପରୁଆ ଢଙ୍ଗରେ ଯାତ୍ରୀମାନଙ୍କୁ ବ୍ୟବହାର ଦେଖାଇବା ସହିତ ମନଇଚ୍ଛା ଭଡା ଆଦାୟ କରୁଛନ୍ତି। ମାଳ ମାଳ ଅଟୋରିକ୍ସା ଯୋଗୁଁ ଭୁବନେଶ୍ୱରର ଗଳିକନ୍ଦିଠୁ ଆରମ୍ଭ କରି ମୁଖ୍ୟ ରାସ୍ତା ଗୁଡ଼ିକ ଅବରୋଧ ହେଉଛି। ସଂଯୋଗକାରୀ ରାସ୍ତା ଗୁଡ଼ିକରେ ଥିବା ଛକ ମାନଙ୍କରେ ଏମାନଙ୍କର ନାହିଁ ନଥିବା ଭିଡ। ଟ୍ରାଫିକ ସମସ୍ୟା ଉପୁଜୁଥିଲେ ବି ଏମାନଙ୍କ ଉପରେ କୌଣସି ପ୍ରଶାସନିକ କଟକଣା ରହିଥିବା ଜଣାପଡେନି। ଆଚାର୍ଯ୍ୟ ବିହାର ହେଉ କି ଜୟଦେବ ବିହାର, ମ୍ୟୁଜିୟମ ଛକ ହେଉ କିମ୍ବା ଖଣ୍ଡଗିରି ସବୁଠାରେ ଅଟୋ ଚାଳକଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ସତେଯେପରି ସରକାରଙ୍କ ନିୟନ୍ତ୍ରଣରେ ନାହାନ୍ତି ଅଟୋ ଚାଳକ।

ବାଣୀବିହାର ଛକରେ ପାଞ୍ଚଟି ଅଟୋ ଷ୍ଟାଣ୍ଡ ରହିଛି। ଗୋଟିଏ ହେଲା ବାଣୀବିହାର ପଟକୁ ଲାଗି ବସ୍ ଟିକଟ ବିକ୍ରି ହେଉଥିବା ଦୋକାନ ଆଗରେ। ତା' ଆଗକୁ ଅଳ୍ପ ଦୂରରେ ଭିଏସ୍‌ଏସ୍ ନଗର ଓ ମଞ୍ଚେଶ୍ୱର ଶିଳ୍ପାଞ୍ଚଳକୁ ଯିବା ପାଇଁ ଆଉ ଏକ ଅଟୋ ଷ୍ଟାଣ୍ଡ। ଅପର ପାର୍ଶ୍ୱରେ ମେଟ୍ରୋ ଟାୱାର ସାମ୍ନାରେ ଗୋଟିଏ ଓ ଟିକିଏ ଆଗକୁ ଆଉ ଗୋଟିଏ ଅଟୋ ଷ୍ଟାଣ୍ଡ। ସେହିଭଳି ଅପର ପାର୍ଶ୍ୱରେ ପେଟ୍ରୋଲ ପମ୍ପକୁ ଲାଗି ପଟିଆ ଆଡକୁ ଯିବା ପାଇଁ ଗୋଟିଏ ଷ୍ଟାଣ୍ଡ ଥିଲା ବେଳେ ତା' ନିକଟରେ ବରମୁଣ୍ଡା ଦିଗକୁ ଯିବା ପାଇଁ ଆଉ ଗୋଟିଏ ଅଟୋ ଷ୍ଟାଣ୍ଡ ରହିଛି। ଜୟଦେବ ବିହାର ଛକରେ ମଧ୍ୟ ଅନୁରୂପ ଭାବେ ପାଞ୍ଚଟି ଅଟୋ ଷ୍ଟାଣ୍ଡ ଅଛି। ତେବେ ଯେଉଁ ରୁଟ୍‌ରେ ଏହି ଅଟୋ ଗୁଡ଼ିକ ଯାତାୟାତ କରୁଛନ୍ତି ସେମାନଙ୍କର ଗନ୍ତବ୍ୟ ସ୍ଥଳରୁ ପହଞ୍ଚିବା ସ୍ଥାନର ଦୂରତା କେତେ। ବାଣୀବିହାର ଛକରୁ ରୂପାଲି ଛକ ଯିବା ପାଇଁ ପୂର୍ବରୁ ପାଞ୍ଚଟଙ୍କା ଅଟୋଭଡା ଥିଲା ବେଳେ ବର୍ତ୍ତମାନ ତାହା ୧୦ ଟଙ୍କା ଆଦାୟ କରାଯାଉଛି। ପ୍ରଶ୍ନ ପଚାରିବାର ଉପାୟ ନାହିଁ। ଯୁକ୍ତି କଲେ ଅଟୋଚାଳକ ମାନେ ସଂଘବଦ୍ଧ ହୋଇ ଯାତ୍ରୀମାନଙ୍କୁ ଅଡୁଆରେ ପକାଇବାକୁ ପଛାନ୍ତି ନାହିଁ। ତେବେ ପ୍ରଶ୍ନ ଉଠେ ଏହାର ଦୂରତା କେତେ? ମାତ୍ର ଗୋଟିଏ କିଲୋମିଟର ଦୂରତା ଯିବା ପାଇଁ ଅଟୋ ଯାତ୍ରୀଙ୍କୁ ଦ୍ୱିଗୁଣ ଭଡା ଦେବାକୁ ପଡୁଛି। କାରଣ ପୂର୍ବରୁ ଏହା ମାତ୍ର ୫ ଟଙ୍କା ଥିଲା। ଜୟଦେବ ବିହାର ଛକରୁ ଆଚାର୍ଯ୍ୟ ବିହାର ଛକକୁ ଆସିବାକୁ ହେଲେ ତାହା ମଧ୍ୟ ସମାନ ଢଙ୍ଗରେ ଆଦାୟ କରାଯାଉଛି। ଯାହା ଜଣାପଡିଛି ଅଟୋରିକ୍ସାରେ ବସିବାର ଅର୍ଥ ସର୍ବନିମ୍ନ ୧୦ ଟଙ୍କା ଦଣ୍ଡ ଗଣିବାକୁ ପଡିବ। ଏହାର ଗୋଟିଏ କାରଣ ଯେ, ତେଲ ଦର ବଢ଼ି ଚାଲିଛି। ତେବେ

ସମ୍ପାଦକୀୟ



ତାରକ ମହାନ୍ତି

କହିବାର କଥା ଯେ, ତୈଳ ଦର କିଲୋମିଟର ହିସାବରେ ବୃଦ୍ଧି ପାଉନାହିଁ। ଏହା ଲିଟର ହିସାବରେ ବୃଦ୍ଧି ପାଉଛି। ତେଣୁ ଗୋଟିଏ ଲିଟର ତେଲରେ ତିନିରୁ ପାଞ୍ଚଟଙ୍କା ବୃଦ୍ଧି ପାଇଲେ ଅଟୋରିକ୍ସା ଭଡା କିଲୋମିଟର ପ୍ରତି ୫ଟଙ୍କା କିଭଳି ବୃଦ୍ଧି ପାଇବ। କାରଣ ଗୋଟିଏ ଲିଟର ପେଟ୍ରୋଲ ଅବା ଡିଜେଲରେ ଗୋଟିଏ ଅଟୋରିକ୍ସା ୨୦ ରୁ ୨୫ କିଲୋମିଟର ନିଶ୍ଚିତ ଯାତାୟାତ କରୁଥିବ। ତେଣୁ ତୈଳ ଦରରେ ଯେଉଁ ବୃଦ୍ଧି ଦେଖାଗଲା ତାହା ଗାଡ଼ି ଗତି କରୁଥିବା କିଲୋମିଟର ଅନୁସାରେ ବଢ଼ିଲା। ତେଣୁ ହିସାବ କହୁଛି ତୈଳ ଦର କିଲୋମିଟରେ ପ୍ରତି ମାତ୍ର ୨୦ ପଇସା ବୃଦ୍ଧି ପାଇଥିଲା ବେଳେ ଅଟୋ ଚାଳକମାନେ କେଉଁ ସାହସରେ ବର୍ଦ୍ଧିତ ପଇସା ବଦଳରେ ଅଧିକ ୫ଟଙ୍କା ଦାବି କରୁଛନ୍ତି। ଅର୍ଥାତ ପାଞ୍ଚଜଣ ଯାତ୍ରୀ ଯାତ୍ରା କରୁଥିବା ଅଟୋରିକ୍ସା ପୂର୍ବ ଭଡା ତୁଳନାରେ ଦ୍ୱିଗୁଣ ଅଧିକ ଟଙ୍କା ଆଦାୟ କରୁଛନ୍ତି। ଏହାମାତ୍ର ଗୋଟିଏ ବା ଦୁଇ କିଲୋମିଟରର ହିସାବ ଭାବେ ନିଆଯାଇପାରେ। ସେହି ଅନୁପାତରେ ହିସାବ କଲେ ଗୋଟିଏ ଲିଟର ତେଲରେ ଅଟୋରିକ୍ସା ଯେତିକି କିଲୋମିଟର ଯାଉଛି ତା' ମଧ୍ୟରେ ଏଭଳି କେତେକ ଷ୍ଟପେଜ୍ ରହିଛି। ଷ୍ଟପେଜ୍ ଅନୁସାରେ ଭଡାର ହିସାବ ନିଆଗଲେ ଏହା ଚିନ୍ତା ବାହାରେ ନିଶ୍ଚୟ। ଚନ୍ଦ୍ରଶେଖରପୁର ଅଞ୍ଚଳର ନୀଳାଦ୍ରି ବିହାର ସେକ୍ଟର-୧ ଏଟିଏମ୍ ଛକରୁ ବିପିସିଏଲ୍ ପେଟ୍ରୋଲ ପମ୍ପର ଦୂରତା ମାତ୍ର ଅଧାକିଲୋମିଟରରୁ ସାମାନ୍ୟ ଅଧିକ। ଏ ସ୍ଥାନରେ କେହି କେହି ଅଟୋ ଚାଳକ ପୂର୍ବଭଳି ୫ଟଙ୍କା ନେଉଥିଲା ବେଳେ ଅଧିକାଂଶ ଅଟୋଚାଳକ ୧୦ ଟଙ୍କା ନେଉଛନ୍ତି। ଏ ସମ୍ପର୍କରେ ଯେଉଁ ଅଟୋଚାଳକଙ୍କୁ ବି ପଚାର ସେମାନେ କହିବେ ତେଲ ଦର ବଢ଼ିଛି। ତେଣୁ ତେଲ ଦର ବୃଦ୍ଧି ସହିତ ଅଟୋଭଡା ବୃଦ୍ଧିର ସମ୍ପର୍କ ରହିଥିଲେ ବି ଟଙ୍କାଏ, ଆଠଣା ଭଡା ବୃଦ୍ଧି ନକରି ସେମାନେ ଜବରଦସ୍ତ ୫ଟଙ୍କା ଅଧିକ ନେଉଛନ୍ତି କାହିଁକି? ଯେଉଁଥିପାଇଁ ପ୍ରତ୍ୟେକ ଦିନ ରାଜଧାନୀର ଅଟୋଚାଳକମାନଙ୍କ ସହିତ ଯାତ୍ରୀମାନଙ୍କର ଯୁକ୍ତିତର୍କ ଓ କଥା କଟାକଟି ହେଉଛି। କେତେକ ସ୍ଥଳରେ ଅଶିକ୍ଷିତ ଅଟୋଚାଳକମାନେ ଯାତ୍ରୀମାନଙ୍କୁ ଭଲ ବ୍ୟବହାର ମଧ୍ୟ ଦେଖାଉ ନାହାନ୍ତି। ଏତେ ସମସ୍ୟା ଦେଖାଯାଉଥିଲେ ବି ଏ ସମ୍ପର୍କରେ ପରିବହନ ବିଭାଗ ହେଉ କିମ୍ବା ଜିଲ୍ଲା ପ୍ରଶାସନ ସାମାନ୍ୟତମ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଜଣାପଡେ। ଭିତିରି ଭାବେ ଯାହା ଜଣାପଡେ ଅଟୋଚାଳକମାନେ ଯେଉଁ ସ୍ଥାନକୁ ନିଜର ଷ୍ଟାଣ୍ଡ ବୋଲି କହୁଛନ୍ତି ତାଙ୍କ ପଛରେ ସଂଘ ରହିଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସଂଘ ରହିବା ଭଲ। ତେବେ ଏହି ସଂଘ ଯାତ୍ରୀ ଓ ଗାଡ଼ି ଚାଳକଙ୍କ ସୁରକ୍ଷା ପ୍ରତି ଦୃଷ୍ଟିଦେବା ଉଚିତ। ଏକପାଖିଆ ଭାବେ କେବଳ ଗାଡ଼ି ଚାଳକମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଯାତ୍ରୀମାନଙ୍କୁ ହତାଦାର କରିବା ବା ହଇରାଣ କରିବା ସଂଘୀୟ ଲକ୍ଷଣ ନୁହେଁ। ସଂଘ ଏକ ମୁରବିର ଦାୟିତ୍ୱ ତୁଲାଇଥାଏ। ତେଣୁ ଯେତେବେଳେ କୌଣସି ମୁରବି ଉଭୟ ପକ୍ଷର ଦାବିକୁ ଗୁରୁତ୍ୱ ନ ଦେଇ ଜଣକ ପାଇଁ ଠିଆ ହୁଅନ୍ତି ସେତେବେଳେ ସେ ନିନ୍ଦିତ ହେବା ସ୍ୱାଭାବିକ। ବର୍ତ୍ତମାନ ଭୁବନେଶ୍ୱରରେ ଅଟୋଚାଳକମାନଙ୍କ ଜୁଲମର ପ୍ରତିବାଦ ହେଉ ନଥିବାରୁ ଏହାର ସୁଯୋଗ ନେଇ ସେମାନେ ଏଭଳି କରୁଛନ୍ତି। ରାଜଧାନୀର ସଚେତନ ନାଗରିକମାନେ ଏ ସମ୍ପର୍କରେ ଏକଜୁଟ ହେଲେ କିମ୍ବା ପ୍ରଶାସନ ନିକଟରେ ଘଟଣାକୁ ପହଞ୍ଚାଇ ପାରିଲେ ନିଶ୍ଚୟ କିଛି ସୁଫଳ ମିଳିବାର ଆଶା ରହିଛି। କିନ୍ତୁ ଏହି ଅଟୋରିକ୍ସା ଗୁଡ଼ିକରେ କେବଳ ରାଜଧାନୀର ବାସିନ୍ଦା ଯା'ଆସ କରୁନାହାନ୍ତି। ବରଂ ରାଜ୍ୟ ଭିତରୁ ଓ ରାଜ୍ୟ ବାହାରୁ ବହୁତ ଯାତ୍ରୀ ଅଟୋରିକ୍ସା ଉପରେ ଭରସା ରଖୁଛନ୍ତି। କାରଣ ଭୁବନେଶ୍ୱର ପରିସୀମା ଅନୁସାରେ ଟାଉନ ବସ୍ ସଂଖ୍ୟା ଅତି ନଗଣ୍ୟ। ଘରୋଇ ଓ ସରକାରୀ ଉଭୟ ମିଶିଲେ ବି ସହର ଭିତରେ ଚଳାଚଳ କରିବା ପାଇଁ ଏହି ସଂଖ୍ୟା ଯଥେଷ୍ଟ ହୋଇପାରୁନାହିଁ। ଫଳରେ ଅଟୋରିକ୍ସା ହିଁ ରାଜଧାନୀର ମୁଖ୍ୟ ଯାତ୍ରୀ ପରିବହନର ଭୂମିକା ନେଉଛି। ତେଣୁ ରୁବାବ ବଢ଼ିବା ସ୍ୱାଭାବିକ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଓଡ଼ିଶାରେ ଚିଟ୍‌ଫଣ୍ଡ ତଦନ୍ତକୁ ଅବରୋଧ !



ଡାକ୍ତର ନୀଳମାଧବ ପୃଷ୍ଟି

**ଭା**ରତର ସବୁଠାରୁ ବିଶ୍ୱାସ ଓ ନିର୍ଭରଯୋଗ୍ୟ ସର୍ବବୃହତ୍ ତଦନ୍ତକାରୀ ସଂସ୍ଥା ସିବିଆଇର ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ନିର୍ଦ୍ଦେଶକଙ୍କ କାରନାମା ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ଏକ ସର୍ବବୃହତ୍ ଓ କ୍ଷମତାଶାଳୀ ତଦନ୍ତକାରୀ ସଂସ୍ଥା ଅଡୁଆ ଜାଲରେ ପଡ଼ିବା ସହ ଅନେକ ଘଟଣା ଧିରେ ଧିରେ ବାହାରକୁ ପ୍ରକାଶ ପାଉଛି। ନିକଟରେ ବିଜେଡ଼ିର ବହିଷ୍କୃତ ହେବିୱେଟ ନେତା ଦାମୋଦର ରାଉତ ଓଡ଼ିଶାରେ ଚିଟଫଣ୍ଡ, ବ୍ଲାକରୋଜ ଜାହାଜର ସିବିଆଇ ତଦନ୍ତ ଅଟକାଇବା ପାଇଁ ୧୦୦ କୋଟିର ଲାଞ୍ଚ ଦିଆଯାଇଛି ବୋଲି ଗୁରୁତର ରାଜନୈତିକ ଗୁଗ୍‌ଲି ଛାଡ଼ିଛନ୍ତି। ଅତୀତରେ ସିବିଆଇ ଓଡ଼ିଶାରେ ଚିଟଫଣ୍ଡ ତଦନ୍ତକୁ ଯେଉଁପରି ତ୍ୱରାନ୍ୱିତ ସହ ରାଜନେତା ଓ ଅଫିସରଙ୍କୁ ନିଜ ଖୁଆଡ଼କୁ ଟାଣୁଥିଲେ ସେ ସମୟରେ ଏକ ପ୍ରକାର ହଇଚଇ ସୃଷ୍ଟି ହୋଇଥିଲା। କିନ୍ତୁ ବଡ଼ ଆଶ୍ଚର୍ଯ୍ୟର ପ୍ରସଙ୍ଗ ଏବେ ଏ ତଦନ୍ତ ପୁରାପୁରି ଥଣ୍ଡା ପଡ଼ିଯାଇଛି। ସିବିଆଇ ପରି ନିର୍ଭରଯୋଗ୍ୟ ସଂସ୍ଥାର ବଡ଼ ବଡ଼ ମୁଣ୍ଡିଆଳ ମାନଙ୍କୁ ରାଜନୈତିକ ଶକ୍ତିମାନେ ଯେ ନିଜ ଇଚ୍ଛାରେ ପକେଟରେ ପୁରାଇ ପାରନ୍ତି ମୋହନ କ୍ୟୁରେସି ମାମଲା ଓ ସିବିଆଇର ଡିଏସ୍‌ପି ଦେବେନ୍ଦ୍ର କୁମାରଙ୍କ ଗରିଫ ଘଟଣାରୁ ସ୍ପଷ୍ଟ ହୋଇଛି। ଓଡ଼ିଶାରେ ହଜାର ହଜାର କୋଟି ଟଙ୍କାର ଚିଟଫଣ୍ଡ ମହାର୍ଦ୍ଦୀତର ତଦନ୍ତକୁ ବାଟବଣା କରାଯାଇ ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦିଆଯାଉଥିବାର ଜୋରଦାର ଖବର ପ୍ରକାଶ ପାଉଛି। ନିକଟରେ ଏକ ଜାତୀୟ ସ୍ତରର ଇଂରାଜୀ ନ୍ୟୁଜ୍ ଚ୍ୟାନେଲ ଟାଇମ୍ସ ନାଓର ରୋଚକ ତଥ୍ୟ ସମସ୍ତଙ୍କୁ ଚମକାଇ ଦେଲାପରି । ସେଥିରେ ଉଲ୍ଲେଖ ରହିଛି କି ମୋହନ କ୍ୟୁରେସି ମାମଲାରେ ଯେଉଁ ସିବିଆଇ ଅଧିକାରୀ ଏହାର ତଦନ୍ତକାରୀ ଦାୟିତ୍ୱରେ ଥିଲେ ତାଙ୍କୁ ଜଣେ ପ୍ରଭାବଶାଳୀ କଂଗ୍ରେସ ନେତା ଲାଞ୍ଚ ଦେଇ କିଣିବାକୁ ସକ୍ଷମ ହୋଇଛନ୍ତି। ପୂର୍ବତନ ଉପା ସରକାରଙ୍କ ଅମଳରେ ଏହି କାରନାମା କରାଯାଇ ତଦନ୍ତକୁ ଦୁର୍ବଳ କରାଯାଇଥିବାର ଅଭିଯୋଗ ହେଉଛି।

ଓଡ଼ିଶା କଥା ବିଚାରକୁ ଆସୁ। ସରକାରୀ ଭାବେ ଚିଟ୍‌ଫଣ୍ଡ ଦୁର୍ନୀତି ହୋଇଛି ବୋଲି ସ୍ୱୀକାର କରାଯାଇଛି। ଚାଳିଶ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଚିଟ୍‌ଫଣ୍ଡ ଡକାୟତମାନେ ଲୁଟି ଲକ୍ଷ ଲକ୍ଷ ଲୋକଙ୍କ ଭବିଷ୍ୟତର ସ୍ୱପ୍ନକୁ ବରବାଦ କରିଛନ୍ତି। ଅନେକ ଚିଟ୍‌ଫଣ୍ଡ କମ୍ପାନୀର ବଡ଼ ବଡ଼ ମୁଣ୍ଡିଆଳଙ୍କ ସହ ସରକାର ଅଫିସରଙ୍କ ଭାବନାବ ଥିଲା ବୋଲି ଗଣମାଧ୍ୟମରେ ରୋଚକ ଖବର ପ୍ରକାଶ ପାଇଥିଲା। ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ଲକ୍ଷ ଲକ୍ଷ ଟଙ୍କାର ବିଜ୍ଞାପନ ଚିଟ୍‌ଫଣ୍ଡ ମାଫିଆମାନେ ପ୍ରଦାନ କରି ସେମାନଙ୍କୁ ପ୍ରଭାବିତ କରିବାର ଅପଚେଷ୍ଟା ମଧ୍ୟ କରିଥିଲେ। ତେବେ ଏପରି ସଂଗୀନ ପ୍ରସଙ୍ଗ ସୁପ୍ରିମକୋର୍ଟକୁ ଯିବା ପରେ ରାଜ୍ୟ ସରକାର ବହୁ ବିଳମ୍ବରେ ଓ ତରବରିଆ ଭାବେ କ୍ରାଇମବ୍ରାଞ୍ଚ ଓ କମିସନରେଟ ପୁଲିସ ଦ୍ୱାରା ତଦନ୍ତ କରାଇଥିଲେ। ସୁପ୍ରିମକୋର୍ଟରେ ସିବିଆଇ ତଦନ୍ତ ପାଇଁ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲାକୁ ସରକାର ବିରୋଧ କରିଥିଲେ ତେବେ ଏସବୁ ସତ୍ତ୍ୱେ ୨୦୧୪ ଜୁନରେ ମାନ୍ୟବର ସୁପ୍ରିମକୋର୍ଟ ସିବିଆଇକୁ ଓଡ଼ିଶାର ଚିଟ୍‌ଫଣ୍ଡ ମହାଦୁର୍ନୀତିର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମେ ପ୍ରଥମେ ସିବିଆଇର ଖୁଆଡ଼ ଭିତରକୁ ନେତା ମାନଙ୍କ ଧାଡ଼ି ଲାଗୁଥିଲା। ଓଡ଼ିଶାରେ ଚିଟ୍‌ଫଣ୍ଡରେ ଟଙ୍କା ହରାଇଥିବା ଲୋକମାନେ ଆଶା ଓ ବିଶ୍ୱାସ କରିଥିଲେ ତଦନ୍ତ ପରେ ସେମାନେ ନିଶ୍ଚିନ୍ତ ପଇସା ଫେରି ପାଇବେ। କିନ୍ତୁ ଏହା ଭିତରେ ଚାରି ବର୍ଷ ବିତିସାରିଲାଣି। ଅନେକ ଚିଟ୍‌ଫଣ୍ଡ ମାଫିଆଙ୍କ ବେପାର ବଣିଜରେ ସରକାରୀ ସ୍ତରରେ ନୀତିଗତ ଭାବେ ବେପାର ବଟା ରହିଥିଲା। ଆଉ ନେତା, ବିଧାୟକ, ସାଂସଦ, ମନ୍ତ୍ରୀ, ବଡ଼ ବଡ଼ ଆଇଏଏସ୍ ଓ ଆଇପିଏସ ଅଧିକାରୀମାନେ ମଧ୍ୟ ନିଜ ସୁବିଧାକୁ ଦେଖି ହାତ ଚିକଣ କରୁଥିଲେ। କେନ୍ଦ୍ରରେ ସରକାର ଗଢ଼ିଥିବା ଭାଜପାର ବଡ଼ ବଡ଼ ନେତାମାନେ ଓଡ଼ିଶା ଗସ୍ତ ସମୟରେ ନିଜ ଭାଷଣବାଜୀରେ ଚିଟ୍‌ଫଣ୍ଡ କଥା ଉଠାଇ ସରକାରଙ୍କୁ ଘେରିବାର ଉଦ୍ୟମ ମଧ୍ୟ କରିଥିଲେ। କିନ୍ତୁ ଫଳ ସବୁ ଶୂନ୍ୟ ସିବିଆଇ ଜାଲରୁ ଖସି ଅନେକ ମୁଣ୍ଡିଆଳମାନେ ଆରାମରେ ବୁଲିବା ସହ ନିଜ ନିଜ ବେପାରବଟାରେ ବ୍ୟସ୍ତ ଅଛନ୍ତି। ଆଶ୍ଚର୍ଯ୍ୟରକଥା ଓଡ଼ିଶା ବିଜେପି ମଧ୍ୟ ଏ କ୍ଷେତ୍ରରେ ଅସମ୍ଭବ ଭାବେ ନୀରବ ରହୁଛି। ଓଡ଼ିଶାରେ ଚିଟ୍‌ଫଣ୍ଡ ମହାଦୁର୍ନୀତି ସୁରଟ ପର୍ଯ୍ୟନ୍ତ ମଧ୍ୟ ଲମ୍ବିଥିଲା। ଅନେକ ନିମ୍ନ ମଧ୍ୟବିତ୍ତ, ଗରିବ ଓ ମଧ୍ୟବିତ୍ତମାନେ ନିଜ ଭବିଷ୍ୟତ ପାଇଁ ଯାହାକିଛି ଏହି ଚିଟ୍‌ଫଣ୍ଡରେ ଖଟାଇଥିଲେ ସେମାନେ କାଙ୍ଗାଳ ହୋଇଗଲା ପରେ ସରକାରଙ୍କ ବଡ଼ ଦାୟିତ୍ୱ ଥିଲା ନିର୍ଭରଯୋଗ୍ୟ ତଦନ୍ତ କରାଇ ଚିଟ୍‌ଫଣ୍ଡ ଠକଙ୍କ ସମ୍ପତ୍ତି ଜବତ ସହ ସେମାନଙ୍କ ଅର୍ଥରାଶିକୁ ଫେରାଇବା। ଅବଶ୍ୟ ସ୍ୱଳ୍ପ ଟଙ୍କା ଖଟାଇଥିବା କିଛି କିଛି କ୍ଷତିଗ୍ରସ୍ତ ମାନଙ୍କୁ ସରକାରୀ ଭାବରେ କିଛି ସହାୟତା ଓ ପଇସା ଫେରାଇବାର ବ୍ୟବସ୍ଥା କରାଯାଇଛି। କିନ୍ତୁ ମୂଳକଥାଟି ତାହା ନୁହେଁ ଅସଲ ମଞ୍ଜି ହେଉଛି ଏହି ଦୁର୍ନୀତିର ମହାନାୟକଙ୍କ ଅସଲ ଚେହେରା ବାହାରକୁ ଆଣିବା। ପାରାଦ୍ୱୀପରେ ଚୋରା ଲୁହାପଥର ଅପରିଯାପ୍ତ ପରିମାଣର ନେଇ ସେ ମଙ୍ଗୋଲୀୟ ଜାହାଜ ବ୍ଲାକରୋଜ ପାରାଦ୍ୱୀପ ବନ୍ଦର ପାଖରେ ବୁଡ଼ି ଯାଇଥିଲା। ସେ ସମୟରେ ଏ ନେଇ ଦୁର୍ନୀତିର ମହାନାୟକ କୁହାଯାଉଥିବା ବ୍ୟକ୍ତି ଅଦୃଶ୍ୟ ହୋଇସାରିଲେଣି। ବ୍ଲାକରୋଜ ଜାହାଜ ବର୍ତ୍ତମାନ ସୁଦ୍ଧା ବିପଜ୍ଜନକ ଭାବରେ ଭୟଙ୍କର ସାମୁଦ୍ରିକ ପ୍ରଦୂଷଣ କରିବା ସହ ଉଦ୍ଧାର ହୋଇପାରିନି। ଏ ମାମଲା ମଧ୍ୟ ସୁପ୍ରିମକୋର୍ଟ ଯାଏ ଲମ୍ବିଛି। ତେବେ ନିକଟରେ ଚିଟ୍‌ଫଣ୍ଡ ଦୁର୍ନୀତି ଓ ବ୍ଲାକରୋଜ ଦୁର୍ନୀତି ନେଇ ଦାମୋଦର ରାଉତଙ୍କ ମନ୍ତବ୍ୟ ନିଶ୍ଚିନ୍ତ ଭାବରେ ପ୍ରଣିଧାନଯୋଗ୍ୟ ଓ ତଦନ୍ତ ସାପେକ୍ଷ। କେନ୍ଦ୍ରରେ ବିଜେପି ନିଜ ତଥାକଥିତ ମେଣ୍ଟର ମିତ୍ରଙ୍କ ସହ ସମ୍ପର୍କରେ ଦୂରତା ବଢ଼ିବା ଓ ଏ କ୍ଷେତ୍ରରେ ସମଦୂରତ୍ୱର ନାରା ଦେଉଥିବା ବିଜେଡ଼ି ପରି ପ୍ରଭାବଶାଳୀ ଓ ନିର୍ଭରଯୋଗ୍ୟ ଆଞ୍ଚଳିକ ଦଳର ସମର୍ଥନ ପାଇବା ଭିତରେ ଅନେକ ପ୍ରଶ୍ନ ଉଙ୍କି ମାରିବା ବି ସ୍ୱାଭାବିକ। ଜଣେ ଚୋରା ମାଂସ ବେପାରୀ ନିଜ ସୁରକ୍ଷା ପାଇଁ ସିବିଆଇର ଏତେ ବଡ଼ କର୍ମକର୍ତ୍ତାଙ୍କୁ ଟଙ୍କା ଦ୍ୱାରା ନିଜ ପକେଟରେ ପୁରେଇ ପାରୁଥିବାବେଳେ ସରକାରଙ୍କୁ ବଞ୍ଚାଇବା ସହ ଦଳରୁ ଦୁର୍ନାମର ଛିଟା ଲିଭାଇବା ପାଇଁ ଓଡ଼ିଶା ସରକାର କଣ ପାଇଁ ସିବିଆଇର ସହାୟତା ନେଇ ନଥିବେ? ଦୁର୍ନୀତି ବିରୋଧରେ ଗର୍ଜନ ତର୍ଜନ କରୁଥିବା ନରେନ୍ଦ୍ର ମୋଦି ମଧ୍ୟ ସିବିଆଇ ତଦନ୍ତକୁ ଆଗେଇବା ପାଇଁ ସମ୍ଭବତଃ ସବୁଜ ସଙ୍କେତ ଦେଉନାହାନ୍ତି। କିନ୍ତୁ ବର୍ତ୍ତମାନର ଘଟଣା ମୋଦି ସରକାରଙ୍କୁ ନିଶ୍ଚିନ୍ତ ଭାବେ ଅଡୁଆର ଜାଲ ଭିତରକୁ ଠେଲି ସାରିଲାଣି। କେନ୍ଦ୍ର ତଦନ୍ତର କର୍ତ୍ତୃତ୍ୱ ନାହିଁ ଓ ସିଭିସିଆର ତଦନ୍ତ କରିବେ ବୋଲି କେନ୍ଦ୍ର ସରକାର ମନ୍ତବ୍ୟ ଦେଉଥିଲେ ମଧ୍ୟ ଓଡ଼ିଶାରେ ଚିଟ୍‌ଫଣ୍ଡ ତଦନ୍ତକୁ ତ୍ୱରାନ୍ୱିତ ପାଇଁ ଏହି ଘଟଣା ମୋଦିଙ୍କ ଉପରେ ଚାପ ସୃଷ୍ଟି କରିବ। ଆଗକୁ ନିର୍ବାଚନ ଥିବାରୁ ଦଳ ନିଜ ଭୋଟବ୍ୟାଙ୍କ ବା ରାଜନୈତିକ ସ୍ୱାର୍ଥ ଗୋଟିଏ କାହାକୁ ବାଛିବା ପାଇଁ ଅତ୍ୟନ୍ତ ପ୍ରୟୋଜନୀୟ ହୋଇପଡ଼ିବ। ସିବିଆଇର ଦାୟିତ୍ୱବୋଧ ଓ ନିରପେକ୍ଷତାକୁ ବଜାୟ ରଖିବାକୁ ମୋଦି କୌଣସି କାର୍ଯ୍ୟାନୁଷ୍ଠାନ ବି ନେଇପାରନ୍ତି। ତେବେ ଏସବୁର ଉତ୍ତର ଆଗାମୀ ସମୟ କହିବ।

*ପାଣିକୋଇଲି, ଯାଜପୁର*
*ମୋ : ୯୪୩୯୪୮୨୫୨୬*

# ସଫ୍ଟୱେର କ୍ଷେତ୍ରର ସୁରକ୍ଷା



ଶେଖ୍ ଫରିଦ୍‌ଉଦ୍ଦିନ

ଭାରତ ସଫ୍ଟୱେର ଶିଳ୍ପକୁ ନେଇ ଆନ୍ତର୍ଜାତିକସ୍ତରରେ ଗୌରବ ଅର୍ଜନ କରିବା ସାଙ୍ଗକୁ ଦେଶ ଭିତରେ ଓ ବାହାରେ ଏହି ଉଦ୍ୟୋଗର ବିପୁଳ ସଂଖ୍ୟକ ବୈଷୟିକ ଯୋଗ୍ୟତା ପ୍ରାପ୍ତ ଭାରତୀୟ ଯୁବକ ଯୁବତୀଙ୍କ ନିଯୁକ୍ତି ଦେଇଛି। ଏବେ ଏହି ଉଦ୍ୟୋଗ ପାଇଁ ଯେପରି ଚାଲେଞ୍ଜ ବଢ଼ିଲାଣି ସେ ଦୃଷ୍ଟିରୁ ଦେଶ ସତର୍କମୂଳକ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। କାରଣ ଏହି ଉଦ୍ୟୋଗ ସମ୍ପର୍କରେ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଯେଉଁ ସୂଚନା ଦେଉଛନ୍ତି ସେଥିରେ ବିଶେଷ ଖୁସି ହେବାର କିଛି ନାହିଁ। ତା ସାଙ୍ଗକୁ ଏ କ୍ଷେତ୍ରରେ ଥିବା ଭାରତୀୟ କମ୍ପାନୀଗୁଡ଼ିକର ଆର୍ଥିକ ଅଭିବୃଦ୍ଧି ସ୍ଥିତି ମଧ୍ୟ ଉତ୍ସାହଜନକ ନୁହେଁ।

ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଏହି ଉଦ୍ୟୋଗ ଭାରତ ପାଇଁ ଯେ କେବଳ ଏକ ବ୍ରାଣ୍ଡ ନେମ୍ ସୃଷ୍ଟି କରିଛି ତା ନୁହେଁ ଏଥିରୁ ବର୍ଷକୁ ୧୫୦ ବିଲିୟନ ଡଲାରର ଆୟ ହେଉଛି। ସବୁଠାରୁ ସମୃଦ୍ଧ ରାଷ୍ଟ୍ର ଆମେରିକା ଭାରତୀୟ ସଫ୍ଟୱେର ଇଞ୍ଜିନିୟରମାନେ ଆମେରିକୀୟମାନଙ୍କର ଚାକିରି ନେଇଯାଉଛନ୍ତି ବୋଲି ସେଠାରେ ଧାରଣା ସୃଷ୍ଟି କରାଯାଇଛି। ଭାରତରେ ବଡ଼ ସହରଗୁଡ଼ିକ ଏହି ଶିଳ୍ପର ବିକାଶ ପାଇଁ ପରସ୍ପର ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଦେଶର ପ୍ରଧାନ ସହର ମଧ୍ୟରେ ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, ପୁନେ, ଗୁରୁଗାଓଁ ଆଦି ସହରରେ ସଫ୍ଟୱେରରେ ପ୍ରାୟ ୪ ନିୟୁତରୁ ଅଧିକ ନିଯୁକ୍ତି ସୃଷ୍ଟି ହୋଇଛି। ଅଧିକାଂଶ ଇଞ୍ଜିନିୟରିଂ ପଢୁଥିବା ଯୁବକ ଯୁବତୀ ଏହି ଉଦ୍ୟୋଗରେ କାମ କରିବାକୁ ଆଗ୍ରହୀ। ଟିସିଏସ୍, ଇନ୍‌ଫୋସିସ୍ ଆଦି ପ୍ରମୁଖ କମ୍ପାନୀଗୁଡ଼ିକ ପାରମ୍ପରିକ ଶିଳ୍ପ ପାଇଁ ଈର୍ଷାର କାରଣ। ଏହି ଭାରତୀୟ କମ୍ପାନୀଗୁଡ଼ିକ ଆନ୍ତର୍ଜାତିକ ସ୍ତରରେ ସମ୍ମାନିତ ହେଉଥିବାବେଳେ ଆକ୍ସେଞ୍ଚର ପରି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ଭାରତରେ କମ ଖର୍ଚ୍ଚରେ ନିଜର ବ୍ୟବସାୟ ବଢ଼ାଇବାରେ ସଫଳ ହୋଇଛନ୍ତି। ବିଶ୍ୱସ୍ତରରେ ଏହି କାରଣରୁ ସଫ୍ଟୱେରରେ ଭାରତକୁ ଗୁରୁତ୍ୱ ଦିଆଯାଉଛି। ସୂଚନାପ୍ରଯୁକ୍ତି ବିଦ୍ୟାରେ ଭାରତର ବୈଷୟିକ ଦକ୍ଷତାକୁ ଏହାର ସଫ୍ଟୱେର ଇଞ୍ଜିନିୟରମାନେ ବିଶ୍ୱସ୍ତରରେ ସ୍ୱୀକୃତ କରାଇ ପାରିଛନ୍ତି। କିନ୍ତୁ ଗତ କିଛି ବର୍ଷରେ ଏହି ଉଦ୍ୟୋଗ ପାଇଁ କ୍ରମଶଃ ଚ୍ୟାଲେଞ୍ଜ ବଢ଼ିଛି। ଦେଶର ବଡ଼ କମ୍ପାନୀଗୁଡ଼ିକର କାମରେ ଏହା ପରିଲକ୍ଷିତ ହେଲାଣି। ଏଣୁ ଆର୍ଥିକ ବଜାରକୁ ଯେଉଁମାନେ ବିଶ୍ଳେଷଣ କରୁଛନ୍ତି ଅର୍ଥାତ୍ ଷ୍ଟକମାର୍କେଟକୁ ଯେଉଁମାନେ ଲକ୍ଷ୍ୟ କରୁଛନ୍ତି ସେମାନେ ଦେଶର ସଫ୍ଟୱେର ଉଦ୍ୟୋଗର ମୂଲ୍ୟାଙ୍କନକୁ କାମ କରି ଦର୍ଶାଉଛନ୍ତି। ସ୍ୱାଭାବିକ ଭାବେ ଭୁଲ କେଉଁଠାରେ ରହିଲା ସେ ପ୍ରଶ୍ନ ଉଠିପାରେ। ପ୍ରଥମେ କେତେକ ବୈଷୟିକ ପ୍ରସଙ୍ଗକୁ ଗୁରୁତ୍ୱ ଦିଆଗଲା। କୁହାଗଲା ଯେ, ବୈଷୟିକ ପରିବର୍ତ୍ତନ ସହ ଭାରତର ଆଇଟି ଉଦ୍ୟୋଗ ତାଳଦେଇ ପାରୁନାହିଁ। ଏ କ୍ଷେତ୍ରରେ ଦେଖାଗଲା ଯେ, ଡିଜିଟାଲ ବା ରୋବୋର୍ଟ ପରି ଯାନ୍ତ୍ରିକ ବ୍ୟବସ୍ଥା ଏପରି ନୂଆ ଦାୟିତ୍ୱ ନେବ ଯେଉଁଥିରେ ନିଯୁକ୍ତିର ପରିସର ସଙ୍କୁଚିତ ହୋଇଯିବ। ଅବଶ୍ୟ ଅନେକ ଯୁକ୍ତି କରୁଛନ୍ତି ଯେ, ବୈଷୟିକ କ୍ଷେତ୍ରରେ ନୂଆ ପରିବର୍ତ୍ତନ ସବୁବେଳେ ଆସିଲେବି ତାହା ବେକାରୀ ସୃଷ୍ଟି କରେ ବୋଲି ଧାରଣା ଠିକ୍ ନୁହେଁ। ସେପରି ସମସ୍ୟା ଆସିଲେ ଯେଉଁମାନଙ୍କର ଚାକିରି କରାଇବାର ଆଶଙ୍କା ଅଛି ସେମାନେ ନୂଆ ବୈଷୟିକ କୌଶଳରେ ତାଲିମ ନେଇ ନିଜକୁ ପରିବର୍ତ୍ତନ ସହ ଖାପ ଖୁଆଇ ପାରିବେ। ଏହି ଯୁକ୍ତି ଏବେ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ର ପ୍ରତି ପ୍ରଯୁଜ୍ୟ। ଏଣୁ ଭାରତୀୟ ସଫ୍ଟୱେର ଉଦ୍ୟୋଗର ସଫଳତାକୁ ନେଇ ଦେଶ ଆତ୍ମସନ୍ତୋଷ ଭାବରେ ବୁଡ଼ି ରହିବା ଅନୁଚିତ। ସରଳ ଭାବେ ଦେଖିବାକୁ ଗଲେ ଏ କ୍ଷେତ୍ରରେ ଭାରତୀୟମାନଙ୍କର ନିଯୁକ୍ତି କିପରି ସୁରକ୍ଷିତ ରହିବ ଓ ଭବିଷ୍ୟତରେ କିପରି ଚାକିରି ସୃଷ୍ଟି ହୋଇପାରିବ, ସେହି ଲକ୍ଷ୍ୟରେ ଭାରତ ଓ ଏହାର ଆଇଟି କମ୍ପାନୀଗୁଡ଼ିକ କାମ କରିବା ଦରକାର। ଏବେଠାରୁ ନିଯୁକ୍ତି ସଂକୋଚନ ସ୍ପଷ୍ଟ ହୋଇଗଲାଣି। ଆଇଟି ସଂସ୍ଥାଗୁଡ଼ିକ କାମ ସଂଖ୍ୟକ ସଫ୍ଟୱେର ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେଉଛନ୍ତି। ଏକ ଅକ୍ସଫୋର୍ଡ଼ ଅନୁଧ୍ୟାନ ଅନୁସାରେ ଆଗାମୀ ୨୫ ବର୍ଷ ମଧ୍ୟରେ ଆମେରିକାରେ ୪୭ ପ୍ରତିଶତ, ଭାରତରେ ୬୯ ପ୍ରତିଶତ ଓ ଚୀନରେ ୭୭ ପ୍ରତିଶତ ଚାକିରି ଲୋପ ପାଇଯିବ। ଏଯାଏ ବ୍ୟାଙ୍କିଙ୍ଗ, ବୀମା ଓ ଆର୍ଥିକ ସେବା କ୍ଷେତ୍ର ଗୁଡ଼ିକରେ ଭାରତୀୟ ସୂଚନା ପ୍ରଯୁକ୍ତି ବିଦ୍ୟା ଉଦ୍ୟୋଗ ବେଶ ବ୍ୟବସାୟ କରିଆସିଛି। କିନ୍ତୁ ବ୍ରିଟେନ ୟୁରୋପୀୟ ୟୁନିୟନରୁ ବାହାରିଯିବା ପରେ ଏହି ବ୍ୟବସାୟ ଚାପର ସମ୍ମୁଖୀନ ହୋଇଛି। ଇଂଲଣ୍ଡରୁ କାମ କରୁଥିବା ବିଶ୍ୱସ୍ତରୀୟ ବ୍ୟାଙ୍କ, ବୀମା ଓ ଆର୍ଥିକସେବା କମ୍ପାନୀ ଗୁଡ଼ିକ ଚିନ୍ତିତ ଯେ, ଆନୁଷ୍ଠାନିକ ଭାବେ ୟୁରୋପୀୟ ୟୁନିୟନରୁ ବ୍ରିଟେନ ଯିବାପରେ ଅସ୍ଥିରତା ବଢ଼ିପାରେ। ଭାରତୀୟ ଆଇଟି ଉଦ୍ୟୋଗ ଏହି କାରଣରୁ ବିକଳ୍ପ ପାଇଁ କାମ କରିବା ଉଚିତ। ସାଇବର ନିରାପତ୍ତା, ଡିଜିଟାଲ ଅଟୋମେସନ, କୃତ୍ରିମ ମାନସିକ ନୈପୁଣ୍ୟ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ନୂଆ କ୍ଷେତ୍ର ଗୁଡ଼ିକରେ ଭାରତୀୟ ସଫ୍ଟୱେର ଇଞ୍ଜିନିୟରମାନେ କାମ କରିପାରିବେ। ଏହାକୁ ବ୍ୟବସାୟିକ ଚାଲେଞ୍ଜ ଭାବେ ବିବେଚନା କରି ସରକାର ଓ ସୂଚନା ପ୍ରଯୁକ୍ତି ବିଦ୍ୟା ସହ ସଂଶ୍ଳିଷ୍ଟ ସବୁ ପକ୍ଷ ନୂଆ ଆବଶ୍ୟକତା ସହ ଖାପ ଖୁଆଇ ପାରିଲେ ଭାରତୀୟ ସଫ୍ଟୱେର କ୍ଷେତ୍ର ପାଇଁ ଦେଖା ଦେଇଥିବା ଆଶଙ୍କାକୁ ଏଡ଼ାଇ ହେବ। କାରଣ ଯାହା ହେଲେ ବି ଦେଶ ପାଇଁ ସଫଳତା ଓ ଗୌରବ ଆଣି ଦେଇଥିବା ଏହି ଉଦ୍ୟୋଗ ତାର ସ୍ଥିତିକୁ ରକ୍ଷା କରିବା ଉଚିତ।

*ଦୂରସଞ୍ଚାର ଭବନ*
*ଲିଙ୍କରୋଡ଼୍, କଟକ*
*ମୋ : ୯୪୩୭୦୦୪୮୮୮*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୨୮

"ତୁମ୍ଭଙ୍କୁ ଭେଟିଲା ଦିନରୁ ମୋହର ଦେହ
ସଫଳ କରିଛି।
କରିବି ବିହାର ଆହେ ତପିବର ମନ
ମଧ୍ୟରେ ପାଞ୍ଚିଛି ॥"


**ଗୁ**ରୁ ହାଡ଼ିପା ଫେରିବାର ସମୟ ଉପନିତ। ଆଉ କିଛି ଦିବସ ପରେ ଚତୁର୍ମାସ୍ୟା ବ୍ରତ ଅବଧି ସରିଯିବ। ବନଚାରୀ ଗୋବିନ୍ଦଙ୍କୁ ଶେଷଥର ପରୀକ୍ଷା କରିବା ପାଇଁ ତତ୍‌ପର ହୋଇ ଉଠିଲେ। ଯୋଗୀ ଗୋବିନ୍ଦଙ୍କ ଧ୍ୟାନସ୍ଥଳ ଆମ୍ରବୃକ୍ଷ ବଣଟି ବନଚାରୀଙ୍କର ଜଳକ୍ରୀଡ଼ା ଉଦ୍ୟାନ। ବଣର ମଧ୍ୟ ଭାଗରେ ରହିଛି ଏକ ସୁନ୍ଦର ପୁଷ୍କରିଣୀ। ବିଭିନ୍ନ ରଙ୍ଗର ପ୍ରସ୍ଫୁଟିତ ପଦ୍ମ, କଇଁଫୁଲ ସରୋବରର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛନ୍ତି। ଆଶ୍ୱିନମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଜହ୍ନର ଶୀତଳ କିରଣ ବିଛାଡ଼ି ହୋଇ ପଡ଼ିଛି। ଶରତଋତୁର ଆକର୍ଷଣରେ କଇଁଫୁଲଗୁଚ୍ଛ ପାଖୁଡ଼ା ମେଲି ଆକାଶର ଶଶୀଙ୍କୁ ଅପଲକ ନୟନରେ ଚାହିଁ ରହିଛନ୍ତି। ଶୀତଳ କିରଣରେ ସ୍ନାନ ସାରି ନିଜକୁ ସମର୍ପି ଦେଉଛନ୍ତି ପ୍ରେମିକ ପ୍ରବର ଚନ୍ଦ୍ରଦେବଙ୍କୁ। ସ୍ୱଚ୍ଛଜଳରେ ମୀନମାନେ କୁତୁକିଆ ଢଙ୍ଗରେ ହସିଖୁସିରେ ସନ୍ତରଣ କରୁଛନ୍ତି। ଆମ୍ରବଣର ଛାଇ ଛାଇଆ ଚନ୍ଦ୍ରାଲୋକ ରଜନୀ ମନ ମୋହି ନେଉଛି। ଏପରି କାଳରେ ବନଚାରୀ ଜଳବିହାର ଉଦ୍ଦେଶ୍ୟରେ ପୁଷ୍କରିଣୀକୂଳରେ ପହଞ୍ଚିଲେ। ସେଠାରେ ଦେଖିଲେ ଗୋବିନ୍ଦ ମୌନ ହୋଇ ତୁଠ ପିଣ୍ଡି ଉପରେ ବସିଛନ୍ତି। ସେ ବିସ୍ମୟରେ ଗୋବିନ୍ଦଙ୍କ ନିକଟରେ ବସି ଧୀର କଣ୍ଠରେ କହିଲେ-ରାଜକୁମାର, ତୁମେ ସନ୍ଦେହରେ ପଡ଼ି ମୋତେ ବିବାହ କରିବା ପାଇଁ ଇଚ୍ଛା କରୁନାହିଁ। ପ୍ରକୃତରେ ମୁଁ ବେଶ୍ୟା ନୁହେଁ। ଜୀବନରେ କେହି ସୁପୁରୁଷ ମିଳିଲେ ତାଙ୍କୁ ବିବାହ କରିବି ନଚେତ୍ ଆଜୀବନ କୁମାରୀ ରହିବି ବୋଲି ସଂକଳ୍ପ କରିଥିଲି। ତୁମେ ସେଇ ବ୍ରହ୍ମପୁରୁଷ ଯାହାଙ୍କୁ ଦେଖିବା ଦିନରୁ ପତିରୂପେ ଗ୍ରହଣ କରିଛି। ତୁମେ ମୋର ସେଇ ଇହକାଳ ପରକାଳର ପ୍ରେମିକ ଯାହାଙ୍କୁ ଜନ୍ମ ଜନ୍ମ ଧରି ଦେହ ଦାନ କରିବାକୁ ଇଚ୍ଛା କରିଛି। ତୁମ ସଙ୍ଗରେ ରତିକ୍ରିୟାରେ ମଜ୍ଜି ଯିବା ପାଇଁ ମନ ଉହଳ ବିକଳ ହେଉଛି!

ବନଚାରୀ ଦେହରୁ ବାହ୍ୟବସ୍ତ୍ର ଖୋଲି ପିଣ୍ଡି ଉପରେ ରଖିଦେଲେ। ଗୋବିନ୍ଦଙ୍କ ନିକଟରେ ବସି କହିଲେ, ଶୁଣ ରାଜକୁମାର, ଯେହେତୁ ତୁମକୁ ମନ, ଧନ, ତନୁ ସବୁ ସମର୍ପି ଦେଇଛି ତୁମ ସମ୍ମୁଖରେ ନଗ୍ନ ରୂପ ଦେଖାଇବା କିଛି ପାପକଥା ନୁହେଁ। ତୁମ ହାଡ଼ିପା ଗୁରୁ ଫେରିବା ସମୟ ନିକଟତର ହେଉଛି। ବୁଢ଼ାଟା ଯଦି ବେଶ୍ୟା ଜାଲରେ ପଡ଼ିଯାଇଥିବ, ତେବେ ଫେରିବାର ସମ୍ଭାବନା ନାହିଁ। ସେ ପୋଡ଼ାମୁହାଁ ମେରେକେଟିଆ ଯଦି ଆସେ ତେବେ ତା ପୂର୍ବରୁ ଆମେ ବିବାହ ବନ୍ଧନରେ ବାନ୍ଧି ହୋଇଯିବା ଭଲ ହେବ। ତାପରେ ଆମେ ଅନ୍ୟ ଏକ ପୁରକୁ ଯାଇ ସେଠାରେ ଘର ସଂସାର ବସାଇବା। ଯେଉଁଠାରେ ତୁମକୁ କେହି ଦେଖି ପାରିବେ ନାହିଁ, ମୋ ଛଡ଼ା ତୁମ ସୁନ୍ଦର ରୂପକାନ୍ତିକୁ ଦର୍ଶନ କରିପାରିବେ ନାହିଁ, ସେଇଭଳି ପୁରରେ ଆମେ ଦୁହେଁ ବିହାର କରିବା। ମୌନ ହୋଇ ବସିଥିବା ଗୋବିନ୍ଦଙ୍କ ବାହୁ ହଲାଇ ଦେଇ ବନଚାରୀ ପୁଣି କହିଲେ, ରାଜକୁମାର, ତୁମ ସଙ୍ଗରେ ଆହାର ବିହାର କରି ଜୀବନକୁ ସୁଖମୟ କରିବି ବୋଲି ମନରେ ପାଞ୍ଚିଥିଲି। ଯଦି ତୁମେ ମୋତେ ସବୁଦିନ ପାଇଁ ପତ୍ନୀର ମର୍ଯ୍ୟାଦା ଦେବାକୁ ଚାହୁନାହଁ, ତାହେଲେ ମୋର ନିବେଦନ ରକ୍ଷା କର। ମୋତେ ଏକ ପୁତ୍ରସନ୍ତାନ ଦେଇ ଯାଅ, ଯାହାର ମୁଖ ଚାହିଁ ତୁମ ଉପସ୍ଥିତି ଅନୁଭବ କରୁଥିବି। ସେଇ ସୁନ୍ଦର ବଳିଷ୍ଠପୁତ୍ରକୁ ମୁଁ ଏପରିଭାବେ ଗଢ଼ି ତୋଳିବି ଯେ ସଚରାଚର ବ୍ରହ୍ମାଣ୍ଡରେ ତୁମ ପୁତ୍ର ନାଁ ରଖିବ! ଯେମିତି ହେଲେ ବି ଆଜି ଏଇ ଚନ୍ଦ୍ରାଲୋକିତ ଶରତ ରଜନୀରେ ମୁଁ ତୁମ ଔରସରୁ ପୁତ୍ର କାମନା କରୁଛି। ତୁମ ଅଙ୍ଗବସ୍ତ୍ର ବାହାର କରି ମୋ ବସ୍ତ୍ରଥିବା ସ୍ଥାନରେ ରଖିଦିଅ। ଜଳବିହାର ନିମନ୍ତେ ପୁଷ୍କରିଣୀକୁ ଲମ୍ଫ ପ୍ରଦାନ କର। ଆଜି ଯଦି ତୁମେ ମୋର ମନକାମନା ପୂରଣ କରିବ ନାହିଁ ତାହେଲେ ଘୋର ସଂକଟରେ ପଡ଼ିଯିବ। ତୁମର ଚରିତ୍ର ସ୍ଖଳନ ହୋଇଛି ବୋଲି ତୁମ ଗୁରୁଙ୍କୁ କହିବି। ତୁମେ ମୋତେ ଏକାକୀ ପାଇ ବାରମ୍ବାର ବଳାତ୍କାର କରିଛ କହିବି। ଗୁରୁଙ୍କ ସମ୍ମୁଖରେ ତୁମ ତପସ୍ୱୀପଣିଆ ଛଡ଼ାଇ ଦେବି। ମୁଁ ତୁମକୁ ସେପରି ଦୁଃଖ ଦେବାକୁ ଚାହୁ ନାହିଁ। ଆସ ରାଜକୁମାର, ମୋ ଛାତିରେ ଛାତି ମିଶାଇ ଦିଅ! ବନଚାରୀ ଗୋବିନ୍ଦଙ୍କୁ ଛାତିରେ ଜଡ଼ାଇ ଧରି ପୁଷ୍କରିଣୀ ଜଳ ମଧ୍ୟକୁ ଡେଇଁ ପଡ଼ିଲେ! ଗୋବିନ୍ଦ ଦୁଃଖରେ ମ୍ରିୟମାଣ ହୋଇ ଜଳରୁ ବାହାରି ଆସିବା ପାଇଁ ଉଦ୍ୟମ କରୁଥିଲେ। ମାତ୍ର ବନଚାରୀ ତାଙ୍କୁ ଜାବୁଡ଼ି ଧରୁଥିଲେ।

ଗୋବିନ୍ଦ ନିଜକୁ ଘୋରପାପରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଇନ୍ଦ୍ରିୟଗଣଙ୍କୁ ରୁନ୍ଧିଲେ। ହାତଯୋଡ଼ି ବିନମ୍ର ବଚନରେ କହିଲେ, ହେ'ମାତା, ଏଭଳି ନୀଚକର୍ମ ଆମ ଉଭୟଙ୍କ ପାଇଁ ମଙ୍ଗଳକର ନୁହେଁ। ନିରାକାରନାଥଙ୍କର ଚକ୍ଷୁ କର୍ଣ୍ଣ ସଦାକାଳରେ ଖୋଲା ରହିଛି। ସେ ମହାଗୁରୁ ଚକାଆଖିରେ ସବୁ ଦେଖୁଛନ୍ତି, ସବୁ ଶୁଣୁଛନ୍ତି! ତୁମେ ତାଙ୍କୁ କିଛି ବି ଲୁଚାଇ ପାରିବ ନାହିଁ। ତୁମେ ଜାଣିଛ ତୁମରି ଭଳି ଅନେଶତ ସୁନ୍ଦରୀଙ୍କୁ ତ୍ୟାଗ କରି ଆସିଛି। କାମନାଭାବ ଯୋଗକ୍ରିୟାର ବାଧକ। କେତେ କେତେ ସାଧକ ଉର୍ଦ୍ଧ୍ୱକୁ ଉଠି ଏଇ କାମନା ଯୋଗୁଁ ମାଟି ପିଣ୍ଡୁଳା ପରି ତଳେ ପଡ଼ିଛନ୍ତି! କାମ ଇନ୍ଦ୍ରିୟକୁ ଆୟତ୍ତ ନ କରି ଯୋଗୀ ବୋଲାଇବା ଭଗବାନଙ୍କୁ ଠକିବା ସହିତ ସମାନ। ଏମିତି ଅନେକ ଶୁଦ୍ଧଆତ୍ମା କାମବାଣରେ ଆକର୍ଷିତ ହୋଇ ପାଗଳ ପ୍ରାୟ ବୁଲୁଛନ୍ତି। ମହାଯୋଗୀ ଶିବ ସେମାନଙ୍କୁ ନୀଚଯୋନିରେ ଜନ୍ମ ଦେଇ କୁକୁର ଭଳି ଅଇଁଠାଖିଆ ପଶୁରେ ପରିଣତ କରିଛନ୍ତି। ଗୁରୁଙ୍କ କୃପାରୁ ତୁମ ମୋ ଭିତରେ ଯେଉଁ ଶାଶ୍ୱତପ୍ରେମ ଜାଗି ଉଠିଛି, ତାହା ସର୍ବକାଳରେ ଜାଜ୍ୱଲ୍ୟମାନ ହୋଇ ରହିଥିବ! ମାତା ନ ହେଲେ ବି ତୁମକୁ ଭଗ୍ନୀରୂପରେ ବରଣ କରୁଛି, ମୋତେ ଛାଡ଼ି ଦିଅ! ଭାଇ ଭଉଣୀର ସଂପର୍କ ଅତି ପବିତ୍ର, ଚିରସ୍ଥାୟୀ! ସ୍ୱୟଂ ଜଗନ୍ନାଥ ଭଉଣୀବିନୁ ସୁଖରେ ରହି ପାରନ୍ତି ନାହିଁ। ତୁମେ ମୋତେ ସେଇ ଭାତୃ ସ୍ଥାନରେ ସ୍ଥାପନ କର ବନଚାରୀ। ସଭିଙ୍କର ମଙ୍ଗଳ ହେବ! ଗୋବିନ୍ଦଙ୍କ ବିଚାରରେ ସନ୍ତୋଷ ପ୍ରକାଶ କରି ବନଚାରୀ ବାହୁ ବନ୍ଧନରୁ ଗୋବିନ୍ଦଙ୍କୁ ମୁକ୍ତ କରିଦେଲେ। ନିଜେ ଜଳରୁ ଉଠିଆସି ଅଙ୍ଗବସ୍ତ୍ର ପରିଧାନ କଲେ! ମୁଖ ତଳକୁ କରି ସେଠାରୁ ଚାଲି ଆସିଲେ। ହରି ଓଁ ତତସତ୍!

*ଦୂରଭାଷ-୯୬୬୮୬୩୧୨୫୭*






**ପ୍ରାର୍ଥନା ଦାଶ**
ଷ୍ଟାଣ୍ଡାର୍ଡ-୫
ବିଜେଇଏମ୍ ସ୍କୁଲ-୧
ଭୁବନେଶ୍ୱର





**ସାଇସମ୍ପଦ ଶତପଥୀ**
ଷ୍ଟାଣ୍ଡାର୍ଡ - ୭
ଡିଏଭି ପବ୍ଲିକ ସ୍କୁଲ


# ଶରତର ସାହାନାଇ



**ଅକ୍ଷୟ ସ୍ୱାଇଁ**

**କା**ମନା ଗୋଟିଏ ଶରତର ଋତୁ
ପ୍ରେମିକା ତା ଦେବୀଟିଏ
ମହିଷା ତ ଏଠି କୋଟିଏ ବିଷାଦ
ତାକୁ ଲଘିଂପାରେ କିଏ !

କେତେ ଆରାଧନା ଦେବୀ ପାଇଁ ଏଠି
ଦେବୀ ବୁଝେ, ପୁଣି ବୁଝେନା
ତଥାପି ଏ ମନ ଶରତରେ ଖୋଜେ
ଦେବୀ ପାଇଁ କିଛି ବାହାନା।



କାଶତଣ୍ଡୀ ଫୁଟେ ଏ ମନରେ ଯେତେ
ଗାଲିଚାଟେ ତିଆରିଲି
ଦେବୀର ଆଖିରେ ଆଖି ମିଶାଇ
ଇସାରାରେ ଡାକିଦେଲି।

ଆକାଶରେ ଯେତେ ମେଘ ଢାଙ୍କିଥିଲା
ଦେବୀ ଛୁଇଁବାରୁ ଜ୍ୟୋତ୍ସା
ମୋ ଦୀପ ଶିଖାରେ ଦେବୀର ଉଷ୍ମତା
ମନ ପାର୍ବଣରେ ତା'ର ବାସ୍ନା।

*ଇଟିପୁର, ନୂଆଗାଁ, ଭୁବନେଶ୍ୱର*

ବିଶେଷ କବିତା

# ମୁଁ ନ ଥିବି ସେଠି



**ଈପ୍‌ସିତା ଷଡ଼ଙ୍ଗୀ**

**ମୁଁ** ନ ଥିବି ସେଠି
ତୁମ ଆସନ୍ତାକାଲିର ସାରଣୀରେ,
ଆଜିର କ୍ଳାନ୍ତ ଅବସନ୍ନ ଅଣନିଃଶ୍ୱାସରେ
କି ତୁମପାଇଁ ଜୋରରେ ଦୌଡୁଥିବା ସେକେଣ୍ଡ କଣ୍ଟା
ଓ ମୋ ପାଇଁ ମୋ ନିଃଶ୍ୱାସ ପରି
ଅଟକି ଅଟକି ଯାଉଥିବା ମିନିଟ୍ କଣ୍ଟାର
କେବେ ବି ଛୁଇଁ ପାରୁ ନଥିବା ଦୂରତ୍ୱ ଭିତରେ
ମୁଁ ନ ଥିବି।

ମୁଁ ନ ଥିବି
ସେ ଶୂନ୍ୟତାରେ ଯେଉଁଠି ପହଁରୁଥିବ ତୁମ ଆଖି
ନ ଥିବି ବର୍ଷାରେ, ତୁମ ଆନମନା ମନର ଦାଢ଼ରେ
ନ ଥିବି ଓଦାହେଇ ଝରୁଥିବା ଦେହର
ବର୍ଷା ପାଣିରେ
ଯେଉଁଠି ବର୍ଷା ସହ ସ୍ମୃତି ବି ଝରି
ନଷ୍ଟ ହୁଏ କିଛି କିଛି।



ମୁଁ ନ ଥିବି
କ୍ଳାନ୍ତ ସେ ଆଖିପତାରେ
ଯେଉଁଠି ଏତେ ବଡ ଶୂନ୍ୟତାକୁ ଦେଖି
କେବେ ନିଦ ତ କେବେ ଅନିଦ୍ରା
ରାଜୁତି କରନ୍ତି ଆସି।

ମୁଁ ନ ଥିବି ସେଠି ଅନ୍ଧାରରେ
ନ ଥିବି ଏକ୍ଲା ପଡିଥିବା ଖଟ ବେଡ୍‌ସିଟ୍‌ର କୁଞ୍ଚି ଭିତରେ
ନ ଥିବି ତୁମ ଚାହାଣିର ଦୀର୍ଘରେଖାକୁ
ସଂଯୋଗ କରୁଥିବା ବିନ୍ଦୁ ମଝିର ଶୂନ୍ୟସ୍ଥାନ ମଧ୍ୟରେ;
କି ଝରକା ଫାଙ୍କର ଟିକେ ଟିକେ ପବନର ହାଲ୍‌କା ପଣରେ।


ଥିବି ଯଦି ଥିବି ମୁଁ
ତୁମେ ନିଦରେ ଶୋଇଗଲା ପରର
ନିସ୍ତବ୍ଧତାରେ,
ଥିବି, ଇଚ୍ଛା କରି ବି କିଛି କହୁ ନ ଥିବା
ଶବ୍ଦମାନଙ୍କ ଅନିଚ୍ଛାରେ।
ତୁମ ଖାଲିପଣକୁ, ଶୂନ୍ୟରେ ପହଁରେଇ ଦେବାର
ନିଷ୍ଠୁର ସତରେ ଥିବି,
ଥିବି, ରାତିର ଏକ୍ଲାପଣରେ ନିଜକୁ ମିଶେଇଦେବା ପରର
ଶାନ୍ତିରେ, ଥିବି ଭ୍ରମର ସେ ସଂସାରରେ।

ଥିବି, କିନ୍ତୁ ହଜିଯାଉଥିବି ଠିକ୍ ସକାଳ ପୂର୍ବରୁ।
ତପ୍ପର ତୁମ ଘଣ୍ଟାକଣ୍ଟାମାନଙ୍କ ଶବ୍ଦ ଭିତରୁ
ଅପସରି ଯାଉଥିବି,
ମୁଁ ନ ଥିବି ସେଠି
ତୁମ ସତ ସତ ଦୁନିଆରେ।

*ଗୁହାଳପଡା, ନିମାପଡ଼ା, ପୁରୀ-୭୫୨୧୦୬*

# ଗୋଟିଏ ସଂଧ୍ୟାର ସାଙ୍କେତିକ ଭାଷା

**ଦିବ୍ୟଜ୍ୟୋତି ମହାନ୍ତି**



**ସ**କାଳ ହେବା, ସୂର୍ଯ୍ୟ ଉଇଁବା, ସନ୍ଧ୍ୟା ହେବା, ଜହ୍ନ ଆସିବା ଏ ତ ସୃଷ୍ଟିର ନିୟମ । ଏହା କ'ଣ କାହା ଇଶାରାରେ ହୋଇଥାଏ କି ? କିନ୍ତୁ ହଁ ଏହା ସତ୍ୟ ଯେ, ସେ ନିୟତିର ଇଙ୍ଗିତରେ ଏସବୁ ଘଟଣା ଘଟିଥାଏ ଏବଂ ଆବାହମାନ କାଳରୁ ଘଟିଆସୁଛି । ସେଦିନ ବି ପଶ୍ଚିମ ଆକାଶରୁ ପର୍ବତମାଳାକୁ ଆଡେଇ ମାଡି ଆସୁଥିଲା ସନ୍ଧ୍ୟାଟିଏ । କେଜାଣି କାହିଁକି ସବୁ ସନ୍ଧ୍ୟା ଅପେକ୍ଷା ଏହି ସନ୍ଧ୍ୟାଟି ବାଦଲକୁ ବେଶ୍ ଭଲ ଲାଗୁଥାଏ । ତା' ମନକୁ କେଉଁ ଏକ ଅଜଣା ଆକର୍ଷଣରେ ଆନ୍ଦୋଳିତ କରି ତୋଳୁଥାଏ । ତାକୁ ମନେ ହେଉଥାଏ ଯେପରି ସବୁ ସନ୍ଧ୍ୟା ଅପେକ୍ଷା ଏଇ ସନ୍ଧ୍ୟାଟି ସମୟ ସହ ତାଳ ଦେଇ ବେଶ୍ ସୁନ୍ଦର ଓ ମନୋରମ ହୋଇଉଠୁଛି । କାରଣ ଏହି ସନ୍ଧ୍ୟାଟି ତା' ମନକୁ ପୁଲକିତ କରୁଥାଏ, ଆମୋଦିତ କରୁଥାଏ, ଆଉ କେଉଁ ଏକ ଅଜଣା ରାଇଜକୁ ଚାଲିଯିବା ପାଇଁ ଆମନ୍ତ୍ରିତ କରୁଥାଏ। ଯେଉଁଠି ଜହ୍ନ କଥା କହୁଥିବ । କୋଇଲି ଗୀତ ଗାଉଥିବ । ଫଗୁଣର ସ୍ପର୍ଶରେ ପ୍ରେମର ପ୍ରଜାପତିମାନେ ଉଡିବୁଲୁଥିବେ । ବସନ୍ତର ମଳୟ ପବନ ଚାରିଆଡେ ମଲ୍ଲୀ ଫୁଲର ମହକ ଖେଳାଇ ପ୍ରୀତିରେ ପିଆଲା କରିଦେଉଥିବ ।

ସାଙ୍ଗମାନଙ୍କ ପାଖକୁ ଯିବାକୁ ସେ ଘରୁ ବାହାରିଲା । ହିଁ ଏଇ ଅଭିଶାପଭରା ଏକାନ୍ତ ସମୟତକ କାଟିବା ପାଇଁ ସାଙ୍ଗମାନଙ୍କ ଛଡା ଆଉ ଅବା କିଏ ତା ପାଖରେ ଅଛି । ବିତିଯାଇଥିବା ଦିନସବୁ ଦେଇ ଯାଇଥାନ୍ତି ତାକୁ ଅନେକ ଅନ୍ଧାରୀ ଅଭିଶାପ । ଯେଉଁଥିପାଇଁ ଗାଁର ସାଙ୍ଗମାନଙ୍କ ଗହଣରେ ଖଟି ଦ୍ୱାରା କାଟି ଦିଏ ସେ ଏଇ ସମୟତକ...

ବାଦଲ ଗାଁ ମଝିରେ ଥିବା ମନ୍ଦିର ପାଖରେ ହୋଇଛି କି ନାହିଁ କେଉଁଆଡେ ଥିଲା ସେ ଅଦିନିଆ କଳାହାଣ୍ଡିଆ ମେଘଟା ଆକଶରେ ଗର୍ଜି ଉଠିଲା । ବିଜୁଳିର ଆଲୋକରେ ସନ୍ଧ୍ୟାର ପତଳା ଆନ୍ଧାରିଆ ଛାତିକୁ ଚିରି ପକାଇଲା । ଘଡଘଡିର ଘନଘନ ନାଦରେ ପୃଥିବି ପୃଷ୍ଠକୁ ଥରାଇଦେଲା । ନା' ଆଉ ଆଗକୁ ଯିବା ସମ୍ଭବ ନଥିଲା ବାଦଲ ପାଇଁ, ସେ ବାଧ୍ୟ ହୋଇ ଅଟକିଲା ସେଇ ମନ୍ଦିର ବେଢାରେ । ଯେଉଁ ମନ୍ଦିରକୁ ସେ କେବେ ଆସେନି । ଯେଉଁ ଠାକୁରଙ୍କୁ ସେ କେବେ ପୂଜେନି । ଯାହାଙ୍କ ଉପରେ ସେ ଖୁବ୍ ଅଭିମାନ କରିଥିଲା । ଯାହାଙ୍କ ଦୁଆର କେବେ ଛୁଇଁବନି ବୋଲି ଶପଥ ନେଇଥିଲା । ଆଜି ସେ ଆଶ୍ରୟ ନେଇଛି ସେହି ଠାକୁରଙ୍କ ମନ୍ଦିର ପ୍ରାଙ୍ଗଣରେ । ହଁ ବାଦଲ ଗାଁର ଆଉ କାହା ଘରକୁ ଯାଇପାରିଥାନ୍ତା ମାତ୍ର ସେ ଅଯଥାରେ କାହା ସହ ମିଶେନି କି କାହା ଘରକୁ ଯାଏନି । କେମିତି ଅବା ଯାଇଥାନ୍ତା ଏଇ ଅସମୟରେ ଆଉ କାହା ଦୁଆରକୁ ।

ବାଦଲ ମନ୍ଦିର ବେଢାରେ ଛିଡା ହୋଇଥିବା ବେଳେ ଭିତରୁ କେହି ଜଣେ ଯୁବତୀ ଯେପରି ତାକୁ ଡାକିବାର ମନେ ହେଲା । ସେ ମନ୍ଦିର ଭିତରକୁ ଚାହିଁଲା । ମନ୍ଦିର ଭିତରେ ଛିଡା ହୋଇଥିଲା ଷୋହଳ କି ସତର ବର୍ଷର ଝିଅଟିଏ । ଆଉ ତାକୁ ଚାହିଁ କହୁଥିଲା ଆରେ ବାହାରଟାରେ ସେ ବର୍ଷାରେ କାହିଁକି ଭିଜୁଛ ଭିତରକୁ ଚାଲିଆସ । ଏଇ ସନ୍ଧ୍ୟା ସମୟରେ ମନ୍ଦିର ଭିତରେ ଝିଅଟିଏ ଦେଖିବା କୌଣସି ଆଶ୍ଚର୍ଯ୍ୟକର କଥା ନୁହେଁ । କାରଣ ସନ୍ଧ୍ୟା ସମୟରେ ଝିଅମାନେ ମନ୍ଦିର ଆସିବାଟା ସ୍ୱଭାବିକ୍ କଥା । କିନ୍ତୁ ବାଦଲ ସେ ଝିଅଟିକୁ ଦେଖିଲା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ବର୍ଷା ଯୋଗୁଁ କିଏ କେଉଁଆଡେ ନିଜ ନିଜ ଘରକୁ ଚାଲିଯାଇଥିଲେ । ରାସ୍ତା ଘାଟ ସବୁ ଶୂନ ଶାନ୍ । ଗାଁ ଦାଣ୍ଡରେ ଲୋକଟିଏ ବି ଦେଖାଯାଉନଥିଲେ । ନଈ କୂଳରେ ବେଙ୍ଗମାନଙ୍କ ରଡି କେଉଁ ଏକ ହରର ମୁଭିରେ ଭୁତୁଣୀଟି କରୁଥିବା ଚିତ୍କାର ଭଳି ମନେ ହେଉଥିଲା । ହେଲେ ଏ ଝିଅଟି ଅନ୍ଧାରଟାରେ ଏଠି କ'ଣ କରୁଛି । ଛୋଟବେଳେ ଆଇ ମା' କହୁଥିଲା ମନ୍ଦିରରେ କାଳେ ଦେବୀ ବାହାରନ୍ତି । ଆଉ ତା' ଆଗରେ ଯିଏ ଆସେ ସେ ତାକୁ କଂଚା ଖାଇଦିଏ । ଏହି କଥା ଭାବିଲା ପରଠୁ ତା' ମନରେ ଗୋଟିଏ ପ୍ରକାରର ଭୟ ବସା ବାନ୍ଧି ସାରିଥାଏ। ତଥାପି ଡରି ଡରି ମନ୍ଦିର ଭିତରକୁ ପାଦ ବଢାଇଲା । କାରଣ ତା' ପାଖରେ ଆଉ କିଛି ଉପାୟ ନଥିଲା । ମନ୍ଦିର ବାହାରକୁ ଗଲେ ଘଡଘଡିର ବିପଦ (ଦୁଇଦିନ ତଳେ ଗାଁର ଶନିଆ ଅଜା ଉପରେ ଘଡଘଡି ପଡିବାରୁ ସେ ଆକାଳରେ ଚାଲିଯାଇଛି) ଆଉ ଭିତରେ ଭୁତୁଣୀ ଅବା ଅଚିହ୍ନା ଝିଅ ସେ ଯାହା ବି ହେଉ ତା'ର ଭୟ । ବର୍ଷାରେ କିଛିଟା ଭିଜିବା ସତ୍ୱେ ବି ତା ଦେହରୁ ଗମ୍ ଗମ୍ ହୋଇ ଝାଳ ବହିବାରେ ଲାଗିଥିଲା । ଭୟରେ ସେ ଗୋଟାପଣେ ଥରୁଥିଲା ।

ବାଦଲ ଅନ୍ଧାରରେ କିଛି ନ ଦେଖିପାରିଲେ ବି ମଝିରେ ମଝିରେ ମାରୁଥିବା ବିଜୁଳି ଆଲୋକରେ ସେ ଝିଅର ମୁହଁକୁ ସ୍ପଷ୍ଟ ଦେଖିପାରୁଥିଲା । ଗାଁର ତ' ସବୁ ଝିଅଙ୍କୁ ସିଏ ଜାଣେ । କାଇଁ ଏଇ ଝିଅଟିକୁ ତ' ଗାଁରେ କେବେ ଦେଖିନି । ଏଇ ଝିଅଟି ତାହେଲେ କିଏ ହୋଇପାରେ । ମନ ଭିତରେ ପ୍ରଶ୍ନର ପେଡିଟେ ଧରି ବାଦଲ ସେ ଝିଅଟିକୁ ପଚାରିଲା । ତୁମେ...

ମୁଁ ବୈଶାଳି । ଏଇ ପାଖ ଗାଁରେ ଆମ ଘର । ମନ୍ଦିରକୁ ଆସିଥିଲି ଯେ ଠିକ୍ ସମୟରେ ବର୍ଷାଟା ସବୁ ବିଗାଡି ଦେଲା । କିଏ କେଉଁଆଡେ ସବୁ ଘରକୁ ପଳାଇଲେ । ଆଉ ମୁଁ ରହିଗଲି ଏଠି ଏକୁଟିଆ । ବାଦଲ ପୁଣି ତାକୁ ପଚାରିଲା ତୁମକୁ ଏକୁଟିଆ ଏଠି ଡର ଲାଗୁନି । ବୈଶାଳି କହିଲା ଡର କାହିଁକି ଲାଗିବ । ମୁଁ କେବେ କାହାକୁ ଭୟ କରେନି । ଏହି ସମୟରେ ଆକାଶରୁ ଘଡଘଡଟିଏ ପ୍ରଚୁର ଶବ୍ଦ କରି ମନ୍ଦିର ପାଖ କୃଷ୍ଣଚୂଡା ଗଛରେ ଓଜାଡି ହୋଇପଡିଲା ପରି ଲାଗିଲା । ବୈଶାଳି ବହୁତ ଜୋରରେ ଚିଲେଇ ଉଠି ବାଦଲକୁ ଜାବୁଡି ଧରିଲା । ବାଦଲ ପ୍ରଥମ ଥର ପାଇଁ ଗୋଟିଏ ଝିଅର ସ୍ପର୍ଶ ପାଇଁ ପୁଲକିତ ହୋଇ ଉଠିଲା । ପଥର ପରି ହୃଦୟଟି ତା'ର କେଇ କ୍ଷଣ ଭିତରେ ବୈଶାଳି ଦେହର ଗରମ ସ୍ପର୍ଶ ପାଇ ତରଳିବାକୁ ଆରମ୍ଭ କରିଥାଏ । ତଥାପି ସେ ଭାବନା ରାଇଜରୁ ଫେରି ନିଜକୁ ସଂଜତ କଲା ଓ ବୈଶାଳିକୁ ନିଜଠୁ ଅଲଗା କଲା । ସେପଟେ ଏଇ କିଛି କ୍ଷଣ ପୂର୍ବରୁ କେବେ କାହାକୁ ଡରୁ ନଥିବା କହି ଅଜଣା ପୁଅଟିଏ ଆଗରେ ଖୁବ୍ ବକ୍ ବକ୍ କରୁଥିବା ବୈଶାଳି ପାଶାଣୀ ପାଲଟିଯାଇଥିଲା । ଲାଜର ନଈରେ ଜୁଆର ଆସି ତା' ମନରାଜିକୁ ଦୋହ୍ଲାଇ ଦେଲା ଭଳି ତାକୁ ମନେ ହେଉଥିଲା । ସେ କିଛି ନ କହି ମୁହଁରେ ହାତ ଦେଇ ମୁଣ୍ଡ ତଳକୁ କରି ଛିଡା ହୋଇଥିଲା ବାଦଲ ସମ୍ମୁଖରେ ।

ସେତେବେଳକୁ ବାହାରେ ଅଦିନିଆ ଆସିଥିବା ଅଚାନକ ବର୍ଷାଟା ଛାଡିଯାଇଥିଲା । ଆକାଶର ଛାତିରେ ତାରା ମାନଙ୍କ ଗହଣରେ ସୁନ୍ଦର ଜହ୍ନଟିଏ ଫୁଟି ଉଠୁଥିଲା । ଆଉ ନଥିଲା ଘଡଘଡି କି ବିଜୁଳି । ବର୍ଷା ଛାଡି ଯିବାରୁ ନଈ କୂଳରେ କେଇଟା ବାହ୍ମୁଣୀ ବେଙ୍ଗ କଟର କଟର କରୁଥିଲେ । ପରିବେଶଟା କିପରି ଗୋଟିଏ ରୋମାଟିଂକ୍ ରୋମାଟିଂକ୍ ଲାଗୁଥିଲା । ଦେହଟା ବି ଭିତରେ ଭିତରେ ଶିତେଇ ଉଠୁଥିଲା । ମାତ୍ର ମନ୍ଦିର ଭିତରେ ଖେଳିଯାଇଥିଲା ନୀରବତା । ବାଦଲ ଓ ବୈଶାଳି ଉଭୟଙ୍କ ଦେହରେ ଭରିଯାଇଥିଲା ବୈଶାଖର ସେ ନିଦାଘ ତାତି । ଦୁହେଁ ଯେଭଳି ଆଗ୍ନେୟ ଗିରିର ଉଷ୍ମତା ପାଇ ତରଳିବାକୁ ଆରମ୍ଭ କରିଥିଲେ । ଏମିତି କିଛି କ୍ଷଣ ନିରବତା ଭିତରେ ବିତିଗଲା । ନା ବାଦଲ କିଛି କହୁଥିଲା ତାକୁ ନା ସେ ବାଦଲକୁ ।

ଏଭଳି ଏକ ବିଚିତ୍ର ପରିସ୍ଥିତିରେ ବାଦଲ ସବୁ ନିରବତାକୁ ଭାଙ୍ଗି ବୈଶାଳିକୁ କହିଲା ତୁମେ କହୁଥିଲ ପରା କାହାକୁ କେବେ ଭୟ କରନି । ଆଉ ଘଡଘଡିକୁ ଡରିଗଲ । ବୈଶାଳି ଲାଜରେ କେବଳ ଏତିକି କହିଲା ହଁ ହେଲେ ଘଡଗଡିକୁ ମୋତେ ବହୁତ ଭୟ ଲାଗେ । ଏହାପରେ ବାଦଲ ବୈଶାଳିକୁ ନେଇ ତା' ଘର ପାଖରେ ଛାଡିଲା । ସେ ଲେଉଟିବା ବେଳେ ତାକୁ ମନେ ହେଉଥିଲା ବୈଶାଳି ତାକୁ ଝରକା କଡରୁ ଯେମିତି ଲୁଚି ଲୁଚି ଦେଖୁଛି । ଆଉ ବୈଶାଳି ଘର ପାଖରୁ ଫେରିବା ବେଳେ ଏଇ ସନ୍ଧ୍ୟାଟି ତାକୁ ଦେଇଯାଇଥିବା ତା'ର ସାଙ୍କେତିକ ଭାଷାକୁ ଭଲ ସେ ବୁଝିବାକୁ ଚେଷ୍ଟା କରୁଥିଲା ।

ମୋ : ୭୩୭୭୫୧୦୨୫୪
Email-mikunmohanty63@gmail.com

## ସମୟର ନିଛକ ପ୍ରତିଛବି




**ଅଭିଷେକ ମହାପାତ୍ର**

**ବେ**ଶ୍ୟା କାହା ଛାତିରେ ତଳେ ଲୁଚିଲାଣି
ପୁଷି ଶୋଇଗଲାଣି ଖଟ ତଳେ
ଦୂର ଗଛରେ ପେଚା ରାବୁଛି
ଦେଖ ତ ରାତି କେମିତି ବହଳ ହେଉଛି !

ଲାଗୁନି, ଏଇନେ ସଂଧ୍ୟା ଥିଲା,
ଏଇନେ ସକାଳ ଥିଲା,
ଏଇନେ ଥିଲା ମଧ୍ୟାହ୍ନ !
ଦେଖ ଏସବୁ ବି ଅତିକ୍ରାନ୍ତ ଏବେ,
ଆଉ ସେ ଫେରିବନି ଆଜି ପାଇଁ କେବେ !
ସବୁ ଯେ ସମୟ କଟି ତଳେ ଏବେ ନିଶ୍ଚିହ୍ନ !


ଲାଗୁଛି ଏସବୁ ବୋଧେ ସ୍ୱପ୍ନ ଥିଲା,
ହଁ ତ, ଅତୀତ ଆଉ ସ୍ୱପ୍ନ ଦୁଇଟା ଏକା !
ସ୍ୱପ୍ନରେ ବାସ୍ତବ ନଥାଏ,
ଆଉ ଅତୀତ ଟା ଯେ ଫିକା !



ଯାହା ପାଇଁ ସ୍ୱପ୍ନ ଦେଖ,
ଭାରି ବେଇମାନ୍ ସେ !
ଏଇନେ ଏଇଠି ଥିବ
ଚଟ୍ କରି ଖସିଯିବ,
ହେଇଯିବ ଗୋଟେ ଡାଏରୀର ପୃଷ୍ଠା
ତଥାପି ଭଲଲାଗେ ବଞ୍ଚିବାକୁ କିଛି ସ୍ୱପ୍ନ ନେଇ !

ଯାହା ହେବାର ଥିଲା ହେଇଗଲା,
ଯାହା ହେବାର ଥିବ ହେବ,
ତା ହେଲେ କାହିଁକି ସ୍ୱପ୍ନ ଦେଖେ
ଅନିଶ୍ଚିତ ଭବିଷ୍ୟତ ପାଇଁ ?

ରାମଦାସପୁର
କୋଲଣଗିରି, ଇନ୍ଦୁପୁର,ଯାଜପୁର






# ଅବ୍ୟବସ୍ଥା ଘେରରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

**ଖୋର୍ଦ୍ଧା :** ରାଜ୍ୟ ସରକାର ରୋଗୀମାନଙ୍କୁ ମାଗଣାରେ ସମସ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଘୋଷଣା କରିଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆବଶ୍ୟକୀୟ ସଂଖ୍ୟକ ଡ଼ାକ୍ତର ନଥିବା ଯୋଗୁଁ ରାଜ୍ୟ ସରକାରଙ୍କର ଏହି ଯୋଜନା ଫସର ଫାଟି ଯାଇଛି। ସନ୍ଧ୍ୟା ସମୟରେ ନିଶ୍ଚେତକ ବିଶେଷଜ୍ଞ ଡ଼ାକ୍ତର ନଥିବା ଯୋଗୁଁ ଅପରେସନ୍ ହୋଇପାରି ନାହିଁ। ଗୁରୁତର ରୋଗୀ ତଥା ବିଶେଷ କରି ପ୍ରସୂତିମାନେ ବାଧ ହୋଇ ସ୍ଥାନୀୟ ଘରୋଇ ନର୍ସିଂ ହୋମ ଗୁଡ଼ିକୁ ଯାଉଥିବା ଦେଖିବାକୁ ମିଳୁଛି। ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ସହିତ ଅନ୍ୟ କର୍ମଚାରୀ ଓ ଅପରେସନ କକ୍ଷ ଆଦି ଥିବା ବେଳେ ନିଶ୍ଚେତକ ବିଶେଷଜ୍ଞ ଡ଼ାକ୍ତର ନ ରହିବା ଯୋଗୁଁ ଗୁରୁତପୂର୍ଣ୍ଣ ଅପରେସନ ଏପରିକି ପ୍ରସୁତିମାନଙ୍କର ଅପରେସନ ହୋଇ ପାରୁ ନାହିଁ। ଜଣେ ମାତ୍ର ନିଶ୍ଚେତକ ବିଶେଷଜ୍ଞ ଡ଼ାକ୍ତର ନିଯୁକ୍ତି ପାଇଥିବାରୁ ଏପରି ଅବସ୍ଥା ଉପୁଜିଛି। ଦିନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନିଜର କର୍ତ୍ତବ୍ୟ ସାରି ଚାଲିଯାଉଥିବାରୁ ସନ୍ଧ୍ୟା ପରେ ଯେଉଁ ଗୁରୁତର ରୋଗୀ ବା ପ୍ରସୁତି ମାନଙ୍କର ଜରୁରୀ ଅପରେସନ୍ ଆବଶ୍ୟକୀୟ ପଡୁଛି ସେମାନେ ବାଧ ହୋଇ ନିଜର ଜୀବନ ବଞ୍ଚାଇବାକୁ ଯାଇ ଡ଼ାକ୍ତରଖାନା ଛାଡୁଛନ୍ତି। ଡ଼ାକ୍ତରଖାନା ଆଖା ପାଖରେ ଥିବା ଘରୋଇ ନର୍ସିଂ ହୋମ ଗୁଡ଼ିକରେ ନିଶ୍ଚେତକ ବିଶେଷଜ୍ଞ ଡ଼ାକ୍ତର ଉପଲବ୍ଧ ଥିବାରୁ ସେଠାରେ ଯଥାଶୀଘ୍ର ଅପରେସନ ହୋଇପାରୁଛି। ଯେଉଁମାନଙ୍କର ଆର୍ଥିକ ସମ୍ବଳର ଅଭାବ ବା ଗରିବ ଶ୍ରେଣୀର ରୋଗୀ ଏବଂ ଯେଉଁମାନେକି ଘରୋଇ ଚିକିତ୍ସାଳୟକୁ ଯିବା ପାଇଁ ରାଜି ହେଉ ନାହାଁନ୍ତି କୌଣସି ପ୍ରକାର ଅଘଟଣ ଏଡ଼ାଇବା ପାଇଁ ଡ଼ାକ୍ତରଖାନା ପକ୍ଷରୁ ବାଧ ହୋଇ ସେମାନଙ୍କୁ ଭୁବନେଶ୍ୱର ପଠାଇ ଦିଆଯାଉଛି। ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଖୋର୍ଦ୍ଧା ଏବଂ ଏହାର ଆଖପାଖ ଅଞ୍ଚଳର ଅଧିକାଂଶ ରୋଗୀ ବିଶେଷ କରି ପ୍ରସୂତିମାନେ ନିର୍ଭର କରିଥାନ୍ତି। ପ୍ରସୂତିମାନେ ମାଗଣାରେ ସମସ୍ତ ଚିକିତ୍ସା ସେବା ପାଇବା ଆଶାରେ ଜିଲ୍ଲା ମୁଖ୍ୟ ଚିକିତ୍ସଳୟକୁ ଆସୁଛନ୍ତି। ହେଲେ ଏଠାରେ ନିଶ୍ଚେତକ ବିଶେଷଜ୍ଞ ଡ଼ାକ୍ତରଙ୍କ ଅଭାବ ଯୋଗୁଁ ଅଧିକାଂଶ ପ୍ରସୂତି ଏବଂ ଗୁରୁତର ରୋଗୀ ମାଗଣା ସେବା ପାଇବା ପରିବେର୍ତ୍ତେ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି। କେବଳ ନିଶ୍ଚେତକ ବିଶେଷଜ୍ଞ ଡ଼ାକ୍ତର ନୁହଁନ୍ତି ଡ଼ାକ୍ତରଖାନା ପରିସରରେ ୨୪ ଘଣ୍ଟିଆ ଅଲଟ୍ରାସାଉଣ୍ଡ କରିବାର ସୁବିଧା ନ ଥିବା ଯୋଗୁଁ ପ୍ରସୂତି ମାନଙ୍କୁ ଡ଼ାକ୍ତରଖାନା ଆଖା ପାଖରେ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକ ଯିବାକୁ ପଡୁଛି। ଫଳରେ ସେମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ବିଭିନ୍ନ ରୋଗୀ ବିଶେଷ କରି ପ୍ରସୂତି ମାନଙ୍କୁ ମାଗଣା ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ଘଣ୍ଟିଆ ନିଶ୍ଚେତକ ବିଶେଷଜ୍ଞ ଡ଼ାକ୍ତର ନିଯୁକ୍ତି ନିମନ୍ତେ ଦୀର୍ଘଦିନ ଧରି ଦାବୀ ହୋଇ ଆସୁଥିଲେ ମଧ ଏଥିରେ କୌଣସି ସୁଫଳ ମିଳି ପାରୁ ନାହିଁ। ଠିକ୍ ଡ଼ାକ୍ତର ନିଯୁକ୍ତି ଏପରିକି ଆବଶ୍ୟକସ୍ଥଳେ ପ୍ରସୂତିମାନଙ୍କ ସମସ୍ତ ଖର୍ଚ୍ଚ ବହନ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଆର୍ଥିକ କ୍ଷମତା ଦିଆଯାଇଥିଲେ ମଧ ଅଧିକାଂଶ ପ୍ରସୂତି ଏହି ସୁବିଧା ପାଇପାରୁ ନଥିବା ଜଣାପଡ଼ିଛି। ଏଣୁ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି।



## କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ., କେନ୍ଦ୍ରାପଡ଼ା

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟପରିସର ଅବିଭକ୍ତ କଟକ ଜିଲ୍ଲା ଯଥା- କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (**Saving Collection Account**)ରେ ବାର୍ଷିକ ୪.୦୦% ସୁଧ **Daily Balance** ଉପରେ ଦିଆଯାଏ।
- ସ୍ଥାୟୀ ଜମା (**Fixed Deposit**)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୁର୍ଦ୍ଧ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (**Senior Citizen**)ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ୍ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ନେଣଦେଣ କାରବାର ସମ୍ପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦୀପ, ଜଗତସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦାର, ଜଗତପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୂଚାରୁରୂପେ କାର୍ଯ୍ୟ କରୁଅଛି।

**ପ୍ରହ୍ଲାଦ ସାହୁ**
**ସମ୍ପାଦକ**
ମୋ - ୯୪୩୯୪୩୭୫୦୬

**ପ୍ରମୋଦ ସାହୁ**
**ସଭାପତି**
ମୋ-୯୪୩୭୧୮୩୧୯୯


## ୬୮ତମ ଜିଲ୍ଲା ପରିଷଦ ବୈଠକ

# ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବାରୁ ଉଦ୍‌ବେଗ

**ରାୟଗଡ,(ଅମୂଲ୍ୟ ନିଶଙ୍କ) :** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୬୮ତମ ଜିଲ୍ଲା ପରିଷଦ ବୈଠକ ସଭାପତି ପୁରୁଷୋତମ ଗମାଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାରେ ଚାଲିଥିବା ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ଓ ନୂତନ ପ୍ରକଳ୍ପର ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିବା ସମୟରେ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ନିଜ ଅଞ୍ଚଳର ଉନ୍ନୟନ ନିମନ୍ତେ କିଛି ପ୍ରକଳ୍ପ ସୁପାରିଶ ପାଇଁ ଅନୁଦାନ ବ୍ୟବସ୍ଥା ପ୍ରତି ପ୍ରଶାସନ ଗୁରୁତ୍ୱ ଦେଉନଥିବାରୁ ସଭ୍ୟ ସଭ୍ୟା ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ଗତି ତିତ୍‌ଲିରେ ରାୟଗଡ ଜିଲ୍ଲାରେ ବ୍ୟପକ କପା ଚାଷ, ଧାନ ଫସଲ ନଷ୍ଟ ହୋଇଥିବାରୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ଜିଲ୍ଲା ପରିଷଦ ବୈଠକରେ ସମସ୍ତ ସଭ୍ୟ ସଭ୍ୟା ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଅଧିକ ପରିମାଣର ଅର୍ଥ ସହାୟତା ରାଶି ନିମନ୍ତେ ଶ୍ରୀ ଗମାଙ୍ଗ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଶ୍ରୀମତି ଗୁହା ପୁନମ ତାପଶ କୁମାର ତିତ୍‌ଲି କ୍ଷୟକ୍ଷତିର ବିବରଣୀ ପ୍ରଦାନ କରିବା ସହିତ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ମନରେଗା ଯୋଜନାରେ ଶ୍ରମିକ ବଦଳରେ ମେସିନ ମାଧ୍ୟମରେ




କାମ ଚାଲିଥିବାରୁ ଏହାର ଦୃଷ୍ଟି ଆକର୍ଶଣ କରିଥିଲେ ମୁନିଗୁଡା ସଭ୍ୟ ରାମଚନ୍ଦ୍ର ବେହେରା । ସେହିପରି ଜି.ଆର.ଏସ ମାନେ ଦୁର୍ନୀତିଗ୍ରସ୍ତ ଥିବାରୁ ସେମାନଙ୍କୁ ବଦଳି ନିମନ୍ତେ ବାରମ୍ବାର ଗୁହାରୀ କରିଲା ପରେ ମଧ୍ୟ କାର୍ଯ୍ୟକାରୀ ନହେବାରୁ ସଭ୍ୟ ସଭ୍ୟା ଦୁଃଖ ପ୍ରକାଶ କରିଥିଲେ । କେ.ବି.କେ ଅନୁଦାନରୁ ଅଧିକ ୪୦ ହଜାର ଟଙ୍କା ଦରମା ପାଇଁ ଡାକ୍ତରମାନେ ନିଜ ଡାକ୍ତରଖାନା ପରିସରରେ ନରହି ଅନ୍ୟ ସ୍ଥାନରେ ରହୁଥିବା ବିଷୟ ସଭ୍ୟ ଗଙ୍ଗାଧର ପୁଆଳ ଜିଲ୍ଲାପଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମନରେଗା ଯୋଜନାରେ କାମ ଠିକ ଭାବେ ଚାଲୁନାହିଁ କିନ୍ତୁ ଜିଲ୍ଲାପାଳ କିପରି ଏହି ଯୋଜନାରେ ପୁରସ୍କାର କେନ୍ଦ୍ର ସରକାରଙ୍କଠାରୁ ପାଇଲେ ବୋଲି ପଚାରିବାରୁ ଗୃହ ମଧ୍ୟରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା ।

ଏହି ବୈଠକରେ ନୂତନ ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ଭାବେ ଅମ୍ରିତ ରତୁରାଜ ଦାୟିତ୍ୱ ନେଇ କାର୍ଯ୍ୟସୂଚୀ ଅନୁଯାଇ ବିଭିନ୍ନ ବିଭାଗରେ ଉନ୍ନୟନ କାର୍ଯ୍ୟ ଉପରେ ସୂଚନାଦେବା ପରେ ଆଲୋଚନା ଆରମ୍ଭ ହୋଇଥିଲା । ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଓ ବିଜୁ ସେତୁ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ରାୟଗଡ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ପବିତ୍ର କୁମାର ମଣ୍ଡଳ ଗୁଣୁପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସରୋଜ ପାଢୀ ବିବରଣୀ ପ୍ରଦାନ କରିଥିଲେ । ସେହିଭଳି କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପି କେ ଖୁଣ୍ଟିଆ ବିବରଣୀ ପ୍ରଦାନ କରି ଚଳିତ ଖରିଫ ଋତୁରେ ୧ ଲକ୍ଷ ୭୩ ହଜାର ୪୯୪ ହେକ୍ଟର ଜମିରେ ଧାନ ଚାଷ ନିମନ୍ତେ ଲକ୍ଷ ଧାର୍ଯ୍ୟ ରଖାଯାଇଥିବା ବେଳେ ୧ ଲକ୍ଷ ୭୩ ହଜାର ୫୮୯ ହେକ୍ଟର ଜମିରେ ଚାଷ କରାଯାଇଥିବା ସୂଚନା ଦେଇଥିଲେ ଜିଲ୍ଲା ଯୋଗାଣ ଅଧିକାରୀ ପୁରୁଷୋତମ ଲେଙ୍କା ତାଙ୍କ ବିବରଣୀରେ କହିଥିଲେ ଯେ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୮ ରେ ରାୟଗଡ ଜିଲ୍ଲାରେ ୨୦ ହଜାର ୬୨୬ ପରିବାର ୨୦ ହଜାର ୭୪ ଜଣଙ୍କୁ ୨୦୫ ଟି କେନ୍ଦ୍ରରେ ପଂଜିକରଣ କରାଯାଇଥିଲା ଏଥି ମଧ୍ୟରୁ ୩୫ ହଜାର ୧୫୬ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇ ଅକ୍ଟୋବର ଓ ନଭେମ୍ବର ମାସରେ ପ୍ରତ୍ୟେକଙ୍କୁ ୫ କିଲୋ ହିସାବରେ ୧ ଟଙ୍କା ଚାଉଳ ପ୍ରଦାନ କରାଯାଇଛି । ଏହା ବ୍ୟତୀତ ଗୃହରେ ଉଠାଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଗ୍ରାମ୍ୟ ଉନ୍ନୟନ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା ବିଜୁ ଗ୍ରାମୀଣ ଯୋଜନା କାର୍ଯ୍ୟ ଉପରେ ରାୟଗଡ ବିଧାୟକ ଲାଲ ବିହାରୀ ହିମିରିକା, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବୀଣାପାଣି ସାହୁକାର ସଭ୍ୟ ଗଙ୍ଗାଧର ପୁଆଳ, ପି ଗୌରୀ ଶଙ୍କର, ରାମଚନ୍ଦ୍ର ବେହେରା, ଅଶ୍ରିନୀ ଗମାଙ୍ଗ, ସଂସଦ ପ୍ରତିନିଧି ବି ତିରୁପତି ପ୍ରମୁଖ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ବୈଠକରେ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲ୍ଲିକ, ଗୁଣୁପୁର ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସିମାଦ୍ରୀ ନାୟକ ରାୟଗଡ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମିଶ୍ର, ଗୁଣୁପୁର ଆଇ.ଟି.ଡି.ଏ ପ୍ରକଳ୍ପ ନିର୍ଦ୍ଦେଶକ ଗୋରାଚାନ୍ଦ ଗମାଙ୍ଗ ଜିଲ୍ଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ ଯୋଗଦେଇଥିଲେ।

# ମରଣ ଯନ୍ତା ପାଲଟିଛି ୧୬ନମ୍ବର ଜାତୀୟ ରାଜପଥ

**ଖୋର୍ଦ୍ଧା :** ଦଧିମାଛଗାଡ଼ିଆ ନିକଟସ୍ଥ ୧୬ନମ୍ବର ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା ସେହି ରାସ୍ତା ଦେଇ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଯାତ୍ରୀବାହୀ ବସ,ଟ୍ରକ ଓ ମଟରସାଇକେଲ ଯିବା ଆସିବା କରୁଥିବା ବେଳେ ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ମରଣଯନ୍ତା ପାଲଟିଛି ସେହି ରାସ୍ତାଟି। ୧୬ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ଏକ ବେଆଇନ ମୋରମ ଖଣିରୁ ଦୈନନ୍ଦିନ ବହୁ ସଂଖ୍ୟାରେ ଟ୍ରକ ଓ ଟ୍ରାକ୍ଟର ଯୋଗେ ଚୋରାରେ ମୋରମ ସବୁ ଅନ୍ୟତ୍ର ଚାଲଣ ହେଉଥିବା ଯୋଗୁଁ ରାସ୍ତାଟି ଦବି ଯାଇ ଖାଲ ଖମାରେ ପରିଣତି ହୋଇଛି। ଏ ସମ୍ପର୍କରେ ରାଜସ୍ୱ ବିଭାଗର ଅଧିକାରୀମାନେ ଅବଗତ ଥିଲେ ମଧ ଚୋରା ମୋରମ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାଁନ୍ତି। ସ୍ଥାନୀୟ ଗ୍ରାମବାସୀମାନେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ରାସ୍ତାର ଦୁରାବସ୍ଥା ସମ୍ପର୍କରେ ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଗାଡ଼ି ମଟର ଯିବା ଆସିବା ସମୟରେ ଦୁର୍ଘଟଣା ହେବା ଦ୍ୱାରା ବହୁ ଲୋକଙ୍କର ପ୍ରାଣ ହାନୀ ହେବା ସହିତ କେତେକଙ୍କର ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଯଦି ତୁରନ୍ତ ମରାମତି କରା ନଯାଏ ତାହା ହେଲେ ସ୍ଥାନୀୟ ଗ୍ରାମବାସୀମାନେ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିବେ ବୋଲି ଚେତାବନି ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିବିଆଇରେ ...

ମଧ୍ୟରେ ଶେଷ କରିବାକୁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ଏହି ତଦନ୍ତର ତଦାରଖ କରିବେ। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୨କୁ ଧାର୍ଯ୍ୟ କରାଯାଇଛି। ସୁପ୍ରିମକୋର୍ଟ ପ୍ରଧାନ ବିଚାରଚପତି ରଞ୍ଜନ କୁମାର ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଶ୍ରୀ ବର୍ମାଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ବର୍ମାଙ୍କ ଅଭିଯୋଗ ସଂପର୍କରେ ଜବାବ ଦାଖଲ ପାଇଁ ଖଣ୍ଡପୀଠ ସିବିଆଇ, ସିଭିସି ଓ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର ୨୩ ତାରିଖ ମଧ୍ୟରାତ୍ରିରେ ଆଲୋକ ବର୍ମାଙ୍କୁ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦେବା ସହ ଯୁଗ୍ମ ନିର୍ଦ୍ଦେଶକ ଏମ୍ ନାଗେଶ୍ୱର ରାଓଙ୍କୁ ମଧ୍ୟବର୍ତ୍ତିକାଳୀନ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରିଥିଲେ। ସ୍ୱତନ୍ତ୍ର ନିର୍ଦ୍ଦେଶକ ଶ୍ରୀ ଅସ୍ଥାନାଙ୍କୁ ମଧ ସରକାର ଛୁଟିରେ ଯିବାକୁ କହିଥିଲେ। ସିବିଆଇର ଭାବମୂର୍ତ୍ତି ରକ୍ଷା ପାଇଁ କେନ୍ଦ୍ର ସରକାର ଏହି ପଦକ୍ଷେପ ନେଇଛନ୍ତି ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସ୍ପଷ୍ଟ କରିଥିଲେ। କେନ୍ଦ୍ର ସରକାରଙ୍କର ଏହି ନିର୍ଦ୍ଦେଶ ବିରୋଧରେ ଶ୍ରୀ ବର୍ମା ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆହୁରି ଦୁଇ ମାସ ବାକି ରହିଛି। ଶ୍ରୀ ବର୍ମା ଦାଏର କରିଥିବା ପିଟିସନର ପ୍ରାଥମିକ ଶୁଣାଣି କରିଛନ୍ତି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ବିଚାରପତି ଏସକେ କାଉଲ ଓ ବିଚାରପତି କେଏମ ଯୋଶେଫଙ୍କୁ ନେଇ ଗଠିତ ଖଣ୍ଡପୀଠ। ଶ୍ରୀ ବର୍ମାଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରିଥିଲେ ବରିଷ୍ଠ ଆଇନଜୀବୀ ଏଫଏସ ନରିମାନ। ସେ କହିଥିଲେ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ କମିଟି ସିବିଆଇ ନିର୍ଦ୍ଦେଶକ ପଦ ପାଇଁ ଶ୍ରୀ ବର୍ମାଙ୍କୁ ମନୋନୀତ କରିଥିଲେ। ମାତ୍ର ସିଭିସି ଓ କେନ୍ଦ୍ର ସରକାର ତାଙ୍କୁ କମିଟିର ବିନା ଅନୁମୋଦନରେ ବାଧ୍ୟତାମୂଳକ ଛୁଟିରେ ପଠାଇଛନ୍ତି। ଏହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଙ୍ଘନ। ତାଙ୍କ ଯୁକ୍ତି ଗ୍ରହଣ କରି ଖଣ୍ଡପୀଠ ଏହି ଅଭିଯୋଗର ଜବାବ ଦାଖଲ କରିବାକୁ ସିଭିସି, ସିବିଆଇ ଓ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶ୍ରୀ ବର୍ମା ଓ ଶ୍ରୀ ଅସ୍ଥାନାଙ୍କ ବିରୋଧରେ ରହିଥିବା ଅଭିଯୋଗଗୁଡ଼ିକର ତଦନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ବା ଏସଆଇଟି ଜରିଆରେ ତଦନ୍ତ କରାଇବା ପାଇଁ କମନ୍ କଜ୍ ସଂସ୍ଥା ତରଫରୁ ହୋଇଥିବା ଆବେଦନର ଶୁଣାଣି ଖଣ୍ଡପୀଠ କରିଛନ୍ତି। ଖଣ୍ଡପୀଠ ଦୁଇ ସପ୍ତାହ ମଧ୍ୟରେ ଏହାର ତଦନ୍ତ ସାରିବାକୁ ସିଭିସିକୁ କହିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପଟ୍ଟନାୟକଙ୍କୁ ଖଣ୍ଡପୀଠ ଏହାର ତଦାରଖ ଦାୟିତ୍ୱ ଦେଇଛନ୍ତି। ପ୍ରଥମେ ସୁପ୍ରିମକୋର୍ଟ ୧୦ ଦିନ ମଧ୍ୟରେ ତଦନ୍ତ ଶେଷ କରିବାକୁ କହିଥିଲେ। କିନ୍ତୁ ଏତେ କମ୍ ସମୟ ମଧ୍ୟରେ ତଦନ୍ତ ସାରିବା ସମ୍ଭବ ନୁହେଁ ବୋଲି ସିଭିସି ପକ୍ଷରୁ କୁହାଯିବାରୁ ସୁପ୍ରିମକୋର୍ଟ ତଦନ୍ତ ସମୟକୁ ଦୁଇ ସପ୍ତାହକୁ ବୃଦ୍ଧି କରିଥିଲେ। ତେବେ ସିବିଆଇର ଶୀର୍ଷ ଅଧିକାରୀଙ୍କ ଏଭଳି ବିବାଦ ଆଦୌ ଶୁଭଙ୍କର ନୁହେଁ।

### 'ଓଡ଼ିଆ ଭାଷା...

ଦାୟିତ୍ୱ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ନେଇଛି। ବିଶ୍ୱ ଦରବାରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରସାର ତଥା ପ୍ରଚାର ପାଇଁ ଏହା ସୁଯୋଗ ସୃଷ୍ଟି କରିବ। ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆ ବିଶେଷ କରି ଯୁବପିଢ଼ିଙ୍କ ପାଇଁ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ଉପଯୋଗୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୧୭୦ ଖଣ୍ଡ କାଳଜୟୀ ଓ ଲୋକପ୍ରିୟ ଓଡ଼ିଆ ପୁସ୍ତକକୁ ଡିଜିଟାଇଜ୍ କରାଯାଇ ଏହି ନୂତନ ପୋର୍ଟାଲ୍‌ରେ ସ୍ଥାନୀତ କରାଯାଇଥିଲା ବେଳେ ଇ-ବୁକ୍ ମାଧ୍ୟମରେ ଏହା ପାଠକଙ୍କ ଲାଗି ଉପଲବ୍ଧ ହେବ। ସେଥିପାଇଁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ଉପସ୍ଥିତିରେ ସି-ଡାକ୍, ୟୁଚିକାଗୋ, ଏବଂ ସେଣ୍ଟର୍ ଫର୍ ଇଣ୍ଟରନେଟ୍ ସୋସାଇଟି ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଛି। ଡିଜିଟାଲ୍ ଓ ଇଣ୍ଟରନେଟ୍‌ଭିତ୍ତିକ ସେବାର ଲୋକପ୍ରିୟତା ଦିନକୁ ଦିନ ବଢୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷା ଓ ସଂସ୍କୃତି ସଂକ୍ରାନ୍ତ ବିଭବକୁ ଡିଜିଟାଲ୍ ରୂପରେ ଉପଲବ୍ଧ କରିବାକୁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ସାଂସଦ ତଥାଗତ ଶତପଥୀ, ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ୍, ବିଭିନ୍ନ ବିଭାଗୀୟ ମୁଖ୍ୟ, ପ୍ରଫେସର୍ ଓଁକାରନାଥ ମହାନ୍ତି, ପ୍ରଫେସର୍ ଦେବୀପ୍ରସନ୍ନ ପଟ୍ଟନାୟକ, ଚିକାଗୋ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ କର୍ତ୍ତୃପକ୍ଷ, ସି-ଡାକ୍, ସେଣ୍ଟର୍ ଫର୍ ଇଣ୍ଟରନେଟ୍ ସୋସାଇଟିର ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୧୭ ଏପ୍ରିଲ୍ ୧୪ରେ ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପ୍ରସ୍ତୁତ କରାଯାଇ ସେଥିରେ ଓଡ଼ିଆ ଭାଷାରେ ପ୍ରକାଶିତ ବିଭିନ୍ନ ପୁସ୍ତକ, ଓଡ଼ିଶାର ପରମ୍ପରା, ସଂସ୍କୃତି, ପର୍ବପର୍ବାଣି ସମ୍ପର୍କିତ ବିସ୍ତୃତ ତଥ୍ୟ ଉପଲବ୍ଧ କରାଯାଇଥିଲା। କିନ୍ତୁ ଏବେ ଓଡ଼ିଆ ଭାଷାର ସହଜ ଓ ସୁଗମ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ଏହି ୱେବ୍ ପୋର୍ଟାଲକୁ ସମ୍ପୂର୍ଣ୍ଣ ନୂଆ ରୂପରେ ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ଓଡ଼ିଆ ସାହିତ୍ୟର କିଛି କାଳଜୟୀ ରଚନାକୁ ଇ-ବୁକ୍ ମାଧ୍ୟମରେ ସ୍ଥାନ ଦିଆଯାଇଛି। ଏହାମଧ୍ୟରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଅର୍ଥ କୋଇଲି, ଅଚ୍ୟୁତାନନ୍ଦ ଦାସଙ୍କ ଓଗାଳ ଖଣ୍ଡ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସୁଭଦ୍ରା ପରିଣୟ, ଯମକରାଜ ଚଉତିଶା, ଲାବଣ୍ୟବତୀ, କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଲୋକପ୍ରିୟ ପୁସ୍ତକ ମାଟିର ମଣିଷ ଭଳି ପ୍ରାଚୀନ ଓଡ଼ିଆ ପୋଥି, ପତ୍ରପତ୍ରିକା ଆଦିକୁ ଏଥିରେ ଉପଲବ୍ଧ କରାଯାଇଛି।

### ବିଜେଡିକୁ ...

ହେଲାନି । ବରଂ ଲଗାମଛଡା ହୋଇ ସେ ଅଧିକରୁ ଅଧିକ ବିଜେଡି ବିରୋଧୀ ବୟାନ ରଖୁଛନ୍ତି। ଦଳ ଭିତରର ରହସ୍ୟ ଆଉ କାରସାଦିର କୁହୁକ ପେଡି ଖୋଲିଦେଇ ଦଳକୁ କାଳ ମୁହଁକୁ ଠେଲିବାକୁ ବସିଛନ୍ତି। ଚାରା ଦୁର୍ନୀତି ଠାରୁ ଆରମ୍ଭ କରି ଅନେକ ଘୋଟାଲାର ଚିଠା ଗଣମାଧମ ଆଗରେ ଥୋଇ ଦେଇଛନ୍ତି। ଦାମ ଆଣିଥିବା ଅଭିଯୋଗ ଗୁଡିକର ହିସାବ ଆଜିଯାଏଁ ଦଳ ଦେଇପାରିନାହିଁ। ବରଂ ତା ବଦଳରେ ଦାମଙ୍କୁ ବିଭୀଷଣ ଆଖ୍ୟା ଦେଇ ଅଭିଯୋଗ ଗୁଡିକୁ ଏଡାଇ ଯିବାରେ ଲାଗିଛି । ଆଗକୁ ଦାମ ଅନେକ କଥା କହିବେ ବୋଲି ଆଶଙ୍କା କରୁଛି ବିଜେଡି। ବିରୋଧୀ ବିଜେପି ଆଉ କଂଗ୍ରେସ ଠାରୁ ଅଧିକ ଲାଗୁଛି ଦାମଙ୍କ ବାକ୍ୟ ବାଣ। ୨୦୧୯ ନିର୍ବାଚନ ବିଜେଡି ପାଇଁ କ୍ଷତି ହୋଇପାରେ ବୋଲି ଦଳ ଅନୁଭବ କରୁଛି। ଯେଉଁଥିପାଇଁ ଆରମ୍ଭ ହୋଇଛି 'ମିଶନ ଦାରା'।

ସୂଚନା ଅନୁସାରେ ଗତ କିଛିଦିନ ହେବ ପୋଲିସ ଆଉ ଗୁଇନ୍ଦା ବିଭାଗ ପକ୍ଷରୁ ଦାମଙ୍କୁ ହାତେ ହାତେ ଜଗାଯାଉଛି। ଏହି ଦୁଇ ବିଭାଗ ତାଙ୍କ ଗତିବିଧି ଉପରେ ସମ୍ପୂର୍ଣ୍ଣ କଡା ନଜର ରଖିଛି ବୋଲି ଜଣାପଡିଛି। ଦାମ କ'ଣ କହୁଛନ୍ତି ଆଉ କ'ଣ କରୁଛନ୍ତି ଏବଂ କୁଆଡେ ଯାଉଛନ୍ତି ଏସବୁ ପ୍ରତି ସମ୍ପୂର୍ଣ୍ଣ ଗୁରୁତ୍ୱ ଦିଆଯାଉଛି। ଏହା ଯେବେ ସତ ହୋଇଥାଏ ତେବେ ବିଜେଡି ଦାମଙ୍କୁ ଡରିବା ଆରମ୍ଭ କଲାଣି ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମହଲରେ ଚର୍ଚ୍ଚା ହେଉଛି।

### ନିବେଶକଙ୍କୁ ...

ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆବଶ୍ୟକ ହେଉଛି। ଏହା ମଧ୍ୟରୁ ଦେଢ଼ଲକ୍ଷ କୋଟି ଟଙ୍କା କେବଳ ମେସିନାରୀ ବା ଯନ୍ତ୍ରାଂଶ କିଣିବାରେ ଖର୍ଚ୍ଚ ହେବ। ଏହି କାରଣରୁ ସରକାର ଦେଶରେ ଇସ୍ପାତ କାରଖାନା ଯନ୍ତ୍ରାଂଶ ପ୍ଲାଣ୍ଟ୍ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଓଡ଼ିଶା ସରକାର ଜମି ଯୋଗାଇଦେଲେ ଇସ୍ପାତ ଶିଳ୍ପ ଯନ୍ତ୍ରାଂଶ ପ୍ଲାଣ୍ଟ୍ ପ୍ରତିଷ୍ଠା ହେବ। ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ଓଡ଼ିଶା ପ୍ରାକୃତିକ ସମ୍ପଦରେ ସମୃଦ୍ଧ। ଦେଶର ୧୪ ପ୍ରତିଶତ ଖଣିଜ ଉତ୍ପାଦନ ଓଡ଼ିଶାରୁ ହେଉଛି। ଗତ ଦୁଇ ଦଶନ୍ଧି ଧରି ରାଜ୍ୟ ସରକାର ଖଣିଜ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଦେଶର ୫୦ ପ୍ରତିଶତ ଲୁହା ଉତ୍ପାଦନ ଓଡ଼ିଶାରେ ହେଉଛି; ଯାହା ଦ୍ୱାରା ଇସ୍ପାତ ଶିଳ୍ପ ପାଇଁ ରାଜ୍ୟରେ ପ୍ରଚୁର ସୁଯୋଗ ସୃଷ୍ଟି କରିଛି। ଗତ ୧୮ ବର୍ଷ ମଧ୍ୟରେ ରାଜ୍ୟରେ ଲୁହା ପଥର ଉତ୍ପାଦନ ବାର୍ଷିକ ୩୩ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର 'ଭିଜନ୍ ୨୦୩୦' ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଇସ୍ପାତ ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଉଛି। ଏଥିପାଇଁ କଳିଙ୍ଗନଗରରେ ରାଜ୍ୟ ସରକାର ଇସ୍ପାତ ହବ୍ ପ୍ରତିଷ୍ଠା କରିଛନ୍ତି। ରାଜ୍ୟରେ ବନ୍ଦର ପରିବହନ କ୍ଷମତା ଗତ ୧୮ ବର୍ଷ ମଧ୍ୟରେ ୧୦ ଗୁଣା ବୃଦ୍ଧି ପାଇ ବାର୍ଷିକ ୧୯୦ ନିୟୁତ ଟନ୍‌ରେ ପହଞ୍ଚିଛି। ବିଦ୍ୟୁତ ଶକ୍ତି ଉତ୍ପାଦନ ୩ ଗୁଣ ବୃଦ୍ଧି ପାଇଛି। ଗମନାଗମନ ଭିତ୍ତିଭୂମି ୫୦ ପ୍ରତିଶତ ବୃଦ୍ଧି ହୋଇଛି। ଓଡ଼ିଶାରେ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ରାଜ୍ୟ ସରକାର ଆସନ୍ତା ନଭେମ୍ବର ୧୧ରୁ ଭୁବନେଶ୍ୱରରେ 'ମେକ୍ ଇନ୍ ଓଡ଼ିଶା' କନକ୍ଲେଭ୍ ଆୟୋଜନ କରୁଛନ୍ତି। ଏହା ରାଜ୍ୟର ପୁଞ୍ଜି ନିବେଶ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ପେଟ୍ରୋଲିୟମ୍, ପ୍ରାକୃତିକ ବାଷ୍ପ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଇସ୍ପାତ କ୍ଷେତ୍ରରେ ମୁଖ୍ୟ ସାମଗ୍ରୀ ମାମଲାରେ ଓଡ଼ିଶା ଭାରତର କେନ୍ଦ୍ରବିନ୍ଦୁ ହେବାସହ ଖୁବଶୀଘ୍ର ପଡ଼ୋଶୀ ପ୍ରତିଯୋଗୀ ଦୁବାଇ ଓ ସିଙ୍ଗାପୁର ଭଳି ଦେଶଗୁଡ଼ିକୁ ସାମ୍ନା କରି ଆଗକୁ ବଢ଼ିବାର ପୁରା ସମ୍ଭାବନା ରହିଛି। ଆଜି ଦିନରେ ୫୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ ହେଉଥିବା ବେଳେ ଆଗାମୀ ୧୦ ବର୍ଷରେ ତାହା ୧୦୦ ନିୟୁତ ଟନ୍ ହେବ। ଲୁହାପଥର, କୋଇଲା, ଆଲୁମିନିୟମ, ମାଙ୍ଗାନିଜ୍ ଉତ୍ପାଦନ ୨୦୦ ନିୟୁତ ଟନ୍‌ରୁ ୫୦୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ବିଜୁଳି ଉତ୍ପାଦନ ୨୫ ହଜାର ମେଗାଓାଟ୍ ଓ ୨୦ ନିୟୁତ ଟନ୍‌ର ତୈଳ ବିଶୋଧନ କ୍ଷମତା ଓଡ଼ିଶାରେ ଉପଲବ୍ଧ ହେବ। ଓଡ଼ିଶାରେ ୫ ହଜାର କି.ମି.ର ଜାତୀୟ ରାଜପଥ ରହିଥିବା ବେଳେ ଆଉ ୫୦୦ କି.ମି.ର ଜାତୀୟ ରାଜପଥ ନିର୍ମାଣ କରାଯିବ। ପାରାଦୀପରୁ କଳିଙ୍ଗନଗରକୁ ୧୦୦ କି.ମି.ର ଦୀର୍ଘ ଉତ୍ସର୍ଗୀକୃତ ରାଜପଥକୁ ୮ ଲେନ୍ ରାସ୍ତା ନିର୍ମାଣ ଲାଗି ବ୍ୟାପକ ଯୋଜନା ହୋଇଛି। ଏଥିସହିତ ସେଠାରେ ଆଗାମୀ ଦିନରେ ଏକ ବିମାନ ବନ୍ଦର ପ୍ରତିଷ୍ଠା ହେବାର ଯୋଜନା ମଧ କରାଯାଇଛି। ପାରାଦୀପରେ ପେଟ୍ରୋ କେମିକାଲ କମ୍ପ୍ଲେକ୍ସର ବୃଦ୍ଧି କରାଯାଉଛି ବୋଲି ଶ୍ରୀ ପ୍ରଧାନ ଆଶା ପୋଷଣ କରିଥିଲେ। କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରଣାଳୟକୁ ଧନ୍ୟବାଦ ଦେଇ ଶ୍ରୀ ପ୍ରଧାନ କହିଥିଲେ, ରାଜ୍ୟ ସରକାର କୌଣସି ଚିଠି ଦେଇ ନ ଥିଲେ ମଧ କେନ୍ଦ୍ର ସରକାରଙ୍କ ତରଫରୁ ଓଡ଼ିଶାରେ ଇସ୍ପାତ ଶିଳ୍ପ ଯନ୍ତ୍ରାଂଶ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଯୋଜନା କରାଯାଇଛି। କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରୀ ଅନନ୍ତ ଗୀତେ କହିଥିଲେ, ଦେଶର ଇସ୍ପାତ ଶିଳ୍ପର ଯନ୍ତ୍ରାଂଶ ପ୍ଲାଣ୍ଟ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି। ଏଥିପାଇଁ ବିଭିନ୍ନ ଅନ୍ତର୍ଜାତୀୟ କମ୍ପାନୀର ବୈଷୟିକ ସହାୟତା ପାଇଁ ମଧ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। କେନ୍ଦ୍ର ଭାରୀ ଶିଳ୍ପ ବିଭାଗର ତରଫରୁ କର୍ଣ୍ଣାଟକରେ ଇସ୍ପାତ ଯନ୍ତ୍ରାଂଶ ପ୍ଲାଣ୍ଟ୍ ପ୍ରସ୍ତୁତ ହୋଇଛି। ଓଡ଼ିଶାରେ ସେହିପରି ଇସ୍ପାତ ଯନ୍ତ୍ରାଂଶ ପ୍ଲାଣ୍ଟ୍ ପ୍ରତିଷ୍ଠା ପାଇଁ ଯୋଜନା ରହିଛି। କନକ୍ଲେଭ୍‌ରେ କେନ୍ଦ୍ର ଇସ୍ପାତ ସଚିବ ବିନୟ କୁମାର, କେନ୍ଦ୍ର ଇସ୍ପାତ ବିଭାଗର ଆର୍ଥିକ ପରାମର୍ଶଦାତା ସରସ୍ୱତୀ ପ୍ରସାଦ ଓ ବିଶ୍ୱ ଇସ୍ପାତ ସଂଘର ଆଦାମ୍ ସେଓ୍ୱଜେକ୍ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସୋଭନିୟର୍ ଉନ୍ମୋଚିତ କରାଯାଇଥିଲା। ଏହି କନକ୍ଲେଭ୍‌ରେ ୧୨ଟି ଦେଶର ୩୫୦ ପ୍ରତିନିଧିଙ୍କ ସମେତ ୨୦ଟି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଯୋଗ ଦେଇଥିଲେ।

### କୃଷିଋଣ ଛାଡ ...

ସେହିପରି ଋଣଭାର ଯୋଗୁଁ ଚାଷୀମାନେ ଆତ୍ମହତ୍ୟା କରୁଛନ୍ତି । ମୁଖ୍ୟମନ୍ତ୍ରୀ ନିଜେ ଜଳସେଚନ ବିଭାଗକୁ ଦୀର୍ଘ ସମୟ ଧରି ନିଜ ପାଖରେ ରଖିଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ କାର୍ଯ୍ୟ କରିପାରି ନାହାଁନ୍ତି । ୧୮ ବର୍ଷର ଶାସନ ପରେ ବିଲ ମୁଣ୍ଡରେ ପାଣି ଟୋପେ ପଂହଚି ପାରିଲାନି ଯାହାର ନମୁନା ହେଉଛି ଆଜିର ଏହି ଚାଷୀ ଆତ୍ମହତ୍ୟା । ଚାଷୀ ବିରୋଧୀ ସରକାର ଏବେ ବି କୁମ୍ଭକର୍ଣ୍ଣ ନିଦରେ ଶାଇଛନ୍ତି । ଚାଷୀକୁ କାଳ ପଡିଥିବାବେଳେ ରାଜ୍ୟ ସରକାର ଖେଳରେ ମାତିଛନ୍ତି। ବିଜେପୁର ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପ ଏବଂ ଗଙ୍ଗାଧର ମେହେର ଲିଫ୍ଟ କେନାଲ ପ୍ରକଳ୍ପର ଘୋଷଣା କରି ମଧ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରି ନାହିଁନ୍ତି । ରାଜ୍ୟସରକାର କେବଳ ଘୋଷଣା କରି ନିର୍ବାଚନୀ ବୈତରଣୀ ପାର ହେବାକୁ ବସିଛନ୍ତି । ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ରାଜ୍ୟ ସରକାର କେବଳ ଘୋଷଣା ସର୍ବସ୍ୱ ସରକାର ବୋଲି ଶ୍ରୀ ମହାନ୍ତି କହିଛନ୍ତି । ରାଜ୍ୟର ଯେଉଁ ବ୍ଲକ ମାନଙ୍କରେ ମରୁଡି ହୋଇଛି ତାକୁ ରାଜ୍ୟ ସରକାର ତୁରନ୍ତ ମରୁଡି ଘୋଷଣା କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସଠିକ୍ କ୍ଷତିପୂରଣ ଦେବା ସହ କୃଷିଋଣ ଛାଡ କରିବା ପାଇଁ ଶ୍ରୀ ମହାନ୍ତି ଦାବି କରିଛନ୍ତି । ରାଜ୍ୟ ସରକାର ଚାଷୀ ବିରୋଧୀ ନୀତି ଅବଲମ୍ବନ କଲେ ଆଗାମୀ ଦିନରେ ରାଜ୍ୟର କୃଷକ ଭାଇମାନଙ୍କ ହିତକୁ ଆଖି ଆଗରେ ରଖି ଭାରତୀୟ ଜନତା ପାର୍ଟି ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

### ଓଡ଼ିଆଙ୍କୁ କୋଢ଼ିଆ ...


ବର୍ଷ ତଳେ ଆନ୍ଧ୍ରରୁ ଲୋକମାନେ ଆସି ଓଡ଼ିଶାରେ ରିକ୍ସା ଟାଣୁଥିଲେ। ମାତ୍ର ଆଜି ସେମାନେ ଓଡ଼ିଶାରେ ନାହାନ୍ତି। କାରଣ ତାଙ୍କ ରାଜ୍ୟର ବିକାଶ ସେମାନଙ୍କୁ ରାଜ୍ୟକୁ ଫେରାଇ ନେଲା। ଆଜି ଓଡ଼ିଶାକୁ ଆନ୍ଧ୍ର ମାଛ, କଦଳୀ, ଫଳ, ପନିପରିବା, କୁକୁଡ଼ା ଆଦି ରପ୍ତାନୀ କରୁଛି। ମାତ୍ର ଓଡ଼ିଶା ଦୀର୍ଘ ୧୮ ବର୍ଷ ମଧ୍ୟରେ ଉନ୍ନତି କରିପାରିଲା ନାହିଁ। ନବୀନ ବାବୁ ରାଜ୍ୟବାସୀଙ୍କୁ ଟଙ୍କିକିଆ ଚାଉଳ, ପାଞ୍ଚ ଟଙ୍କିଆ ଆହାର, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦେଇ ଏହି ଲଢୁଆ ଜାତିକୁ କୋଢ଼ିଆ କରିଦେଲେ। ଫଳରେ ଓଡ଼ିଆମାନେ ଆହାର ଯୋଜନାରେ ପାଞ୍ଚ ଟଙ୍କିଆ ଆହାର, ଟଙ୍କିକିଆ ଚାଉଳ ନେଇ ସବୁଦିନ ପାଇଁ ଅଳସୁଆ ହୋଇରହିଗଲେ। ସେହିପରି ଶିକ୍ଷା କ୍ଷେତ୍ରରେ ମଧ ରାଜ୍ୟ ସବୁଠାରୁ ପଛୁଆ ହୋଇଯାଇଛି। ଜାତୀୟ ସ୍ତରରେ ଶିକ୍ଷାକ୍ଷେତ୍ରରେ ରାଜ୍ୟର କୌଣସି ବିଦ୍ୟାଳୟ ଶ୍ରେଷ୍ଠ ଶହେ ମଧରେ ରହିନପାରିବା ଏହାକୁ ପ୍ରମାଣିତ କରୁଥିବା ସେ କହିଥିଲେ। ଯଦି ଶିଳ୍ପ ପ୍ରତିଷ୍ଠା ହେବ ତାହାଲେ ଲୋକମାନେ ସେଥିରେ କାର୍ଯ୍ୟକରି ନିଜକୁ ସମୃଦ୍ଧ କରିପାରିବେ। ମାତ୍ର ଏହି ୧୮ ବର୍ଷ ମଧରେ ପୋସ୍କୋ,ମିତ୍ତଲଏବଂ ବେଦାନ୍ତ ପରି ଆନ୍ତର୍ଜାତୀୟ ବୃହତ ଶିଳ୍ପମାନେ ରାଜ୍ୟରେ ପ୍ରତିଷ୍ଠା ହୋଇନପାରି ଫେରିଗଲେ। କେନ୍ଦ୍ର ସରକାର ଚିଟଫଣ୍ଡ ଦୁର୍ନୀତିର ସିବିଆଇ ତଦନ୍ତ ଆଳରେ ଜ୍ୟସରକାରଙ୍କୁ ଚୁପ କରିଦେଇଥିବା ସମାଲୋଚନା କରିଥିଲେ। ବିଜେଡ଼ିର ବିକଳ୍ପଭାବେ ରାଜ୍ୟବାସୀ ଉତ୍କଳ ଭାରତକୁ ସମର୍ଥନ ପ୍ରଦାନ କରନ୍ତୁ। ଉତ୍କଳ ଭାରତ ତା ବିନିମୟରେ ରାଜ୍ୟକୁ ଏକ ସମୃଦ୍ଧ ଓଡ଼ିଶା ଭେଟିଦେବ ବୋଲି ସେ ପ୍ରକାଶ କରିଥିଲେ।

### କୋରୀକୁ ...

ଲୋକଙ୍କୁ ହାତଠାରି ଡାକୁଛି । ଆଉ ପାଖକୁ ଗଲେ ତା'ର ପାକୁଆ ପାଟିକୁ ପାକେଇ ପାକେଇ, ନିଜ ଶରୀରର ସମସ୍ତ ଶକ୍ତିକୁ ଲଗାଇ ଅତି ଅସ୍ପଷ୍ଟ ସ୍ୱରରେ କହୁଛି "କାଳିଆ....ଆସିଲୁ କିରେ...., ଟିକିଏ ପାଣି ମୋ ତୁଣ୍ଡରେ ଦେଇଦେ, ମୁଁ ଶାନ୍ତିରେ ମରିଯିବି । " ବିଗତ ଏକବର୍ଷ ଧରି କୋରୀ ଏମିତି ପଡିରହିଛି । ଦଦରା ଝୋଟ ଅଖାକୁ ତଳେ ପକାଇ, ପିନ୍ଧିଥିବା ଲୁଗାଖଣ୍ଡିକୁ ଘୋଡାଇ ଶୋଇରହିଛି । ବିଛଣାରୁ ବାହାରୁଛି ଅଣନିଶ୍ୱାସୀ ଦୁର୍ଗନ୍ଧ । ଆଉ ବିଛଣା ଚାରିପଟେ ବିଛେଇ ପଡିଛି ଅଇଁଠା ବାସନ। ଏକ ଭଙ୍ଗା କଡ଼େଇରେ ଥିବା ମୁଠାଏ ଶୁଖିଲା ଭାତ ଉପରେ ଭରଣେ ଭଣ ଭଣ ମାଛି ବସିଛନ୍ତି। ଲାଗୁଛି କୋରୀ ଯେମିତି ଅନେକ ଦିନ ହେଲା ବିଛଣାରୁ ଉଠିନି । ସେମିତି ବିଛଣାରେ ପଡି ମରଣ ମୁହଁକୁ ଚାହିଁ ବସିଛି। ପାଞ୍ଚ ଝିଅରେ ଗୋଟିଏ ବୋଲି ପୁଅ କାଳିଆ। ବିବାହ ପରେ ବିଗତ ୨୦ ବର୍ଷ ହେଲା ଦୂର ଗାଁରେ ପରିବାର ନେଇ ରହୁଛି । ଏହି ୨୦ ବର୍ଷ ମଧ୍ୟରେ ଦୁଇ ତିନି ଥର ହେବ ମାଆ କୋରୀ ପାଖକୁ ଆସିଛି। ହେଲେ କୋରୀ ବିଛଣାରେ ପଡିବା ପରଠାରୁ ପ୍ରାୟ ୧ ବର୍ଷ ହେବ ତା'ର ଦେଖାନାଇଁ ବୋଲି ସାହିବାସୀ କହନ୍ତି । ମାଆ ପାଖରେ ରହୁଛି ସାନଝିଅ ଝିନୁ। ୪୦ ବର୍ଷିୟା ଝୁନୁ ମାନସୀକ ବିକଳାଙ୍ଗ । ମାଆର ଅବସ୍ଥା, ପରିବାର, ଘର ସଂସାର ବିଷୟରେ ତାର ଟିକେ ବି ଜ୍ଞାନ ନାହିଁ । ସ୍ୱାମୀ ଲାଲୁ ମହାନ୍ତିଙ୍କ ଦେହାନ୍ତ ପରେ ଝୁନୁର ସବୁ ଦାୟୀତ୍ୱ ନେଇଥିଲା କୋରୀ । ହେଲେ ଏବେ ସେ ବି ଶର୍ଯ୍ୟା ସୟୀ । ଗୋଟିଏ ଛାତ ତଳେ ଉଭୟେ ମାଆ ଝିଅ ଅଭିଶପ୍ତର ଜୀବନ ଅତିବାହିତ କରୁଛନ୍ତି। ଏହି ବର୍ଷକ ମଧ୍ୟରେ ଅନେକ ସରପଞ୍ଚ, ବିଧାୟକ, ନେତା, ଅଫିସର ଆଦି ସେହି ସାହି ଦେଇ ଯାଇଛନ୍ତି । ତିତଲି ବାତ୍ୟା ପରେ ବନ୍ୟା ସ୍ଥିତି ଦେଖିବାକୁ ପ୍ରାୟ ସବୁ ଦଳର ନେତା ଏହି ବାଟ ଦେଇ ଯାଇଛନ୍ତି । ହେଲେ କାହାର କୃପା ଦୃଷ୍ଟି କୋରୀ ଉପରେ ପଡି ନାହିଁ । କୋରୀ, ସାନଖେମୁଣ୍ଡୀ ନିର୍ବାଚନମଣ୍ଡଳୀର ମୁଖ୍ୟାଳୟରେ ଥାଇ ମଧ ଏକ ବିଚ୍ଛିନ୍ନାଞ୍ଚଳର ଜୀବନ କାଟୁଛି।

## ପର୍ଯ୍ୟଟନ

# ଇତିହାସର ଆଇନାରେ ମୋଣ୍ଟେ ମ୍ୟୁଜିକାଲ ଫେଷ୍ଟିଭାଲ



ଗୋଆ ବୁଲିବା ସମ୍ପର୍କରେ ଏହି ସ୍ତମ୍ଭ ମାଧ୍ୟମରେ ଆପଣମାନଙ୍କ ସହ ମୋର ଅନୁଭୂତି ବାଣ୍ଟିବା ଅନେକ ଦିନ ହୋଇଗଲାଣି। ଗୋଆର ଅନୁଭୂତି ଆଗକୁ ମଧ୍ୟ ଜାରି ରହିବ। କାରଣ ମୁଁ କେବଳ ଆପଣମାନଙ୍କୁ ଗୋଆର ମନ୍ଦିର ସମ୍ପର୍କରେ ଜଣାଇଛି। ଏବେ ଏଠାରେ ଥିବା ଚର୍ଚ୍ଚ ଗୁଡିକ ସମ୍ପର୍କରେ ସୂଚନା ଦେଉଛି। ଏହାପରେ ଦୁର୍ଗ, ବେଳାଭୂମୀ ପର୍ଯ୍ୟଟନ ରହିଛି ପୁଣି ନାଇଟ୍ ଲାଇଫ୍ ରହିଛି। ଖାଦ୍ୟ ପରମ୍ପରା ବି ରହିଛି। ଅବଶ୍ୟ ମୁଁ ଚାହିଁଥିଲେ ଏ ସବୁକୁ ସଂକ୍ଷେପରେ ସାରି ପାରିଥାନ୍ତି। ହେଲେ ସେଥିରେ ମୋର ଅନୁଭୂତି ଅଧା ରହିଯାଇଥାନ୍ତା। ଆପଣମାନେ ବି ସମ୍ପୂର୍ଣ୍ଣ ବିବରଣୀ ପାଇ ପାରିନଥାନ୍ତେ ତେଣୁ ସାମାନ୍ୟ ଦୀର୍ଘ ହେଉଛି। ଆଜି ଆମେ ଯେଉଁ ଚର୍ଚ୍ଚ ବିଷୟରେ ଜାଣିବା ତାହା ରହିଛି ପୁରୁଣା ଗୋଆରେ। ଯାହାର ନାଁ ହେଉଛି ଚାପେଲ୍ ଅଫ୍ ଆୱାର୍ ଲେଡି ଅଫ୍ ମାଉଣ୍ଟ। ଗାଡିରେ ଯିବା ସମୟରେ ମୋର ଗାଇଡ୍ ମୋତେ ସୂଚନା ଦେଲେ ଯେ, ଏହା ଗୋଆର ଅନ୍ୟତମ ପ୍ରାଚୀନ ଚର୍ଚ୍ଚ। ଏହାଏକ ଛୋଟ ପାହାଡିଆ ସ୍ଥାନରେ ଅବସ୍ଥିତ। ପ୍ରକୃତରେ ବିଶ୍ୱାସ କରାଯାଏ ଯେ, ଆଦିଲ୍ ଶାହା ପର୍ତ୍ତୁଗୀଜ ମାନଙ୍କ ସହ ଯୁଦ୍ଧ କରିବା ପାଇଁ ଏହି ଉଚ୍ଚା ସ୍ଥାନରେ ନିଜ ସୈନ୍ୟ ମାନଙ୍କୁ ଏକତ୍ରିତ କରିଥିଲେ। ହେଲେ ୧୫୧୦ ମସିହାରେ ଯେତେବେଳେ ଯୁଦ୍ଧରେ ଆଦିଲ୍ ଶାହା ପରାଜିତ ହେଲେ ଏବଂ ପର୍ତ୍ତୁଗୀଜ ମାନେ ଗୋଆ ଅଧିକାର କଲେ ସେତେବେଳେ ପର୍ତ୍ତୁଗୀଜ ସେନାର ମୁଖ୍ୟ ଅଲବକରକ୍ୟୁ ଏହି ସ୍ଥାନରେ ଏକ ଚର୍ଚ୍ଚ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଉ ୧୫୧୯ ମସିହା ବେଳକୁ ଏଠାରେ ଏହି ଚର୍ଚ୍ଚ ନିର୍ମାଣ ହୋଇଥିବା କୁହାଯାଏ। ଏତିକି କଥା ବର୍ତ୍ତା ଭିତରେ ଆମେ ପହଞ୍ଚି ସାରିଥିଲୁ ସେହି ଚର୍ଚ୍ଚ ନିକଟରେ। ଗାଡିରୁ ଓହ୍ଲାଇବା ପରେ ଗାଇଡ୍ ସୁମନ୍ ସୂଚନା ଦେଇଥିଲେ ଯେ, ଚର୍ଚ୍ଚ ପାଖରେ ପହଞ୍ଚିବା ପାଇଁ ଦୁଇଟି ରାସ୍ତା ରହିଛି। ଗୋଟିଏ ରାସ୍ତାରେ ଆମକୁ ଚାଲି ଚାଲି ଯିବାକୁ ପଡିବ ଏବଂ ଆଉ ଗୋଟିଏ ରାସ୍ତାରେ ସିଧା ଗାଡିରେ ଯାଇପାରିବ। ସମସ୍ତଙ୍କୁ କହିଲି ଯେ, ଆମେ ଯିବା ସମୟରେ ଚାଲିକି ଯିବା ଆଉ ଆସିବା ସମୟରେ ଗାଡିରେ ଆସିବା ସମସ୍ତେ ରାଜି ହେଲେ ସେଥିରେ, ତା'ପରେ ଆମେ ଚାଲିବା ଆରମ୍ଭ କଲୁ। ଏକ ଛୋଟ ପାହାଡିଆ ସ୍ଥାନ। ପଥରକୁ କଟାଯାଇ ପାହାଚ ଭଳି କରାଯାଇଛି। ରାସ୍ତା ଦୁଇ ପାର୍ଶ୍ୱରେ କିଛି ଗଛ ମଧ୍ୟ ରହିଛି। ଆମେ ଧିରେ ଧିରେ କିଛି ମିନିଟ୍ ଚାଲିବା ପରେ ଯାଇ ପହଞ୍ଚିଥିଲୁ ଚର୍ଚ୍ଚ ନିକଟରେ। ପହଞ୍ଚିବା ପରେ ଅଦ୍ଭୁତ ଦୃଶ୍ୟ ଥିଲା। ଚର୍ଚ୍ଚ ନିକଟରୁ ମାଣ୍ଡବୀ ନଦୀର ଦୃଶ୍ୟ ଖୁବ୍ ମନୋମୁଗ୍ଧକର ଥିଲା। ସତରେ ଇଚ୍ଛା ହେଉଥିଲା ପୁଣି ଇତିହାସକୁ ଫେରିବା ପାଇଁ। ଆଦିଲ୍ ଶାହାଙ୍କ ସୈନବାହିନୀ ଏବଂ ପର୍ତ୍ତୁଗୀଜ ସେନା ଏମାନଙ୍କ ଯୁଦ୍ଧର ମୁକ ସାକ୍ଷୀ ଥିଲା ଏହି ସ୍ଥାନ। ହେଲେ ମୋତେ ମୋ ଗାଇଡ୍ ଚେତାଇ ଦେଲେ ଯେ, ଚର୍ଚ୍ଚ ଏବେ ଖୋଲା ଅଛି ପ୍ରଥମେ ଭିତରକୁ ଯିବା। ଏହାପରେ ଆମେ ଚର୍ଚ୍ଚ ଭିତରକୁ ପ୍ରବେଶ କଲୁ। ଚର୍ଚ୍ଚ ଭିତରେ ରହିଛି ତିନୋଟି ବେଦୀ। ମୁଖ୍ୟ ବେଦୀରେ ବାଳକ ପ୍ରଭୁ ଯୀଶୁଙ୍କୁ ଲେଡି ଅଫ୍ ମାଉଣ୍ଟଙ୍କ ସହ ଦେଖିବାକୁ ପାଇବେ। ଏହାର ଉପର ଭାଗରେ ଭର୍ଜୀନ୍ ମ୍ୟାରିଙ୍କର ପ୍ରତିମୂର୍ତ୍ତୀ ରହିଛି। ଏହାସହ ଅନେକ ସନ୍ଥ ମାନଙ୍କର ମଧ୍ୟ ପ୍ରତିମୂର୍ତ୍ତି ବା ପ୍ରତିଛବି ଦେଖିବାକୁ ପାଇବେ। ଆମେ ଦର୍ଶନ କରି ସାରିବା ପରେ ଚର୍ଚ୍ଚର ବାହାକୁ ଆସିଥିଲୁ। ଏହାର ବାତାବରଣ ଖୁବ୍ ଆନନ୍ଦ ଦାୟକ ଥିଲା। ଗାଇଡ୍ ମୋତେ ସୂଚନା ଦେଲେ ଯେ, ଏହି ଚର୍ଚ୍ଚର ଆଉ ଏକ ବିଶେଷତ୍ୱ ହେଉଛି ଏଠାରେ ଅନେକ ହିନ୍ଦି ସିନେମା ସୁଟିଂ କରାଯାଇଛି। ମୋର ମଧ୍ୟ ଏହି ସ୍ଥାନ ଚଳଚ୍ଚିତ୍ରରେ ଅନେକ ଥର ଦେଖିବା ଭଳିଆ ମନେ ହେଲା। ପ୍ରକୃତରେ ଏପରି ସୌନ୍ଦର୍ଯ୍ୟମୟ ସ୍ଥାନ ତ ଦେଖିଲେ ଯେ କେହି ବି ଏଠାରେ ଘଡିଏ ଅଟକି ଯିବାକୁ ଇଚ୍ଛା କରିବ। ଆଉ ଫିଲ୍ମର ପ୍ରଯୋଜକ ଏବଂ ନିର୍ଦ୍ଦେଶକମାନେ ତ ଏପରି ସ୍ଥାନର ଅନ୍ୱେଷଣରେ ହିଁ ସବୁବେଳେ ଥାନ୍ତି। ତେବେ ଆପଣମାନଙ୍କୁ ଆଉ ଏକ ସୂଚନା ଦେବି ଯେ, ଏଠାରେ ପ୍ରତିବର୍ଷ ଫେବୃଆରୀ ମାସରେ ଏକ ବଡ ସଂଗୀତ ମହୋତ୍ସବ ମଧ୍ୟ ଆୟୋଜିତ ହୋଇଥାଏ। ଯାହାର ନାଁ ହେଉଛି 'ମୋଣ୍ଟେ ମ୍ୟୁଜିକାଲ ଫେଷ୍ଟିଭାଲ'। ଏମିତି ଅନେକ ସୂଚନା ସଂଗ୍ରହ କରିବା ଭିତରେ ସୂର୍ଯ୍ୟାସ୍ତ ପାଖେଇ ଆସୁଥିଲା। ମୋର ଗାଇଡ୍ ମୋତେ ସୂଚନା ଦେଇଥିଲେ ଯେ, ଏହି ସ୍ଥାନରୁ ମାଣ୍ଡବୀ ନଦୀ କୂଳରେ ସୂର୍ଯ୍ୟାସ୍ତର ଦୃଶ୍ୟ ଅତି ସୌନ୍ଦର୍ଯ୍ୟମୟ। ତେଣୁ ଆମେ ସ୍ଥିର କଲୁ ଯେ, ଆମେ କିଛି ସମୟ ଏଠାରେ ରହି ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବା ପାଇଁ। ଆଉ ଶେଷରେ ସେହି ପ୍ରତିକ୍ଷିତ ମୁହୂର୍ତ୍ତ ଆସିଲା। ମାଣ୍ଡବୀ ନଦୀର ଜଳରେ ଅସ୍ତଗାମୀ ସୂର୍ଯ୍ୟଙ୍କ ପ୍ରତିବିମ୍ବ ସତରେ ଶବ୍ଦ ନାହିଁ ବର୍ଣ୍ଣନା କରିବା ପାଇଁ। ପ୍ରକୃତରେ ମାଣ୍ଡବୀ ନଦୀ କୂଳରେ ଏହା ପୂର୍ବରୁ ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବାର ସୌଭାଗ୍ୟ ମୋ ଭାଗ୍ୟରେ ଥରେ ଦୁଇଥର ଆସିଛି କିନ୍ତୁ ଏ ସ୍ଥାନରୁ ଏଭଳି ଦୃଶ୍ୟ ଦେଖିବାର ଅନୁଭବ କିନ୍ତୁ ଥିଲା ନିଆରା। ସେଥିପାଇଁ ତ ମୁଁ କହିଲି ଯେ, ସେ ଦୃଶ୍ୟର ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ। କେବଳ ସେ ସ୍ଥାନକୁ ଗଲେ ହିଁ ଅନୁଭବ କରି ପାରିବେ।

*କ୍ରମଶଃ...*






ଉପସ୍ଥାପନା
ଜାହ୍ନବୀସୁତ





## ଅଶିନ୍ ପୁନି ଯାତ୍ରା ଉଦ୍‌ଯାପିତ

**ସୋନପୁର :** ଜଲୋଏ ଠାରେ ଚାଲିଥିବା ଦେବୀ ମାଁଙ୍କ ପ୍ରସିଦ୍ଧ ଅଶିନ୍ ପୁନି ଯାତ୍ରା ବୁଧୁବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି। ଢୋଲ, ନିଶାନ ଓ ମହୁରୀ ଆଦି ପଙ୍କରମ୍ପଙ୍କରକ୍କ ବାଦ୍ୟ ତଥା ଘଣ୍ଟ ବାଦ୍ୟ ଓ ବାଡି ଖେଳରେ ସ୍ଥାନୀୟ ପରିବେଶ ପବକମ୍ପକ୍ତ ହୋଇଥିଲା। ସାଂସ୍କୃତିକ ମଞ୍ଚରେ ଅର୍କଷ୍ଟା, ଦଣ୍ଡ, ବାଡିନାଚ, କୃଷ୍ଣଗୁରୁ, ଇତ୍ୟାଦି ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ଦିନବନ୍ଧୁ ବଘାର, ନାରାୟଣ ପାତ୍ର, ସୁବାସ ସାହୁଙ୍କ ସହ ସଭାପତି ସଞ୍ଜୟ ବଘାର, ସମ୍ପଦକ ଦିଲିପ ଗୁରୁ, କୋଷାଧକ୍ଷ ଅରବିନ୍ଦ ବଘାର ଓପୂଜକ ବୃନ୍ଦାବନ ବଡପଣ୍ଡା ପରିଚାଳନା କରିଥିବା ବେଳେ ପିତବାସ ଭୋଇ, କିଶନଲାଲ କର୍ମୀ, ଭିମ ସେଠୀ, ଉପେନ୍ଦ୍ର ସାଣ୍ଡ, କର୍ତିକ ସେଠୀ ଙ୍କ ସହ ସମସ୍ତ ସଭ୍ୟ ସହେଯୋଗ କରିଥିଲେ।

# ପାରାଦୀପ ରାଜନୀତିରେ ନୂଆ ସମୀକରଣକୁ ନେଇ ଚର୍ଚ୍ଚା

**ପାରାଦୀପ :** ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପ ନିର୍ବାଚନ ମଣ୍ଡଳି ରାଜନୀତିରେ ଏବେ ଘଡିକେ ଘୋଡା ଛୁଟୁଛି। ବିଶେଷ କରି ବିଧାୟକ ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବାପର ଠାରୁ ପାରାଦୀପରେ ରାଜନୈତିକ ବାତାବରଣ ସବୁବେଳେ ଉଷ୍ମ ରହୁଛି, କେତେବେଳେ କଣ ଘଟୁଛି ତାହା ବୁଝିବା କଷ୍ଟକର। ଦିନକୁ ଦିନ ୩ ମୁଖ୍ୟ ରାଜନୈତିକ ଦଳ ମଧ୍ୟରେ ଭିନ୍ନ ସମୀକରଣ ସୃଷ୍ଟି ହେଉଛି। ତେଣୁ ୨୦୧୯ ସାଧାରଣ ନିର୍ବାଚନରେ କେଉଁ ଦଳ କାହାକୁ ପାର୍ଥୀ କରିବ ତାହା ସ୍ପଷ୍ଟ ହୋଇପାରୁ ନାହିଁ। ବିଜେଡିରୁ ମୁଖ୍ୟତଃ ଏବେ ଏଠାରେ ୩ ଜଣ ଦାବିଦାର ଥିବାବେଳେ କଂଗ୍ରେସର ୨ ଓ ଭାଜପାର ୨ ଜଣ ଲେଖାଏଁ ଅଛନ୍ତି। ଏଭଳି ସ୍ଥିତିରେ ଗୁରୁବାର ଅର୍ଥାତ୍ ମହାନବମୀ ଦିନ କଂଗ୍ରେସ ରାଜନୀତିରେ ହଠାତ୍ ନୂଆ ସମୀକରଣ ଦେଖିବାକୁ ମିଳିଛି। ରାଜ୍ୟସଭାର ଏମ୍ ପି ରଂଜିବ ବିଶ୍ୱାଳ ଦଶହରା ଦେଖିବା ଆଳରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନ ବୁଲିବା ସହିତ ତଥା କଥିତ ବିଜେଡି ଓ କଂଗ୍ରେସର ଛାମୁଆ କର୍ମୀଙ୍କୁ ଭେଟିଛନ୍ତି ଏହାକୁ ନେଇ ଉଭୟ ବିଜେଡି, ବିଜେପି ଓ କଂଗ୍ରେସ ମହଲରେ କମ୍ପନ ସୃଷ୍ଟି ହୋଇଛି। ବିଶେଷ କରି କଂଗ୍ରେସର ପୁରୁଣା ରେକର୍ଡକୁ ଅନୁଧାନ କଲେ କଂଗ୍ରେସରେ ପୂର୍ବ ନିର୍ବାଚନ ପରି ପୁଣି ଆଉଥରେ ସମାନ୍ତରାଳ ଲଢେଇ ଆରମ୍ଭ ହୋଇଯାଇଛି। ରଂଜିବ ବିଶ୍ୱାଳ ପାରାଦ୍ୱୀପରେ ବୁଲିବା ସମୟରେ ଦଳର ଆଶାୟୀ ପାର୍ଥୀ ତଥା ୨୦୧୪ ନିର୍ବାଚନ ପାର୍ଥୀ ଅରିନ୍ଦମ୍ ସର୍ଖେଲ୍ ତାଙ୍କ ପାଖରେ ନଥିଲେ। ଏପରିକି ରଂଜିବ୍ କେତେଜଣ ସମର୍ଥକ ଖୋଲା ଖୋଲି ସ୍ୱୀକାର କଲେଣି ଯେ ରଂଜିବ ବିଶ୍ୱାଳ ହିଁ ୨୦୧୯ ପାଇଁ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସର ପାର୍ଥୀ ହେବେ ଉକ୍ତ ଘଟଣାରୁ ଜଣାଯାଏ ଯେ କଂଗ୍ରେସ ଦଳରେ ଏବେ ବି ଫାଟ ଲୋକ ଲୋଚନକୁ ଆସିଛି ଅର୍ଥାତ୍ ୨୦୦୯ ନିର୍ବାଚନରେ ସେତେବେଳର କଂଗ୍ରେସ ନେତା ରମେଶ ଚନ୍ଦ୍ର ସାମନ୍ତରାୟ କଂଗ୍ରେସର ପାର୍ଥୀ ହେବାକୁ ପ୍ରମୁଖ ଦାବିଦାର ଥିଲେ କିନ୍ତୁ ସେତେବେଳେ ଦଳ ତାଙ୍କୁ ଅଣଦେଖା କରି ପ୍ରମୋଦ କୁମାର ଜେନାଙ୍କୁ ଦଳୀୟ ଟିକେଟ୍ ଦେଇଥିଲା ଫଳରେ କଂଗ୍ରେସ ପାର୍ଥୀ ଜେନା ମାତ୍ର ୧୨ ହଜାର ଭୋଟ ପାଇ ଅମାନତ ହରାଇ ଥିଲେ ଏବଂ ଶ୍ରୀଯୁକ୍ତ ରମେଶ ସାମନ୍ତରାୟ ସ୍ୱାଧୀନ ଭାବେ ପାର୍ଥୀ ହୋଇ ଦ୍ୱିତୀୟ ସର୍ବାଧିକ ୩୨ ହଜାରରୁ ଉର୍ଦ୍ଧ ଭୋଟ୍ ପାଇଥିଲେ ସେହିପରି ୨୦୧୪ ନିର୍ବାଚନ ବେଳକୁ ପ୍ରମୋଦ ସଂଗଠନ ସଜାଡି ପ୍ରମୁଖ ଦାବିଦାର ଥିଲେ କିନ୍ତୁ ଠିକ୍ ପାର୍ଥୀ ପତ୍ର ଦାଖଲ ଦିନ ଦଳ ପ୍ରମୋଦଙ୍କୁ ଅଣଦେଖାରେ ସର୍ଖେଲଙ୍କୁ ଟିକେଟ୍ ଦେଇଥିଲା ଏବଂ ଉକ୍ତ ନିର୍ବାଚନରେ ସର୍ଖେଲ ଆନୁମାନିକ ପ୍ରାୟ ୪୭ ହଜାର ଭୋଟ୍ ପାଇ ବିଜେଡିକୁ କଡା ଟକ୍କର ଦେଇଥିଲେ ସେହିଭଳି ୨୦୧୯ ନିର୍ବାଚନ ପାଇଁ ସର୍ଖେଲ ୫ ବର୍ଷ ହେଲା କଂଗ୍ରେସ ଦଳକୁ ସୁଦୃଢ କରିବାକୁ ଉଦ୍ୟମ ଚଳାଇଛନ୍ତି ଏବଂ ବିରାଡି କପାଳକୁ ଶିକା ଛିଣ୍ଡିବା ନ୍ୟାୟରେ ବିଜେଡିରୁ ଦାମ ବହିଷ୍କୃତ ହେବା ପରେ ସର୍ଖେଲ କଂଗ୍ରେସରୁ ପାର୍ଥୀ ହୋଇ ନିର୍ବାଚନରେ ବିଜୟୀ ହେବେ ବୋଲି ମନେ ମନେ ଆଶା ବାନ୍ଧୁଛନ୍ତି ହେଲେ ଏଭଳି ସ୍ଥିତିରେ ରଞ୍ଜିବଙ୍କ ପାରାଦ୍ୱୀପ ଗ୍ରସ୍ଥ ଭିନ୍ନ ଏକ ବାତାବରଣ ସୃଷ୍ଟି କରୁଛି। ରଂଜିବ ଓ ଚିରଞ୍ଜିବଙ୍କ ସହ ସର୍ଖେଲଙ୍କ ସମ୍ପର୍କ ସାପ-ନେଉଳ ଭଳି ବୋଲି ସାଧାରଣରେ ଚର୍ଚ୍ଚା ହୁଏ। ଅନ୍ୟ ପଟରେ ରଞ୍ଜିବ ପୂଜା ମଣ୍ଡପ ବୁଲି ଶାରଦୀୟ ଅଭିନନ୍ଦନ ଆଳରେ ପାରାଦ୍ୱୀପର ବିଜେଡି ସଂଗଠନ ରମେଶ ସାମନ୍ତରାୟ ଓ ଅନ୍ୟତମ ବରିଷ୍ଠ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ଭେଟିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଗତ ୧୭ ତାରିଖ ଦିନ ସର୍ଖେଲଙ୍କ ନେତୃତ୍ୱରେ ଅନେକ ବିଜେଡି କର୍ମୀ କଂଗ୍ରେସରେ ମିଶିଥିଲେ କିନ୍ତୁ ହଠାତ୍ ତାପର ଦିନ ଅର୍ଥାତ୍ ୧୮ ତାରିଖ ଦିନ ରଞ୍ଜୀବ ପାରାଦ୍ୱୀପ ଗ୍ରସ୍ତ କରି ସର୍ଖେଲଙ୍କୁ ଗୁଗ୍‌ଲି ଛାଡିଛନ୍ତି ଉକ୍ତ ଅବସରରେ ସେ ପ୍ରମୋଦଙ୍କ ଘରେ ଖାଇଥିଲେ ପୂଜା ମଣ୍ଡପ ବୁଲିବା ବାହାନାରେ ବିଭିନ୍ନ ସଂଗଠନ ସହ ମିଶିଥିଲେ ତେଣୁ ରଂଜିବଙ୍କ ଏଭଳି ଗୁଗ୍‌ଲି ଆଗାମୀ ଦିନରେ କି ରୂପ ନେଉଛି ତାହା ଦେଖିବାକୁ ରହିବ ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି।

# ଖୁଚୁରା ପାଇଁ ଲୋକେ କଲବଲ



**ସୋନପୁର :** ବଜାରରେ ଦୋକାନୀମାନେ ଖୁଚୁରା ଟଙ୍କା ଗ୍ରହଣ କରୁ ନ ଥିବାରୁ ମୁଦ୍ରା ଅଚଳ ଭଳି ସ୍ଥିତି ସୃଷ୍ଟି ହେଲାଣି। କେବଳ ଦୋକାନୀ ନୁହନ୍ତି ବ୍ୟାଙ୍କ ମଧ୍ୟ ଖୁଚୁରା ମୁଦ୍ରା ଗ୍ରହଣ କରୁନାହିଁ। ଫଳରେ ଲୋକେ କଲବଲ ହେଉଛନ୍ତି। ତଥାପି ସରକାର କିମ୍ବା ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏବେ ଗ୍ରାମାଞ୍ଚଳରେ ଦୋକାନୀମାନେ ଗ୍ରାହକଙ୍କ ଠାରୁ ୧ଟଙ୍କିଆ, ୨ଟଙ୍କିଆ, ୫ ଟଙ୍କିଆ ଏବଂ ୧୦ ଟଙ୍କିଆ ମୁଦ୍ରା ନେବାକୁ ରୋକ୍‌ଠୋକ୍ ମନା କରିଦେଉଛନ୍ତି। ହୋଲସେଲର୍ ମାନେ ଖୁଚୁରା ମୁଦ୍ରା ନେଉ ନ ଥିବାରୁ ଗ୍ରାହକଙ୍କ ଠାରୁ ଖୁଚୁରା ନେବାକୁ ମନା କରୁଛୁ ବୋଲି ଦୋକାନୀମାନେ ସଫେଇ ଦେଉଛନ୍ତି। ଏହକୁନେଇ ଅନେକ ସ୍ଥାନରେ ଗ୍ରାହକ ଏବଂ ଦୋକାନୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେଉଥିବା ନିତିଦିନିଆ ଘଟଣା ହେଲାଣି। ସରକାରୀସ୍ତରରେ ଏହି ଖୁଚୁରାମୁଦ୍ରା ସବୁ ଅଚଳ ହୋଇଥିବା ନେଇ କୌଣସି ସୂଚନା ନ ଥିବା ବେଳେ ମନମୁଖୀ ଭାବେ ମୁଦ୍ରା ନ ଚଳିବା ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟୁଛି। ସାଧାରଣତଃ ଗରିବ, ନିମ୍ନ ମଧ୍ୟବିତ୍ତ ବର୍ଗର ଲୋକେ ଦୈନନ୍ଦିନ ଆବଶ୍ୟକତା ଅନୁସାରେ କ୍ରୟ କରିଥାନ୍ତି। ହେଲେ ଏବେ ସ୍ଥିତି ଏମିତି ହୋଇଛି ଯେ, ଟଙ୍କିକିଆ ଜିନିଷ ପାଇଁ ୧୦ଟଙ୍କା ବ୍ୟୟ କରିବାକୁ ପଡୁଛି। କାଁ ଭାଁ ୫ ଏବଂ ୧୦ ଟଙ୍କିଆ ମୁଦ୍ରା କାରବାର ଚାଲୁଛି କିନ୍ତୁ ୧ଟଙ୍କିଆ ଏବଂ ଦୁଇଟଙ୍କିଆ ମୁଦ୍ରା ଦେଖିଲେ ଦୋକାନୀ ନାକ ଟେକୁଛନ୍ତି। ଏହି କୃତ୍ରିମ ଅଚଳାବସ୍ଥାର ସୁଯୋଗ ନେଇ କେତେକ ଅସାଧୁ ବ୍ୟବସାୟୀ ୧୦୦ ଟଙ୍କା ଖୁଚୁରା ରଖିଲେ ୮୦ ଟଙ୍କାର ନୋଟ୍ ଦେଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ପରିସ୍ଥିତିରେ ପଡି ଲୋକେ ବାଧ୍ୟହୋଇ ଏଭଳି ଶୋଷଣର ଶିକାର ହେଉଛନ୍ତି। ଖୁଚୁରାର ଏହି କୃତ୍ରିମ ଅଚଳାବସ୍ଥା ନେଇ ଏକାଧିକ ଥର ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲେ ହେଁ ଏହାକୁ ଦୂର କରିବା ପାଇଁ ସରକାର କିମ୍ବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କାହିଁକି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। କୃତ୍ରିମ ଭାବେ ମୁଦ୍ରା ଅଚଳୀକରଣ ସମାନ୍ତରାଳ ଶାସନର ପରିଚାୟକ ଛଡ଼ା ଆଉ କିଛି ନୁହେଁ ବୋଲି ସଚେତନ ନାଗରିକମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି।

## ସାଇ ହୋଣ୍ଡା ଶୋ' ରୁମରେ ଶ୍ରମିକ ଅଶାନ୍ତି

**ଖୋର୍ଦ୍ଧା :** ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ସାଇ ହୋଣ୍ଡା ଶୋରୁମରେ ଶ୍ରମିକ ଅଶାନ୍ତି ଦେଖା ଦେଇଛି। ଏହି ଶୋରୁମରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଦୀର୍ଘ ୫ମାସରୁ ଉର୍ଦ୍ଧ୍ୱ ସମୟ ଧରି ଦରମା ନ ପାଇ ଭୋକ ଉପାସରେ ନିଜର ପରିବାର ସହ ଦିନ କାଟୁଥିବା ବେଳେ ଶୋରୁମର ମାଲିକ ନିଜର କର୍ମଚାରୀମାନଙ୍କୁ ଦରମା ନ ଦେଇ ହଠାତ୍ ଶୋରୁମଟିକୁ ବନ୍ଦ କରିଦେଇଛନ୍ତି। ବିଧାୟକ ହେବାର ନିଶାରେ ଶୋରୁମଟିକୁ ବୁଡ଼ାଇ ଦେଇଥିବା ବେଳେ ଏଠାରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଦରମା ଗଣ୍ଡାକ ନ ପାଇ ଭୋକ ଉପାସରେ ରହି ଜୀବନ ବିତାଉଛନ୍ତି। ଏହି ଶୋରୁମରୁ ଗାଡ଼ି କିଣି ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି ଅନେକ ଗ୍ରାହକ। ଫଳରେ ଏକ ଅସନ୍ତୋଷର ବାତାବରଣ ଦେଖା ଦେଇଛି। ସଂସ୍ଥାର ମାଲିକଙ୍କ ସହିତ ଫୋନ୍ ମାଧ୍ୟମରେ ଯୋଗା ଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥିଲେ। ଏହି ଘଟଣା ସମ୍ପର୍କରେ ହୋଣ୍ଡା କମ୍ପାନୀ ଦୃଷ୍ଟି ଦେବା ସହ ଶ୍ରମ ବିଭାଗ ହସ୍ତକ୍ଷେପ କରିବାକୁ ଦାବୀ ହେଉଛି। ନଚେତ୍ ଆଗାମୀ ଦିନରେ ନିଜର ପ୍ରାପ୍ୟ ପାଇବା ପାଇଁ ଖୋର୍ଦ୍ଧା ସହକାରୀ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଏହି ଶୋରୁମରେ କାର୍ଯ୍ୟ କରୁଥିବା କେତେକ କର୍ମଚାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ରାଜନୀତିର ପଶାପାଲିରେ ଏବଂ ନୟାଗଡ଼ର ବିଧାୟକ ହେବାର ଆଶାରେ ସାଇହୋଣ୍ଡା ଶୋରୁମଟିକୁ ଏହାର ମାଲିକ ବାଜି ଲଗାଇ ଦେଇଥିବା ନେଇ ସହର ସାରା ଚର୍ଚ୍ଚା ହେଉଛି।




# ହବିଷ୍ୟାଳୀ ଶାନ୍ତିରେ ବ୍ରତ କରନ୍ତୁ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ହବିଷ୍ୟାଳୀ ଯୋଜନାର ତୃତୀୟ ବର୍ଷରେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଚଳିତବର୍ଷର କାର୍ତ୍ତିକ ହବିଷ୍ୟାଳୀ ବ୍ରତର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପୁରୀଠାରେ ସମବେତ ହବିଷ୍ୟାଳୀ ମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ହବିଷ୍ୟାଳୀଙ୍କ ପାଇଁ ପୁରୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା କରଯାଇଛି। ସେମାନଙ୍କ ରହଣି, ମହାପ୍ରଭୁଙ୍କୁ ଦର୍ଶନ ଓ ମହାପ୍ରସାଦ ସେବନ ଆଦିର ସୁବନ୍ଦୋବସ୍ତ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ସେମାନଙ୍କ ଯତ୍ନ ନିଆଯାଉଛି। ସବୁ ଭଲ କାମ ସହିତ ମହାପ୍ରଭୁଙ୍କ ଆଶୀର୍ବାଦ ରହିଛି। ତେଣୁ ସମସ୍ତ ହବିଷ୍ୟାଳୀ ଶାନ୍ତିରେ ବ୍ରତ କରନ୍ତୁ ଓ ପୁଣ୍ୟ ଲାଭ କରନ୍ତୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସୂଚନା ଅନୁଯାୟୀ ଚଳିତବର୍ଷ ୨୬୦୦ ହବିଷ୍ୟାଳି ବ୍ରତ ପାଇଁ ପୁରୀ ଆସିଛନ୍ତି। ୪ଟି ସ୍ଥାନରେ ସେମାନଙ୍କ ପାଇଁ ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇଛି। ଜଗନ୍ନାଥ ବଲ୍ଲଭ ଆଶ୍ରୟ ସ୍ଥଳୀରେ ଗଞ୍ଜାମ, ମୋଚିସାହି କଲ୍ୟାଣମଣ୍ଡପରେ ଖୋର୍ଦ୍ଧା ଏବଂ ରେଳବାଇ କଲ୍ୟାଣମଣ୍ଡପ ଓ ଟୁରିଷ୍ଟ କମ୍ପ୍ଲେକ୍ସରେ ପୁରୀ ସହିତ ଅନ୍ୟ ଜିଲ୍ଲାର ହବିଷ୍ୟାଳୀମାନେ ରହୁଛନ୍ତି। ହବିଷ୍ୟାଳୀମାନଙ୍କ ପାଇଁ ରହିବା ସହ ମହାପ୍ରସାଦ ଖାଇବା ଏବଂ ବିଭିନ୍ନ ପୂଜା ସାମଗ୍ରୀର ବ୍ୟବସ୍ଥା ବି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଦମକଳ ବାହିନୀ, ପୋଲିସ ଏବଂ ସ୍ୱାସ୍ଥ୍ୟ ପାଇଁ ୨୪ ଘଣ୍ଟିଆ ଡାକ୍ତର ଏବଂ ଆମ୍ବୁଲାନ୍ସର ବ୍ୟବସ୍ଥା ହୋଇଛି। ସଚିବାଳୟରେ ଏହି କାର୍ଯ୍ୟକ୍ରମରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ଉପସ୍ଥିତ ଥିଲେ। ପୁରୀରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପ୍ରଦୀପ ମହାରଥୀଙ୍କ ସହିତ ଜିଲ୍ଲାପାଳ ଉପସ୍ଥିତ ଥିଲେ।

# ଇତିହାସ ରିଚିଲେ ବିରାଟ



**ନୂଆଦିଲ୍ଲୀ :** ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଗୋଟିକ ପରେ ଗୋଟିଏ ରେକର୍ଡ ଅତିକ୍ରମ କରିବାରେ ଲାଗିଛନ୍ତି। ବୁଧବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ବିରାଟ ବିଶ୍ୱର ୧୩ଶ ଏବଂ ଭାରତର ୫ମ ବ୍ୟାଟ୍ସମ୍ୟାନଭାବେ ୧୦,୦୦୦ ରନ ପୂରଣ କରିଛନ୍ତି। ଦିନିକିଆ କ୍ରିକେଟର ଏହି ମ୍ୟାଜିକ୍ ଫିଗର ପୂରଣ ଲାଗି ସଚିନ ତେନ୍ଦୁଲକର ୨୫୯ଟି ଇନିଂସର ସହାୟତା ନେଇଥିଲାବେଳେ ବିରାଟ ୨୦୫ଟି ଇନିଂସରେ ଏହା ପୂରଣ କରି ନିଜ ଆଦର୍ଶ ଖେଳାଳି ସଚିନଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି। ୨୦୦୧ ମାର୍ଚ୍ଚ ୩୧ରେ ସଚିନଙ୍କୁ ୨୭ ବର୍ଷ ହୋଇଥିଲାବେଳେ ଅଷ୍ଟ୍ରେଲିଆ ବିପକ୍ଷ ଇନ୍ଦୋର ମ୍ୟାଚରେ ଏହି ସଫଳତା ପାଇଥିଲେ। କିନ୍ତୁ ଭାରତୀୟ ଅଧିନାୟକ ବିରାଟ ୨୯ ବର୍ଷ ବୟସରେ ଏହି ରେକର୍ଡ ଭାଙ୍ଗିଛନ୍ତି। ୧୦,୦୦୦ ରନ୍ କ୍ଲବ୍‌ରେ ସାମିଲ ହୋଇଥିବା ଭାରତୀୟ ଖେଳାଳି ହେଲେ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି, ରାହୁଲ ଦ୍ରାବିଡ୍ ଏବଂ ମହେନ୍ଦ୍ର ସିଂ ଧୋନି।

# ୪ ପ୍ରକଳ୍ପକୁ ମଞ୍ଜୁରୀ



**ଭୁବନେଶ୍ୱର :** ରାଜ୍ୟରେ ନିଯୁକ୍ତି ସୃଷ୍ଟି କରିବା ପାଇଁ ୩୪୦ କୋଟି ଟଙ୍କାର ୪ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଗୁରୁବାର ରାଜ୍ୟ ସଚିବାଳୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବସିଥିବା ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ପ୍ରାଧିକାରୀ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟରେ ୧୩୫୪ ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକ୍ରିୟାରେ ପର୍ଯ୍ୟଟନ, ପରିବହନ ଓ ଖଣିଜ ଶିଳ୍ପ ଆଧାରିତ ୪ଟି ଶିଳ୍ପକୁ ମଞ୍ଜୁରୀ ଦିଆଯାଇଛି। ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡିକୁ ଆବଶ୍ୟକ ଜମି ଓ ଜଳ ଯୋଗାଣ ସୁବିଧା ଉପଲବ୍ଧ କରାଇବା ପାଇଁ ସମ୍ପୃକ୍ତ ବିଭାଗକୁ ଶ୍ରୀ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ସାରିବାକୁ ସିଙ୍ଗିଲ୍ ୱିଣ୍ଡୋ ଅଥରିଟିକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷକୁ ୧ ଲକ୍ଷ ୮୦ ହଜାର ଟନ୍ ଷ୍ଟିଲ ପାଇପ୍ ଉତ୍ପାଦନ ନିମନ୍ତେ ଯାଜପୁର ଜିଲ୍ଲା କଳିଙ୍ଗନଗର ଇଣ୍ଡଷ୍ଟ୍ରିଆଲ କରିଡରରେ ଦିଲ୍ଲୀ ସ୍ଥିତ ଏକ କମ୍ପାନୀ ୧୩୦ କୋଟି ପୁଞ୍ଜି ନିବେଶ କରିବ। ଏହା ଦ୍ୱାରା ୬୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

# ଲୋକାୟୁକ୍ତ ନିଯୁକ୍ତି ନହେବା ପଛରେ ମାଷ୍ଟର ମାଇଣ୍ଡ୍ : କଂଗ୍ରେସ



**ଭୁବନେଶ୍ୱର :** ଓଡିଶାରେ ଲୋକାୟୁକ୍ତ ଗଠନ ଓ ନିଯୁକ୍ତିରେ ଅହେତୁକ ବିଳମ୍ବ ପଛର ମାଷ୍ଟର ମାଇଣ୍ଡ୍ ହେଉଛନ୍ତି ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକଯୁକ୍ତ ଆଇନ୍‌କୁ ନିର୍ବାଚନୀ ଫାଇଦା ପାଇଁ ନବୀନ ବାବୁଙ୍କ ସରକାର ବ୍ୟବହାର କରୁଛି ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ ଅଣାଯାଇଛି। ଗତ ନିର୍ବାଚନ କେଇମାସ ପୂର୍ବରୁ ଓଡିଶାବାସୀଙ୍କ ପାଖରେ ନିଜର ଭାବମୂର୍ତ୍ତିକୁ ତିଆରି କରିବା ପାଇଁ ୫ ଫେବୃୟାରୀ ୨୦୧୪ରେ ନବୀନ ବାବୁଙ୍କ ଅଧକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଲୋକାୟୁକ୍ତ ଗଠନ ପାଇଁ ଏକ ନୂତନ ଅଧିନିୟମ ପ୍ରଣୟନ କରିବା ନିମିତ ପ୍ରସ୍ତାବକୁ ଅନୁମୋଦନ କଲେ। ତା'ପରେ ଓଡିଶା ଲୋକାୟୁକ୍ତ ବିଲ୍ – ୨୦୧୪କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଗଲା। ୧୬ ଜାନୁୟାରୀ ୨୦୧୫ ରେ ମାନ୍ୟବର ରାଷ୍ଟ୍ରପତି ଏହି ବିଲ୍‌କୁ ଅନୁମୋଦନ କଲେ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଶା କରାଯାଉଥିଲା ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅନୁମୋଦନ କରିବେ। କିନ୍ତୁ ଆଶ୍ଚର୍ଯ୍ୟର କଥା ଆଇନ୍ ବିଭାଗ ପରେ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖି ଲୋକାୟୁକ୍ତ ବିଲ୍ ଫାଇଲ୍‌କୁ ମୁଖ୍ୟମନ୍ତ୍ରୀଙ୍କ ବିଭାଗ ନିଜ ପାଖକୁ ନେଇଗଲା। ଆହୁରି ଗୁରୁତ୍ୱର ଅଭିଯୋଗ ହେଲା ଜାନୁଆରୀ ୨୦୧୫ ରୁ ମଇ ୨୦୧୮ ପର୍ଯ୍ୟନ୍ତ ପ୍ରାୟ ୪ ମାସ ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ନବୀନ ବାବୁଙ୍କ ଦପ୍ତର ଏ ଫାଇଲ୍‌କୁ ନିଜ ପାଖରେ ରଖିଲେ। ଆଗକୁ ଯେହେତୁ ସାଧାରଣ ନିର୍ବାଚନ, ସେପଟେ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ତାଗିଦ୍‌କୁ ଦେଖି ତରବରିଆ ଭାବେ ୨୩ ଜୁନ୍ ୨୦୧୮ ରେ ବିଲ୍‌ର ବ୍ୟବସ୍ଥା ଅନୁଯାୟୀ ତାକୁ ଗେଜେଟ୍‌ରେ ପ୍ରକାଶ କରାଗଲା ଏବଂ ୭ ଜୁଲାଇ ୨୦୧୮ ରୁ ଏହା କାର୍ଯ୍ୟକାରୀ ହେଲା ବୋଲି କୁହାଗଲା। ଏଥିସହିତ ଲୋକପାଳ ନିଯୁକ୍ତି ପାଇଁ ଉପର ଠାଉରିଆ ଭାବେ ଏକ ସର୍ଚ୍ଚ କମିଟି ଗଠନ କରାଗଲା। ଯାହାର ଅବଧି ଥିଲା ୩ ମାସ। ୩ ମାସ ମଧ୍ୟରେ କିଛି ନକରି ରାଜ୍ୟ ସରକାର ଚୁପ୍ ବସିପଡିଲେ। ଏବେ ଆଉ ୩ ମାସ ଅଧିକ ସମୟ ଆବଶ୍ୟକତା ଅଛି ବୋଲି କହି ସୁପ୍ରିମ୍‌କୋର୍ଟଙ୍କ ଠାରୁ ମହଲତ ମାଗିଲେ। ଯାହାକୁ ମାନ୍ୟବର ଅଦାଲତ ଅଗ୍ରାହ୍ୟ କରିବା ସହ ରାଜ୍ୟ ସରକାରଙ୍କ ମତିଗତିକୁ ଭର୍ତ୍ସନା କରିଛନ୍ତି। ଲୋକପାଳ ଗଠନକୁ ବିଳମ୍ବ କରିବା ଏବଂ ନିଯୁକ୍ତିରେ ଟାଳଟୁଳ ନୀତି ଆପଣେଇବ। ପଛର ମାଷ୍ଟର ମାଇଣ୍ଡ୍ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ସତ୍ୟ ପ୍ରକାଶ ନାୟକ ଅଭିଯୋଗ ଆଣିଛନ୍ତି। ଏଥିସହିତ ୩ ବର୍ଷ ୪ ମାସ ଧରି ଫାଇଲ୍‌କୁ ଯେଉଁଭଳି ଭାବେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର କାହିଁକି ଚାପି ରଖିଲେ ଓଡିଶାବାସୀଙ୍କ ସମ୍ମୁଖରେ ତାହାର ଜବାବ ରଖନ୍ତୁ ବୋଲି ଶ୍ରୀ ନାୟକ ଅଭିଯୋଗ କରିଛନ୍ତି।

## ରାଜ୍ୟର ଆବେଦନ ଖାରଜ

**ଭୁବନେଶ୍ୱର :** ଓଡ଼ିଶାରେ ଲୋକାୟୁକ୍ତ ନିଯୁକ୍ତି ପାଇଁ ଆହୁରି ସମୟ ଦରକାର ବୋଲି କହିଛନ୍ତି ସରକାର। ଏନେଇ ସୁପ୍ରିମ୍‌କୋର୍ଟଙ୍କ ପାଖରେ ତିନିମାସ ଅଧିକ ସମୟ ମାଗିଛନ୍ତି। ହେଲେ କୋର୍ଟ ନିର୍ଦ୍ଦିଷ୍ଟ ତାରିଖ ଦର୍ଶାଇବାକୁ କହି ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ବୁଧବାର ଏହି ମାମଲାର ଶୁଣାଣି କରି କୋର୍ଟ ମୁଖ୍ୟ ସଚିବଙ୍କୁ ଏ ବାବଦରେ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ ଫେବୃୟାରୀ ୧୪ରେ ରାଜ୍ୟ ଲୋକାୟୁକ୍ତ ନିଯୁକ୍ତି ଆଇନକୁ ବିଧାନସଭାରେ ପାରିତ କରି ଦେଶରେ ଚହଳ ସୃଷ୍ଟି କରିଥିବା ରାଜ୍ୟ ସରକାର ଏବେ ନିର୍ବାଚନ ପୂର୍ବରୁ ଲୋକାୟୁକ୍ତ ନିଯୁକ୍ତି ନକରି ଆଇନଗତ ଯୁଦ୍ଧ ଲଢ଼ିବା ଆରମ୍ଭ କରିଛନ୍ତି। ପୂର୍ବରୁ ଏପ୍ରିଲ୍ ୧୯ରେ ସୁପ୍ରିମ୍‌କୋର୍ଟଙ୍କ ପାଖରେ ରାଜ୍ୟ ସରକାର ଅନୁରୂପ ଏକ ଆବେଦନ ଦାଖଲ କରିଥିଲେ। ଏଥିରେ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ପାଇଁ ୬ ମାସ ସମୟ ମଗାଯାଇଥିଲା। ଅର୍ଥାତ୍ ସେପ୍ଟେମ୍ବର ଶେଷ ସୁଦ୍ଧା ପ୍ରକ୍ରିୟା ଶେଷ ହେବା କଥା। କିନ୍ତୁ ସେତେବେଳେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ଯେମିତି ଆହୁରି ବିଳମ୍ବ ନକରିବ ସେଥିଲାଗି କୋର୍ଟ ଜୁଲାଇ ୧୦ ତାରିଖକୁ ଶେଷ ସମୟ ଭାବରେ ଧାର୍ଯ୍ୟ କରି ଏହି ସମୟ ଭିତରେ କି ପଦକ୍ଷେପ ନିଆଯାଇଛି ତାହା ଦର୍ଶାଇବାକୁ କହିଥିଲେ। କିନ୍ତୁ ରାଜ୍ୟ ସରକାର କୋର୍ଟଙ୍କ ନିର୍ଦ୍ଦେଶର ବିପରୀତରେ କାର୍ଯ୍ୟ କରି ମାମଲାକୁ ଆହୁରି ବିଳମ୍ବ କରିଚାଲିଲେ। ଦାଖଲ ହୋଇଥିବା ସତ୍ୟପାଠକୁ ଅନୁଧ୍ୟାନ କରି ଅକ୍ଟୋବର ୧୦ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଲେ। ହେଲେ ତାହା ସରକାର ପାଳନ କରିପାରିଲେ ନାହିଁ। ସୁପ୍ରିମ୍‌କୋର୍ଟଙ୍କ ଆଦେଶକୁ ଶୀତଳ ଭଣ୍ଡାରରେ ରଖିଥିବା ରାଜ୍ୟ ସରକାରଙ୍କ ଏ ବିଷୟରେ ଅକ୍ଟୋବର ୭ ତାରିଖରେ ହଠାତ୍ ମନେ ପଡ଼ିଲା। ଏଣୁ ଲୋକାୟୁକ୍ତ ଚୟନ ପାଇଁ ଆବଶ୍ୟକ ଚୟନ କମିଟି ଗଠନ ପ୍ରକ୍ରିୟା ଶେଷ କରିବାକୁ ଚାହିଁଲେ। ଏନେଇ ଏକ ତୁରନ୍ତ ବୈଠକ ଡାକି ପଞ୍ଚମ ସଦସ୍ୟଙ୍କୁ ଚୟନ କରାଯାଇଛି ବୋଲି କୁହାଗଲା। କିନ୍ତୁ ୫ମ ସଦସ୍ୟଙ୍କ ନାମ ରାଜ୍ୟପାଳଙ୍କ ପାଖକୁ ପଠାଯାଇଥିବା ବିରୋଧୀଦଳ ନେତା କହିଥିଲେ ମଧ୍ୟ ଏଯାଏ ସେହି ନାଁ ଲୋକଲୋଚନକୁ ଆସିପାରି ନାହିଁ।

# ମଣ୍ଡପରେ ମା' ମହାଲକ୍ଷ୍ମୀ; ଝଲସୁଛି କେନ୍ଦ୍ରାପଡ଼ା





**କେନ୍ଦ୍ରାପଡା :** ଆସିଛି ପବିତ୍ର ଗଜଲକ୍ଷ୍ମୀ ପୂଜା। ଏଥିପାଇଁ କେନ୍ଦ୍ରାପଡ଼ା ସହର ବେଶ ଚଳଞ୍ଚଳ ହୋଇଉଠିଛି। ସାରା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା କେନ୍ଦ୍ରାପଡ଼ାର ଏହି ଗଣ ପର୍ବ ଖୁବ ଚର୍ଚ୍ଚା ଥିବାର ଜଣାଯାଏ। ହେଲେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଖୁବ ଚିତାକର୍ଷକ ହେବାର ଜଣାପଡ଼ିଛି। ଗତ ତା୨୪ରିଖରେ ଆରମ୍ଭ ହୋଇଥିବା ଏହି ପୂଜାରେ ସହରର ବିଭିନ୍ନ ଗଳିକନ୍ଦି ଓ ଛକ ସମେତ ପ୍ରାୟ ୭୦ରୁ ଉର୍ଦ୍ଧ ପୂଜା ମଣ୍ଡପରେ ବିଭିନ୍ନ ଦେବାଦେବୀଙ୍କ ସହ ମା' ଲକ୍ଷ୍ମୀ ଶୋଭାମଣ୍ଡନ କରିଛନ୍ତି। ଏଥି ନିମନ୍ତେ ପ୍ରତ୍ୟେକ ପୂଜାକମିଟିର କର୍ମକର୍ତ୍ତା ଗଣ ଯୋରଦାର ଭାବେ ଲାଗିପଡ଼ିଛନ୍ତି। ବିଭିନ୍ନ ମେଢରେ ନିଆରା ନିଆରା ଢଙ୍ଗରେ ତୋରଣ ହେବା ସହ, ଆଖି ଦୃଷିଆ ଆଲୋକମାଳା ଏବଂ ଆଲୋକ ତୋରଣରେ ଝଲସୁଛି ସହର। ସେହିପରି କିଛି ମଣ୍ଡପରେ ନାମିଦାମୀ ମେଲୋଡ଼ି ପାର୍ଟି ପରିବେଷଣ କରୁଥିବା ବେଳେ ଆଉକିଛି ସ୍ଥାନରେ ଭଜନ ସମାରୋହ ଦେଖିବାକୁ ମିଳିଛି। ତେବେ ଆସନ୍ତା ତା୩୧ ଓ ୧ରିଖରେ ହେବାକୁ ଥିବା ମେଳନ ଖୁବ୍ ଜୋରଦାର ହେବ। ଚଳିତ ବର୍ଷ ଚାରୋଟି ଚାନ୍ଦିମେଢ ଉକ୍ତ ମେଳନରେ ଶୋଭାପାଇବ। ଏହାକୁ ରଂଗୀନ କରିବା ଲାଗି ଜିଲା ତଥା ରାଜ୍ୟ ବାହାରୁ ନାମକରା ବାଜାପାର୍ଟି ଯୋଗଦେବା ସହିତ ଶୋଭାଯାତ୍ରରେ ନିଆରା ହେବାଲାଗି ଆହୁରି କ'ଣ ନୂଆ ଜିନିଷ ଖଞ୍ଜି ହେବ ସେଥିଲାଗି ବିଭନ୍ନ ପୂଜାକମିଟିର କର୍ମକର୍ତ୍ତାମାନେ ପ୍ରୟାସ ଜାରିରଖିଛନ୍ତି। କେନ୍ଦ୍ରାପଡ଼ାରେ ସର୍ବପ୍ରଥମ କୁହାଯାଉଥିବା ବା ଖଡିଅଙ୍ଗର ଆଂଶିକ ଚାନ୍ଦିମେଢ ସହ ଚଳିତ ବର୍ଷର ତିନୋଟି ଚାନ୍ଦିମେଢ ଦେଖିବାକୁ ମିଳିଛି ପୂଜାମଣ୍ଡପରେ, ତଥା କାକଟ ମଙ୍ଗଳା, ବିମ୍ବଳାଇ ଓ ଗଙ୍ଗାଭାଗୀରଥ ପୂଜା କମିଟିରେ ଚାନ୍ଦିମେଢ ହେବ ବୋଲି ଜାଣିବାକୁ ମିଳିଛି। କଟକରେ ପ୍ରସ୍ତୁତ ହୋଇଥିବା ଉକ୍ତ ଚାନ୍ଦିମେଢ ଗୁଡ଼ିକ ଏକ କୁଇଣ୍ଟାଲରୁ ଦେଢ କୁଇଣ୍ଟାଲ ମଧ୍ୟରେ ରହିଛି। ହେଲେ ଉକ୍ତ ଚାରିଟି ମଧ୍ୟରୁ କାକଟ ମଙ୍ଗଳା ସର୍ବାଗ୍ରେ ଥିବାର ଜଣାପଡିଛି। ଏଥିପାଇଁ ପ୍ରଶାସନିକ ସ୍ତରରେ ମଧ୍ୟ କଡ଼ାସୁରକ୍ଷା ବ୍ୟବସ୍ଥାକରାଯାଇଛି। ଶୋଭାଯାତ୍ରାରେ ଅତ୍ୟଧିକ କଟୁଯୁକ୍ତ ଡ଼ିଜେ ଶବ୍ଦକୁ ଅନୁମତି ନଥିବା ବେଳେ ଜୋର ଜବରଦସ୍ତ ଚାନ୍ଦା ଆଦାୟ ବନ୍ଦ ନିମନ୍ତେ କଟକଣା କରାଯାଇଛି। ସେହିଭଳି ପ୍ରତ୍ୟେକ ପୂଜାମଣ୍ଡପ, ଛକଜାଗା ଏବଂ ଗହଳି ସ୍ଥାନ ମଧ୍ୟରେ ଆବଶ୍ୟକତା ଅନୁଯାଇ ଉଭୟ ମହିଳା ଓ ପୁରୁଷ ପୁଲିସ୍‌ଙ୍କୁ ମୁତୟନ କରାଯିବା ସହ ଏକପାଖିଆ ଯାନ ଚଳାଚଳପାଇଁ ଆଇନଶୃଙ୍ଖଳା ସ୍କ୍ୱାର୍ଡ଼ ବ୍ୟବସ୍ଥା ରହିବ ବୋଲି ଜାଣିବାକୁ ମିଳିଛି।





ପବିତ୍ର ଗଜଲକ୍ଷ୍ମୀ ଓ କାଳୀପୂଜା ଉପଲକ୍ଷେ
କେନ୍ଦ୍ରାପଡ଼ା ବାସୀଙ୍କୁ
ଆରୟନ୍ ଡ଼ାଇଗ୍ନୋଷ୍ଟିକ୍‌ର
ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା।
ବଳଗଣ୍ଡି (ମେଡ଼ିକାଲ ରୋଡ଼), କେନ୍ଦ୍ରାପଡ଼ା।
ମୋ. ନଂ-୮୦୧୮୦୦୪୫୧୪, ୭୯୭୮୩୮୯୧୫୫
ବି.ଦ୍ର.-ଏଠାରେ ସମସ୍ତ ପ୍ରକାର ଡ଼ାକ୍ତରୀ ପରୀକ୍ଷା ସୁବିଧାରେ କରାଯାଏ।




PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455




PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com
Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି